# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, January 23/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 61 | ମୂଲ୍ୟ₹୭/-




**ବିବାହ କଲେ ମେଘା**

ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍କଙ୍କୁ ବିବାହ କରିଛନ୍ତି। ୦୨

୧୪ **ଅର୍ଶଦୀପଙ୍କ ରେକର୍ଡ**

ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହେବାର ରେକର୍ଡ କରିଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# ଶୀତଳଭଣ୍ଡାର ପାଇଁ ୬୦% ପର୍ଯ୍ୟନ୍ତ ରିହାତି

ରାଜ୍ୟ କ୍ୟାବିନେଟ ବୁଧବାର ୧୦ଟି ପ୍ରସ୍ତାବ ଉପରେ ମୋହର ମାରିଛି। ପ୍ରତ୍ୟେକ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ସହ ନବୀକରଣ କଲେ ୫୦ରୁ ୬୦% ରିହାତି(ସବ୍‌ସିଡି) ବ୍ୟବସ୍ଥା ଘୋଷଣା କରାଯାଇଛି। ଏହାସହ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ଯେଭଳି ଖୁବ୍‌ଶୀଘ୍ର ପୂରଣ କରିବ, ସେନେଇ ତତ୍ପରତା ଦେଖାଉଥିବାବେଳେ ଆସନ୍ତା ବଜେଟ ପୂର୍ବରୁ କ୍ୟାବିନେଟର ଏହି ନିଷ୍ପତ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ପ୍ରତିଶ୍ରୁତି ପାଳନ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ମଧ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହୋଇଛି। ତେଣୁ ଷୋଡ଼ଶ ଅର୍ଥ କମିଶନଙ୍କଠାରୁ ରାଜ୍ୟ ପାଇଁ ୧୨,୬୫,୧୪୮ କୋଟି ଟଙ୍କାର ଦାବି କରାଯିବାକୁ କ୍ୟାବିନେଟରେ ସ୍ଥିର କରାଯାଇଛି।

## ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବରେ ମୋହର

### ୫ ହଜାର ଡାକ୍ତର ପଦବୀ ପୂରଣ ହେବ

ଭୁବନେଶ୍ୱର,୨୨।୧(ଅନିଲ ଦାସ)

ଶୀତଳଭଣ୍ଡାର ଅଭାବରୁ ରାଜ୍ୟରେ ଉତ୍ପାଦିତ ଖାଦ୍ୟଶସ୍ୟ ମହଜୁଦ ରଖିବା ନେଇ ସମସ୍ୟା ସୃଷ୍ଟି ହେଉଛି। ତିରୋଟ ସମୟରେ ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଦର ଆକାଶଛୁଆଁ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ସବ୍‌ଡିଭିଜନରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। 'ଶୀତଳଭଣ୍ଡାର ପାଇଁ ଆର୍ଥିକ ସହାୟତା' ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ ମିଳିଛି। ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଅତିକମ୍‌ରେ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଏହାଦ୍ୱାରା ରାଜ୍ୟର କୃଷକମାନଙ୍କୁ ସେମାନଙ୍କ ☞ପୃଷ୍ଠା-୪

## ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି ୧୫୭ ପୁରୁଷ

ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଅନେକ ପୁରୁଷ ଆବେଦନ କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ରାଜ୍ୟର ୧୫୭ ଜଣ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଯୋଜନାରେ ୧୫୭ ଜଣ ପୁରୁଷ ଆବେଦନ କରିଥିବା ବେଳେ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ପୁରୁଷମାନେ କାହିଁକି ଏହି ☞ପୃଷ୍ଠା-୪

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରେନ୍: ୧୧ ମୃତ

ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ଟ୍ରେନ୍ ଚକରୁ ହଠାତ୍ ଧୂଆଁ ବାହାରିବାରେ ଲାଗିଲା। ଟ୍ରେନ୍‌ରେ ନିଆଁ ଲାଗିଯାଇଛି ଭାବି ଅନେକ ଯାତ୍ରୀ ଏହାର ଚେନ୍ ଟାଣିବା ସହ ତଳକୁ ଡେଇଁ ପଡ଼ିଥିଲେ। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଟ୍ରାକ୍ ଉପରେ ଧାଉଁଥିବାବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଅନ୍ୟୂନ ୧୧ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଥିବା କୁହାଯାଉଛି। ମହାରାଷ୍ଟ୍ରର ପରନ୍ଦା ରେଳଷ୍ଟେଶନ ନିକଟରେ ବୁଧବାର ଅପରାହ୍ନରେ ଘଟିଥିବା ଏହି ଦୁର୍ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଗୁଜବରୁ ଟ୍ରାକ୍‌କୁ ଡେଇଁଥିଲେ

ଜଳଗାଓଁ,୨୨।୧(ପି.ଟି.)

ଉତ୍ତର ମହାରାଷ୍ଟ୍ରର ଜଳଗାଓଁ ଜିଲାରେ ବୁଧବାର ଅପରାହ୍ନ ୫ଟାରେ ଅକାରଣେ ୧୧ ଟ୍ରେନ୍ ଯାତ୍ରୀଙ୍କ ଜୀବନ ଯାଇଛି। ଲକ୍ଷ୍ନୌ-ମୁମ୍ବାଇ ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ମହେଜୀ ଓ ପରଧାଡ଼େ ଷ୍ଟେଶନ୍ ମଝିରେ ଉକ୍ତ ଟ୍ରେନ୍‌ରେ ନିଆଁ ଲାଗିଯାଇଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଫଳରେ କେତେଜଣ ଯାତ୍ରୀ ଆତଙ୍କିତ ହୋଇ ଏହାର ଚେନ୍‌କୁ ଟାଣିଥିଲେ। ଟ୍ରେନ୍ କିଛି ସମୟ ପାଇଁ ଅଟକିଯାଇଥିବାବେଳେ ୩୦ରୁ ୪୦ ଯାତ୍ରୀ ପ୍ରାଣ ବିକଳରେ ଟ୍ରାକ୍‌କୁ ଡେଇଁବାରେ ଲାଗିଲେ। ଏହି ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସଂସ୍କୃତି ଓ ସଙ୍ଗୀତ**







## ସଂକ୍ଷେପରେ

### ଏନ୍ଏଚ୍ଏମ୍ ଅବଧି ଆଉ ୫ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୨୨।୧(ପିଟି)

କେନ୍ଦ୍ର କ୍ୟାବିନେଟ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରିଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହି ଅନୁମୋଦନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଗୋୟଲ କହିଛନ୍ତି, ୨୦୨୧ରୁ ୨୦୨୨ ମଧ୍ୟରେ ଏନ୍ଏଚ୍ଏମ୍ରେ ପ୍ରାୟ ୧୨ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଛନ୍ତି। ସ୍ୱାସ୍ଥ୍ୟ ମିଶନ ଗତ ୧୦ ବର୍ଷରେ ଐତିହାସିକ ଟାର୍ଗେଟ ପୂରଣ କରିଛି। ମିଶନ ଅଧୀନରେ ଭାରତ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼ି ସଫଳ ହୋଇଥିଲା।

### ଇଡିକୁ ଲକ୍ଷେ ଟଙ୍କା ଜରିମାନା

ମୁମ୍ବାଇ, ୨୨।୧

ବିନା କୌଣସି ଠୋସ୍ ପ୍ରମାଣରେ ମୁମ୍ବାଇର ରିୟଲ ଇଷ୍ଟେଟ ଡେଭଲପର୍ ରାକେଶ ଜୈନଙ୍କ ବିରୋଧରେ ଅର୍ଥ ହେରଫେର ତଦନ୍ତ ଆରମ୍ଭ କରିଥିବାରୁ ମଙ୍ଗଳବାର ବମ୍ବେ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ଇଡି ପରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଆଇନର ଡାଞ୍ଚା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏକ ମାମଲାର ଶୁଣାଣିକରି ଜଷ୍ଟିସ୍ ମିଲିନ୍ଦ ଯାଦବଙ୍କ ଏକକ ବେଞ୍ଚ କହିଛନ୍ତି, ନାଗରିକମାନେ ଯେପରି ହଇରାଣ ନ ହୁଅନ୍ତି, ସେଥିପ୍ରତି ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ଦୃଢ଼ ବାର୍ତ୍ତା ପଠାଯିବାର ଆବଶ୍ୟକତା ରହିଛି। ଆଣ୍ଟି ମନି ଲଣ୍ଡରିଂ ଏଜେନ୍ସି ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ୨୦୧୪ ଅଗଷ୍ଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାକେଶଙ୍କୁ ଜାରି କରିଥିବା ନୋଟିସକୁ ଏହି ଅବସରରେ ହାଇକୋର୍ଟ ରଦ୍ଦ କରିଛନ୍ତି।

# ପ୍ରତି ୧୨ରେ ଜଣେ ଶିଶୁ ଶିକାର

## ଅନ୍ଲାଇନ ଯୌନ ଉତ୍ପୀଡ଼ନ

ନୂଆଦିଲ୍ଲୀ,୨୨।୧(ପି.ଟି.)



ଅନ୍ଲାଇନରେ ଶିଶୁ ଯୌନ ଉତ୍ପୀଡ଼ନ ମାମଲା ବଢ଼ିବାରେ ଲାଗିଛି। ୨୦୨୪ରେ ବିଶ୍ୱରେ ପ୍ରତି ୧୨ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍ ଜରିଆରେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଲାନ୍ସେଟ୍ ଚିଲ୍ଡ୍ରେନ୍ ଏବଂ ଆଡୋଲେସେଣ୍ଟ ହେଲ୍ଥ ଜର୍ନାଲରେ ପ୍ରକାଶ ପାଇଛି।

ବ୍ରିଟେନ୍ର ଏଡିନ୍ବର୍ଗ ଓ ଚାଇନା ଏଗ୍ରିକଲ୍ଚରାଲ ୟୁନିଭର୍ସିଟି ପକ୍ଷରୁ ୨୦୧୦ରୁ ୨୦୨୩ ମଧ୍ୟରେ ୧୨୩ଟି ଅଧ୍ୟୟନକୁ ସମୀକ୍ଷା କରାଯାଇଥିଲା। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ବିଶ୍ୱର ପ୍ରତି ୮ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍ରେ ଫଟୋଭିତ୍ତିକ ଯୌନ ଉତ୍ପୀଡ଼ନର ଶିକାର ହେଉଥିଲେ। ପ୍ରାୟ ସମାନ ସଂଖ୍ୟକ ଶିଶୁ ଅନ୍ଲାଇନ୍ ଲୋଭରେ ପଡ଼ି ଯୌନ କାର୍ଯ୍ୟକଳାପ ପ୍ରତି ଆକର୍ଷିତ ହେଉଥିଲେ। କିନ୍ତୁ ଗତବର୍ଷ ଏଭଳି ପିଲାଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଥିଲା ବୋଲି ଗବେଷକମାନେ ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ତେବେ ଦକ୍ଷିଣ ଏସିଆ ସମେତ କେତେକ ଅଞ୍ଚଳରେ ଏହାର ପ୍ରମାଣ ସୀମିତ କିମ୍ବା ଉପଲବ୍ଧ ହେଉ ନ ଥିବାରୁ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ଏହି ଟିମ୍ ପକ୍ଷରୁ କୁହାଯାଇଛି।

ବିଶେଷକରି ପୂର୍ବ ଏସିଆ, ଉତ୍ତର ଆଫ୍ରିକା, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଏସିଆରେ ଶିଶୁଙ୍କ ପ୍ରତି ହେଉଥିବା ଅନ୍ଲାଇନ ଯୌନ ଉତ୍ପୀଡ଼ନ ସମ୍ପର୍କିତ ତଥ୍ୟ ମିଳୁନାହିଁ। ଏହି କ୍ଷେତ୍ରଗୁଡ଼ିକରେ ବିଶ୍ୱ ଶିଶୁ ଜନସଂଖ୍ୟାର ଏକ ବଡ଼ ଭାଗ ବସବାସ କରୁଥିବାରୁ ଜାତୀୟ ସ୍ତରରେ ଏନେଇ ଉପଯୁକ୍ତ ଗବେଷଣାର ଆବଶ୍ୟକତା ରହିଥିବା ଟିମ୍ ଉଲ୍ଲେଖ କରିଛି। ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇଣ୍ଟରନେଟ ଜରିଆରେ ଯୌନ ଉତ୍ପୀଡ଼ନରୁ ପିଲାଙ୍କୁ ସୁରକ୍ଷା ଦେବା ପାଇଁ ଆଇନଗତ ପଦକ୍ଷେପ ଏବଂ ପ୍ରାରମ୍ଭିକ ନିରାକରଣ ଉଦ୍ୟମ ଜରୁରୀ। ରିପୋର୍ଟରେ ଅନ୍ଲାଇନ ଜରିଆରେ ଯୌନ ଉତ୍ପୀଡ଼ନ ଓ ଶୋଷଣକୁ ୪ ପ୍ରକାରରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଅନ୍ଲାଇନ ଯୌନ ଶୋଷଣ (ବିଶ୍ୱରେ ଯୌନ ଶୋଷଣର ୪.୭%), ସେକ୍ସୁଆଲ ଏକ୍ସଟର୍ସନ (୩.୫%), ଫଟୋଭିତ୍ତିକ ଯୌନ ଉତ୍ପୀଡ଼ନ ଓ ଯୌନ କ୍ରିୟା ପ୍ରତି ଲୋଭ। ପୂର୍ବରୁ ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ଶିକାର ହୋଇଥିବାବେଳେ ଗତବର୍ଷ ପ୍ରାୟ ସମାନ ପରିମାଣର ଝିଅ ଓ ପୁଅ ଏହାର ଶିକାର ହୋଇଥିବା ଉକ୍ତ ରିପୋର୍ଟ ଦର୍ଶାଇଛି।

# ଆମେରିକାରେ ହିମଝଡ଼: ୧୦ ମୃତ



ୱାଶିଂଟନ୍,୨୨।୧

### ୨,୧୦୦ ବିମାନ ଉଡ଼ାଣ ରଦ୍ଦ

ଆମେରିକାର ଦକ୍ଷିଣ ଭାଗରେ ଏକ ବିରଳ ହିମଝଡ଼ ସାଧାରଣ ଜୀବନ ଯାତ୍ରାକୁ ବ୍ୟାହତ କରିଦେଇଛି। ତୁହାକୁ ତୁହା ତୁଷାରପାତ ଯୋଗୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨,୧୦୦ରୁ ଅଧିକ ବିମାନ ଉଡ଼ାଣକୁ ରଦ୍ଦକରି ଦିଆଯାଇଛି। ବିଶେଷକରି ମିସିସିପି, ଅଲ୍ବାମା, ଫ୍ଲୋରିଡା, ଜର୍ଜିଆ ଓ ଲୁଇଜିଆନାରେ ଏହାର ପ୍ରକୋପ ସର୍ବାଧିକ ଥିବାରୁ ଏମର୍ଜେନ୍ସି ଘୋଷଣା କରାଯାଇଛି।

ଟେକ୍ସାସ୍-ଲୁଇଜିଆନା ସୀମା ନିକଟ ଉପକୂଳ କାଉଣ୍ଟିଗୁଡ଼ିକରେ ଏହାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇଛି। ନ୍ୟୁଓଲିଆନ୍ସ ଓ ହ୍ୟୁଷ୍ଟନ୍ ସମେତ ଅନେକ ସହର ସମ୍ପୂର୍ଣ୍ଣ ହିମ ଆଚ୍ଛାଦିତ ହୋଇଯାଇଛି। ମନେହେଉଛି ସତେଯେମିତି ସହର ଧବଳ ଚାଦର ଘୋଡ଼େଇ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ, ରାଜପଥଗୁଡ଼ିକୁ ବନ୍ଦ କରିଦିଆଯାଇଛି। ନ୍ୟୁଓଲିଆନ୍ସରେ ୧୯୬୩ର ରେକର୍ଡଭାଙ୍ଗି ୭ରୁ ୮ ଇଞ୍ଚ ବହଳ ବରଫ ପଡ଼ିଛି। ଆଗକୁ ସାଉଥ୍ ଟେକ୍ସାସ୍ରୁ ଫ୍ଲୋରିଡାସ୍ଥିତ ଜ୍ୟାକ୍ସନଭିଲେ ପର୍ଯ୍ୟନ୍ତ ତୁଷାରବର୍ଷା ହେବା ନେଇ ନ୍ୟାଶନାଲ ୱେଦର ସର୍ଭିସ୍ (ଏନ୍ଡବ୍ଲ୍ୟୁଏସ୍) ପକ୍ଷରୁ ସତର୍କ କରାଯାଇଛି।

# ସଞ୍ଜୟଙ୍କୁ ଫାଶୀ ପାଇଁ ହାଇକୋର୍ଟ ଯିବ ସିବିଆଇ

ନୂଆଦିଲ୍ଲୀ, ୨୨।୧

କୋଲକାତାର ଆର.ଜି. କର୍ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ସିଆଲଦା ସେସନ୍ସ କୋର୍ଟ ଯାବତଜୀବନ କାରାଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ଏବଂ ସଞ୍ଜୟ ରାୟଙ୍କୁ ଫାଶୀ ଦଣ୍ଡ ଦାବିରେ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଖୁବ୍ଶୀଘ୍ର କାଲକାଟା ହାଇକୋର୍ଟରେ ଆବେଦନ କରିବ। ଏହାପୂର୍ବରୁ ସଞ୍ଜୟଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଉ ବୋଲି ଦାବି କରି ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ସିବିଆଇ ପକ୍ଷରୁ ହାଇକୋର୍ଟରେ ମମତାଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ବିରୋଧ କରାଯାଇଛି। କେବଳ ମାମଲାର ତଦନ୍ତ କରୁଥିବା ଏଜେନ୍ସି ହିଁ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରିପାରିବ ବୋଲି ସିବିଆଇ କହିଛି। ଆସନ୍ତା ୨୭ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ। ଜଷ୍ଟିସ୍ ଦିବ୍ୟାଶୁଂ ବସାକଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରଙ୍କ ଆବେଦନକୁ ସ୍ୱୀକାର କରିବା ପୂର୍ବରୁ ହାଇକୋର୍ଟ ପ୍ରଥମେ ସିବିଆଇ, ପୀଡ଼ିତାଙ୍କ ପରିବାର ଓ ଦୋଷୀଙ୍କ ଓକିଲଙ୍କର ଯୁକ୍ତି ଶୁଣିବେ।



ପ୍ରୟାଗରାଜର ସଙ୍ଗମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ୍ ସହଯୋଗୀମାନେ ମହାକୁମ୍ଭ ମେଳା ଅବସରରେ ବୁଡ଼ ପକାଉଛନ୍ତି।

# ନିଜ ଡିଏସ୍ପିଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୨୨।୧

ଏକ ଲାଞ୍ଚ ମାମଲାରେ ସିବିଆଇ ଏହାର ଡିଏସ୍ପି ବଲ୍ବୀର ଶର୍ମାଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଇଡିର ସହକାରୀ ନିର୍ଦ୍ଦେଶକ ବିଶାଲ ଦୀପ୍ଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ହିମାଚଳପ୍ରଦେଶରେ ଶିକ୍ଷାବୃତ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ଇଡି ଅଧିକାରୀ ବିଶାଲ ଏକ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ୧.୧ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ। କଥାବାର୍ତ୍ତା ପରେ ୬୦ ଲକ୍ଷ ଦେବା ପାଇଁ ସ୍ଥିର ହୋଇଥିଲା। ଏହି କଥାବାର୍ତ୍ତାର ରେକର୍ଡିଂ ଅଭିଯୋଗକାରୀ ସିବିଆଇରେ ଦାଖଲ କରିଥିଲେ।

# କ୍ରିଉ ମଡ୍ୟୁଲ ଲଞ୍ଚ୍ କଲା ଇସ୍ରୋ

## ଗଗନଯାନ ମିଶନ ଦିଗରେ ସଫଳତା

ବେଙ୍ଗାଲୁରୁ, ୨୨।୧



ଗଗନଯାନ ମିଶନକୁ ନେଇ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)କୁ ବୁଧବାର ସଫଳତା ମିଳିଛି। ଇସ୍ରୋର ଲିକ୍ୟୁଡ୍ ପ୍ରପଲ୍ସନ ସିଷ୍ଟମ ସେଣ୍ଟର(ଏଲ୍ପିଏସ୍ସି) ତରଳ ପ୍ରବୃତ୍ତି ପ୍ରଣାଳୀକୁ ସମାପ୍ତ କରିବା ପରେ ଗଗନଯାନର ପ୍ରଥମ ମାନବ ବାହୀନ ମିଶନ ପାଇଁ କ୍ରିଉ ମଡେଲକୁ ମହାକାଶ ପଠାଇଛି। ଗଗନଯାନ ମିଶନ ଅଧୀନରେ ଇସ୍ରୋ ଜଣେ କ୍ରିଉ ସଦସ୍ୟଙ୍କୁ ମହାକାଶ ପଠାଇବା ପୂର୍ବରୁ ଏକ ମାନବ ବିହୀନ ମିଶନ ମହାକାଶକୁ ପଠାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱାନ ସ୍ପେସ୍ ସେଣ୍ଟରରୁ ଉକ୍ତ କ୍ରିଉ ମଡେଲକୁ ବେଙ୍ଗାଲୁରୁସ୍ଥିତ ଏଲ୍ପିଏସ୍ସି ପକ୍ଷରୁ ଲଞ୍ଚ୍ କରାଯାଇଛି। ମହାକାଶକୁ ପଠାଯାଇଥିବା କ୍ରିଉ ମଡ୍ୟୁଲ ପ୍ରପଲ୍ଶନ ସିଷ୍ଟମ (ସିଏମ୍ପିଏସ୍) ହେଉଛି ଏକ ବାଇ ପ୍ରୋପେଲାଣ୍ଟ ଆଧାରିତ ପ୍ରତିକ୍ରିୟା ନିୟନ୍ତ୍ରଣ ସିଷ୍ଟମ(ଆର୍ସିଏସ୍)। କ୍ରିଉ ମଡ୍ୟୁଲର ସଠିକ୍ ୩ ଅକ୍ଷ ନିୟନ୍ତ୍ରଣ (ପିଚ୍, ୟ, ଏବଂ ରୋଲ୍) ପାଇଁ ଏହା ଉଦ୍ଦିଷ୍ଟ।

# ମହାକାଶରୁ ମହାକୁମ୍ଭ ମେଳା ଫଟୋ

ନୂଆଦିଲ୍ଲୀ, ୨୨।୧




ପ୍ରତି ୧୨ ବର୍ଷରେ ଥରେ ଆୟୋଜନ ହେଉଥିବା ବିଶ୍ୱର ସବୁଠୁ ବଡ଼ ଧାର୍ମିକ ସମାରୋହ ମହାକୁମ୍ଭ ମେଳା ଗତ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହୋଇଛି। ତେବେ ଉନ୍ନତ ଜ୍ଞାନ କୌଶଳର ବ୍ୟବହାର କରି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ଏକ ରାଡାର ଇମେଜିଂ ସାଟେଲାଇଟ୍ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାର ଫଟୋ ପଠାଇଛି। ହାଇଦ୍ରାବାଦରେ ଥିବା ଇସ୍ରୋର ଜାତୀୟ ରିମୋର୍ଟ ସେନ୍ସିଂ ସେଣ୍ଟର (ଏନ୍ଆର୍ଏସ୍ସି) ପକ୍ଷରୁ 'ରାଡାରସେଟ-ରିସାଟ ୧ଏ' ଦ୍ୱାରା ମହାକାଶରୁ ନିଆଯାଇଥିବା ୨ଟି ସାଟେଲାଇଟ୍ ଫଟୋକୁ ବୁଧବାର ଜାରି କରାଯାଇଛି। ଉନ୍ନତ ଜ୍ଞାନ କୌଶଳରେ ନିର୍ମିତ ରାଡାରସେଟ୍ ଦ୍ୱାରା ବାଦଲ ମଧ୍ୟରେ ମଧ୍ୟ ବିଭିନ୍ନ ସ୍ଥାନର ସାଟେଲାଇଟ୍ ଫଟୋ ନିଆଯାଇପାରୁଥିବା ଏନ୍ଆର୍ଏସ୍ସିର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚୌହାନ କହିଛନ୍ତି। ଏନ୍ଆର୍ଏସ୍ସି ପକ୍ଷରୁ ଜାରି ସାଟେଲାଇଟ୍ ଚିତ୍ରରେ ମହାକୁମ୍ଭରେ ନିର୍ମିତ ଅସ୍ଥାୟୀ ଟେଣ୍ଟ ସିଟି, ନଦୀ ଉପରେ ନିର୍ମିତ ପାଣ୍ଟୁନ ବ୍ରିଜ୍ ଓ ସଙ୍ଗମ ଆଦି ଦୃଶ୍ୟମାନ ହେଉଛି। ସେହିପରି ମେଳାରେ ନିର୍ମିତ ବିଶାଳ ଡାଞ୍ଚାକୁ ମଧ୍ୟ ଏହି ଫଟୋରେ ଦେଖିବାକୁ ମିଳିଛି। ସାଟେଲାଇଟ୍ ଚିତ୍ରରେ ପ୍ରୟାଗରାଜର ପରେଡ ଗ୍ରାଉଣ୍ଡ ସହ ନୂତନ ଶିବାଳୟ ପାର୍କର ନିର୍ମାଣ କାର୍ଯ୍ୟ ମଧ୍ୟ ସ୍ଥାନ ପାଇଛି। ଏନ୍ଆର୍ଏସ୍ସି ପକ୍ଷରୁ ଶେୟାର କରାଯାଇଥିବା ଗୋଟିଏ ଫଟୋ ୨୦୨୩ ସେପ୍ଟେମ୍ବର ୧୫ (ମହାକୁମ୍ଭମେଳା ଆୟୋଜନ ପୂର୍ବର) ହୋଇଥିବା ବେଳେ ଅନ୍ୟ ଫଟୋଟି ୨୦୨୪ ଡିସେମ୍ବର ୨୯ର (ମହାକୁମ୍ଭର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା ସମୟରେ) ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ବିଭିନ୍ନ ନୂତନ ଜ୍ଞାନ କୌଶଳ ଦ୍ୱାରା ଇସ୍ରୋ ପକ୍ଷରୁ ଜାରି ହେଉଥିବା ସାଟେଲାଇଟ୍ ଫଟୋଗୁଡ଼ିକର ସହାୟତାରେ ମହାକୁମ୍ଭ ମେଳାର ପରିଚାଳନା ସମେତ ବିପର୍ଯ୍ୟୟ ଓ ଦଳାଚକଟାକୁ ରୋକିବା ଦିଗରେ ସ୍ଥାନୀୟ ପ୍ରଶାସନକୁ ସହାୟତା ମିଳୁଛି। ପ୍ରକାଶ ଯେ, ୪୫ ଦିନ ଧରି ଜାରି ରହିବାକୁ ଥିବା ମହାକୁମ୍ଭ ମେଳା ଆସନ୍ତା ଫେବୃଆରୀ ୨୬ରେ ଶେଷ ହେବ।

## ଫୁରସତ୍

# ସ୍କୁଲ ଡ୍ରାମାରେ ବିବାହ, ୨୦ ବର୍ଷ ପରେ ଜୀବନସାଥୀ

ଶାଂଘାଇ

ଚାଇନାର ଗୁଆଙ୍ଗଡୋଙ୍ଗ୍ ପ୍ରଦେଶର ଚାଓଝୋଉ ଅଞ୍ଚଳରେ ରହୁଥିବା ଜେଙ୍ଗ୍(୨୫) ଓ ତାଙ୍କ ସ୍ତ୍ରୀ ୨୦୦୫ରେ ମାତ୍ର ୫ ବର୍ଷର ହୋଇଥିବା ବେଳେ ସେମାନେ ପଢୁଥିବା କିଣ୍ଡରଗାର୍ଟେନ୍ ସ୍କୁଲରେ ଏକ ଡ୍ରାମା ଅନୁଷ୍ଠିତ ହୋଇଥିଲା। ଏହି ଡ୍ରାମାରେ ସେମାନଙ୍କର ବିବାହ ହୋଇଥିଲା। ଏହାର କିଛି ମାସ ପରେ ଉଭୟଙ୍କର କିଣ୍ଡରଗାର୍ଟେନ୍ ପଢା ସମାପ୍ତ ହୋଇଯାଇଥିଲା ଓ ସେମାନେ ଅଲଗା ହୋଇଯାଇଥିଲେ। ତେବେ ୨୦୨୨ରେ ଜେଙ୍ଗ୍ଙ୍କର କିଛି ପୁରୁଣା କିଣ୍ଡରଗାର୍ଟେନ୍ ବନ୍ଧୁ ତାଙ୍କର ପୁରୁଣା ଡ୍ରାମା ଅଭିନୟ ଭିଡିଓକୁ ଶେୟାର କରିଥିଲେ। ଏହି ଭିଡିଓ ଦେଖି ଜେଙ୍ଗ୍ଙ୍କର ମା' ଝିଅଟିକୁ ଖୋଜି ବାହା ହୋଇଯିବାକୁ ଥଟ୍ଟାରେ କହିଥିଲେ। ଜେଙ୍ଗ୍ ଏହି କଥାକୁ ଗୁରୁତ୍ୱର ସହ ନେଇଥିଲେ। ସେ ତାଙ୍କ ପୁରୁଣା କିଣ୍ଡରଗାର୍ଟେନ୍ ଶିକ୍ଷୟିତ୍ରୀଙ୍କ ସହାୟତାରେ ପିଲାବେଳେ ତାଙ୍କ ସ୍ତ୍ରୀ ଭାବେ ଅଭିନୟ କରିଥିବା ସହପାଠୀଙ୍କ ଠିକଣା ଖୋଜି ପାଇଥିଲେ। ଦୁହେଁ ପରସ୍ପରକୁ ଭେଟିବା ସହ ଭଲପାଇ ବିବାହ କରିଥିଲେ।



# ବିବାହ କଲେ ମେଘା

ଜମ୍ମୁ

ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍ଲଙ୍କୁ ବିବାହ କରିଛନ୍ତି। ମେଘା ତାଙ୍କ ଇନ୍ଷ୍ଟାଗ୍ରାମରେ ନିଜ ବିବାହର କିଛି ଫଟୋ ଶେୟାର କରିଛନ୍ତି। ସେ କ୍ୟାପ୍ଶନ୍ରେ ଲେଖିଛନ୍ତି, '' ମିଳିତ ଭାବେ ଆମେ ନୂତନ ଜୀବନ ଆରମ୍ଭ କଲୁ। ପ୍ରେମ, ହସ ଓ ଆନନ୍ଦର ସହ ଏକତ୍ର ଭାବେ ଜୀବନ ବିତାଇବାକୁ ଆମେ ପ୍ରତିଜ୍ଞା ନେଇଛୁ। ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ''। ମେଘା ଏହି ପୋଷ୍ଟରେ ସାହିଲଙ୍କୁ ଟ୍ୟାଗ କରିଥିଲେ। ଅନେକ ସେଲିବ୍ରିଟି ଓ ମେଘାଙ୍କର ବହୁ ପ୍ରଶଂସକ ଏହି ପୋଷ୍ଟରେ କମେଣ୍ଟ କରି ନବ ବିବାହିତ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିବାହରେ ମେଘା ନାଲି ରଙ୍ଗର ଲେହଙ୍ଗା ପିନ୍ଧିଥିବା ସହ ହାର, କାନ ଫୁଲ ଆଦି ବିଭିନ୍ନ ଆଭୂଷଣ ସହ ସୁନ୍ଦର ଭାବେ ସଜ୍ଜିତ ହୋଇଥିଲେ। ସେହିପରି ସାହିଲ ଏକ କ୍ରିମ୍ ରଙ୍ଗର ଶେରୱାନି ପିନ୍ଧିଥିଲେ। ୨୦୨୦ର ଟିଭି ଧାରାବାହିକ 'କାଟେଲାଲ୍ ଆଣ୍ଡ୍ ସନ୍ସ'ର ସେଟ୍ରେ ପ୍ରଥମଥର ପାଇଁ ମେଘା ଓ ସାହିଲ ପରସ୍ପରକୁ ଭେଟିଥିଲେ। ଏହାପରଠାରୁ ଉଭୟେ ଭଲ ବନ୍ଧୁ ହୋଇଯାଇଥିଲେ। ନୂଆବର୍ଷ ୨୦୨୫ ଉପଲକ୍ଷେ ସାହିଲ ମେଘାଙ୍କୁ ବିବାହ ପାଇଁ ପ୍ରପୋଜ କରିଥିଲେ।



# ସେଲ୍ଫି ନିଅ, ୧୦୦ ଟଙ୍କା ଦିଅ

ନୂଆଦିଲ୍ଲୀ

ଭାରତରେ ସାଧାରଣତଃ ଲୋକମାନେ ବିଦେଶୀ/ବିଦେଶିନୀଙ୍କ ସହ ଫଟୋ ଉଠାଇବାକୁ ଆଗ୍ରହ ଦେଖାଇଥାନ୍ତି। ତେବେ ନିଜ ଭାରତ ଗସ୍ତ ସମୟରେ ସେଲ୍ଫି ପାଇଁ ଲଗାତର ଭାବେ ଆସୁଥିବା ଅନୁରୋଧରେ ଅତିଷ୍ଠ ହୋଇ ରୁଷୀୟ ମହିଳା ଆଞ୍ଜେଲି ନାଲି ଏହାର ଏକ ଚମତ୍କାର ସମାଧାନ ବାହାର କରିଛନ୍ତି। ସେ ତାଙ୍କଠାରୁ ସେଲ୍ଫି ନେବାକୁ ଇଚ୍ଛୁକ ଭାରତୀୟଙ୍କଠାରୁ ୧୦୦ ଟଙ୍କା ଚାର୍ଜ କରୁଛନ୍ତି। ଏହାର ଏକ ଭିଡିଓକୁ ଆଞ୍ଜେଲି ନିଜ ଇନ୍ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଆଞ୍ଜେଲି କହିଛନ୍ତି, ସେ ଯେବେ ବି ଭ୍ରମଣ ପାଇଁ ଭାରତ ଆସନ୍ତି, 'ମାଡାମ ପ୍ଲିଜ୍ ଗୋଟିଏ ଫଟୋ' ଏପରି କହି ସ୍ଥାନୀୟ ଲୋକେ ତାଙ୍କ ସହ ଫଟୋ ଉଠାଇବାକୁ ଅନୁରୋଧ କରିଥାନ୍ତି। ଲଗାତର ଭାବେ ଏପରି ଅନୁରୋଧ ଆସିବା ବିରକ୍ତିକର ହୋଇଥାଏ ବୋଲି ଆଞ୍ଜେଲି କହିଛନ୍ତି। କୌଣସି ପର୍ଯ୍ୟଟନ ସ୍ଥାନକୁ ଯିବା ସମୟରେ ଆଞ୍ଜେଲି ନିଜ ସହ ଏକ ସାଇନବୋର୍ଡ ନେଇ ଯାଉଛନ୍ତି, ଯେଉଁଥିରେ ଲେଖା ହୋଇଛି, ଗୋଟିଏ ସେଲ୍ଫିକୁ ୧୦୦ ଟଙ୍କା।






# କରଞ୍ଜିଆରୁ ଉଦ୍ଧାର ହାତୀଛୁଆ ମୃତ

## ପକ୍ଷାଘାତରେ ପୀଡ଼ିତ ଥିଲା

ବାରଙ୍ଗ/ତ୍ରିଶୂଳିଆ,୨୨।୧
(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)

ମୟୂରଭଞ୍ଜ କରଞ୍ଜିଆ ଡିଭିଜନରୁ ଗତ ୬ ତାରିଖରେ ଉଦ୍ଧାର ହୋଇ ଆସିଥିବା ୫-୬ ବର୍ଷୀୟ ଅଣ୍ଡିରା ହାତୀଛୁଆର ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦନକାନନରେ ମୃତ୍ୟୁ ଘଟିଛି। ହାତୀଟି ଏକ ମୋରମ ଖଣିରେ ପଡ଼ି ଯାଇଥିବାବେଳେ ମେରୁଦଣ୍ଡରେ ଆଘାତ ଲାଗି ତା' ପଛଗୋଡ଼ ୨ଟି କାମ କରୁ ନ ଥିଲା। ଫଳରେ ସେ ଛିଡ଼ା ହେବାକୁ ସକ୍ଷମ ହୋଇପାରୁ ନ ଥିଲା। ନନ୍ଦନକାନନ ଚିକିତ୍ସାଳୟରେ ପହଞ୍ଚିବା ପରେ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞ ହାତୀଛୁଆର ରକ୍ତ ପରୀକ୍ଷା ସହ ଏକ୍ସ-ରେ କରିଥିଲେ। ପରୀକ୍ଷା ରିପୋର୍ଟରୁ ସେ ପକ୍ଷାଘାତରେ ଆକ୍ରାନ୍ତ ହେଇଥିବା ଜଣାପଡ଼ିଥିଲା। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଏକ ସ୍ଲିଙ୍ଗ୍‌ରେ ହାତୀର ପାଦକୁ ଓହଳାଇ ରଖାଯାଇଥିଲା। ଅସୁସ୍ଥ ହାତୀଟି ଘାସ, ଗଛ ପତ୍ର ଏବଂ କଦଳୀ



ଗଛ ଖାଉଥିଲେ ମଧ୍ୟ ଠିକ୍ ଭାବେ ମଳତ୍ୟାଗ କରିପାରୁ ନ ଥିଲା। ଫଳରେ ନିୟମିତ ବ୍ୟବଧାନରେ ପ୍ରାଣୀ ଚିକିତ୍ସକ ତା' ମଳକୁ ବାହାର କରୁଥିଲେ। ହାତୀକୁ ଛିଡ଼ା କରିବାକୁ ବହୁତ ଉଦ୍ୟମ କରାଯାଇଥିଲେ ମଧ୍ୟ ଶେଷରେ ବିଫଳ ହେବାକୁ ପଡ଼ିଥିଲା। ନନ୍ଦନକାନନ ସ୍ୱାସ୍ଥ୍ୟ କମିଟି ପକ୍ଷରୁ ୬ ଓ ୧୬ ତାରିଖ ୨ ଦିନ ଧରି ଅନୁଧ୍ୟାନ କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ସୁଧାର ଆସି ନ ଥିଲା। ପ୍ରାଣୀ ଚିକିତ୍ସକ ଦଳ ଏବଂ ବିଶେଷଜ୍ଞଙ୍କ ପ୍ରୟାସ ସତ୍ତ୍ୱେ ହାତୀର ଅବସ୍ଥାରେ ଉନ୍ନତି ହୋଇ ନ ଥିଲା। ଶେଷରେ ହାତୀଟିର ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା।




ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ

# ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ଟିକେଟ

ଭୁବନେଶ୍ୱର, ୨୨।୧
(ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଫେବୃଆରୀ ୯ରେ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ବୁଧବାର ପୁରୀ ଯାଇ ଏହି ମ୍ୟାଚର ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ବାରବାଟୀରେ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ଯେପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ସଞ୍ଜୟ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଏହି ଅବସରରେ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ କିଣିଲେ ଗ୍ୟାଲେରି ଟିକେଟ

ବାରବାଟୀରେ ହେବାକୁଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଏକ ଗ୍ୟାଲେରି ଟିକେଟ କ୍ରୟ କରିଛନ୍ତି। ଏହି ଅବସରରେ ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବେ ଉକ୍ତ ଅନ୍ତର୍ଜାତୀୟ ମ୍ୟାଚର ଟିକେଟ ପ୍ରଥମେ ଅନ୍‌ଲାଇନ୍ ଓ ପରେ କାଉଣ୍ଟରରେ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ।

# ଆଜିଠାରୁ ଖୋଲିବ ଭିତରକନିକା

ରାଜନଗର, ୨୨।୧
(ଭାସ୍କର ରାଉତରାୟ)

ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଲାଗି ୧୪ରୁ ୨୨ ତାରିଖ ଯାଏ ଭିତରକନିକା ବନ୍ଦ ରହିଥିଲା। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବିଦେଶୀ ପକ୍ଷୀ ଓ ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଗୁରୁବାରଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ନୌସେନା ଅଫିସର ନିଖୋଜ

## ରାସ୍ତାରୁ ଆଇଡି କାର୍ଡ, ଇଚ୍ଛାପୁର ଷ୍ଟେଶନରୁ ମିଳିଛି ସିସିଟିଭି ଫୁଟେଜ

ବ୍ରହ୍ମପୁର,୨୨।୧
(ସବାସ ଚନ୍ଦ୍ର ପାଢ଼ୀ)

କେରଳର କୋଚି ଆଇଏଏସ୍ ଗରୁଡ଼ାରେ କାର୍ଯ୍ୟରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବା ଜଣେ ନୌସେନା ଅଫିସର ଗତ ୧୯ ତାରିଖରୁ ନିଖୋଜ ଅଛନ୍ତି। ସେ ହେଲେ ବ୍ରହ୍ମପୁର ଗେଟ୍ ବଜାରର ସୌରଭ କୁମାର ପାତ୍ର (୨୫)। ସୌରଭ ଏ ପର୍ଯ୍ୟନ୍ତ ଆଇଏନ୍‌ଏସ୍ ଗରୁଡ଼ାରେ ପହଞ୍ଚି ନାହାନ୍ତି କି ତାଙ୍କର କୌଣସି ସନ୍ଧାନ ମିଳୁ ନ ଥିବା ତାଙ୍କ ମା' ନିଓ ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ଖୋଜି ଆଣିବାକୁ ପୋଲିସ ଓ ନୌସେନାକୁ ନିବେଦନ କରିଛନ୍ତି। ପୋଲିସ ଏ ନେଇ ଏମ୍‌ଏମ୍‌ଆର ୦୨/୨୫ରେ ଷ୍ଟେଶନ ଡାଏରୀ କରିଛି। ସୌରଭଙ୍କର ଲୋକେଶନ ଜାଣିବା ପାଇଁ ଟ୍ରାକିଂ ଜାରି ରଖିଛି। ଶେଷ ମୋବାଇଲ ଲୋକେଶନ ଇଚ୍ଛାପୁରମ୍ ଥିବା ଜଣାପଡିଛି।

ସୌରଭଙ୍କ ଭାଇ ସମୀରଙ୍କ



ସୌରଭ କୁମାର ପାତ୍ର

ସୂଚନା ପ୍ରକାରେ, ୨୦୧୯ରୁ ସୌରଭ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳର କୋଚି ଆଇଏନଏସ ଗରୁଡ଼ାରେ ତାଙ୍କର ନିଯୁକ୍ତି ଥିଲା। ୨୦୨୪ ଡିସେମ୍ବର ୨୮ ତାରିଖରେ ସେ ଘରକୁ ଛୁଟିରେ ଆସିଥିଲେ। ଜାନୁଆରୀ ୧୯ ତାରିଖରେ କୋଚି ଫେରିବାର ଥିଲା। ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିଶାଖାପାଟଣା ଯାଇ ସେଠାରୁ କୋଚିକୁ ଫ୍ଲାଇଟ ଟିକେଟ ହୋଇଥିଲା। ସମୀର କହିଛନ୍ତି ଯେ, ୧୮ ତାରିଖ ରାତି ୩ଟାରେ ପରିବାର ଲୋକେ ବ୍ରହ୍ମପୁର ଷ୍ଟେଶନରେ ସୌରଭଙ୍କୁ ଟ୍ରେନ୍‌ରେ ବସାଇଥିଲେ। ଅପରାହ୍ଣରେ ତାଙ୍କର ଫ୍ଲାଇଟ ଥିଲା। ବ୍ରହ୍ମପୁରରୁ ଯିବା ପରେ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ବିଶାଖାପାଟଣା ଏୟାର ପୋର୍ଟରେ ସୌରଭଙ୍କୁ ଖୋଜିଥିଲେ। କିନ୍ତୁ ସେ ସେଠାରେ ସେ ଚେକ୍ ଇନ କରି ନ ଥିବା ଜଣାପଡିଥିଲା। ଏହାପରେ କୋଚି ଆଇଏଏସ ଗରୁଡ଼ାର ଅଧିକାରୀଙ୍କ ସହ କଥା ହୋଇଥିଲେ ପରିବାର ଲୋକେ। ସୌରଭ ସେଠାରେ ବି ନ ଥିବା ଅଧିକାରୀ ଫୋନ୍‌ରେ ଜଣାଇଥିବା ସମୀର କହିଛନ୍ତି। ପୋଲିସ ସୌରଭଙ୍କ ମୋବାଇଲ ଲୋକେଶନ ଯାଞ୍ଚ କରିଥିଲା। ଇଚ୍ଛାପୁରମ ତାଙ୍କର ଶେଷ ମୋବାଇଲ ଲୋକେଶନ ଥିବା ଜଣାପଡିଛି। ସୌରଭଙ୍କୁ ଅପହରଣ କରାଯାଇଛି ନା ସେ କେଉଁଆଡେ ଚାଲିଯାଇଛନ୍ତି ତାହା ଏବେ ତଦନ୍ତ କରୁଛି ପୋଲିସ। ଟାଉନ ଥାନା ଆଇଆଇସି ସୌଭାଗ୍ୟ ସ୍ୱାଇଁ କହିଛନ୍ତି, ଅଭିଯୋଗ ପରେ ସୌରଭଙ୍କୁ ଖୋଜାଖୋଜି କରାଯାଉଛି। ବିଶାଖାପାଟଣା ଏୟାର ପୋର୍ଟ ଅଥରିଟିଙ୍କ ସହ ଯୋଗାଯୋଗ ସହ ବିଭିନ୍ନ ଥାନାକୁ ସୌରଭଙ୍କ ଫଟୋ ପଠାଯାଇଛି ବୋଲି ସେ କହିଛନ୍ତି। ରେଳ ଧାରଣା କଡ଼ରୁ ନୌସେନା ଅଧିକାରୀ ସୌରଭଙ୍କ ଆଇଡି କାର୍ଡ ମିଳିଛି। ସେହିପରି ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ରେଳଷ୍ଟେଶନରୁ ସେ ବାହାରକୁ ଆସିଥିବା ସିସିଟିଭି ଫୁଟେଜ ପୋଲିସର ହସ୍ତଗତ ହୋଇଛି। ସୌରଭଙ୍କ ଘରେ ତାଙ୍କର ଲାପଟପ ରହିଥିବା ମଧ୍ୟ ଜଣାପଡିଛି। ବଡ଼ବଜାର ପୋଲିସ ଓ ରେଳବାଇ ପୋଲିସ ପକ୍ଷରୁ ତାଙ୍କର ଗତିବିଧି ଉପରେ ଲଗାତାର ଟ୍ରାକିଂ କରାଯାଉଛି ବୋଲି ଟାଉନ ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।




# କମିଲା ଶୀତ, ବଢ଼ିଲା ତାତି

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)

ଜାନୁଆରୀ ନ ସରୁଣୁ ହଠାତ୍ ପାରଦ ଉପରମୁହାଁ ହୋଇଛି। ଶୀତ ଗାଏବ୍ ହୋଇଯାଇଥିବାବେଳେ ରାତିରେ କୁହୁଡ଼ି ଓ ଦିନରେ ଖରା ଡରାଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ଭାବେ ରାତି ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକ ରହିଛି। ଗୋଟିଏ ଦୁଇଟି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଓ ଆଉକିଛି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ବୁଧବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୪ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିଭଳି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତା ୩ଦିନରେ କେତେକ ସ୍ଥାନରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ବୃଦ୍ଧି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର ଭଦ୍ରକ ଜିଲାର କିଛି ସ୍ଥାନରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା। ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପ୍ରଭାବ ରହିଥିଲା। ୨୪ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

# ତୀର୍ଥଯାତ୍ରୀ ବସ୍‌ରେ ନିଆଁ

ଭଦ୍ରକ, ୨୨।୧
(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ନଳାଙ୍ଗ ଛକଠାରେ ଏକ ତୀର୍ଥଯାତ୍ରୀ ବସ୍‌ରେ ବୁଧବାର ଅପରାହ୍ଣରେ ନିଆଁ ଲାଗି ଯାଇଥିଲା। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶ୍ରୀରାମଜୀ (ନଂ. ଓଡି ୦୫ ବିସି ୬୦୭୧) ନାମକ ଭଲ୍‌ଭୋ ବସ୍ ବାଲେଶ୍ୱରରୁ



ବସ୍‌ରୁ ନିଆଁ ଲିଭାଉଛନ୍ତି।

ପୁରୀ ଅଭିମୁଖେ ୪୦ ଯାତ୍ରୀଙ୍କୁ ନେଇ ଯାଉଥିଲେ। ନଳାଙ୍ଗ ଛକ ନିକଟରେ ଏସି କମ୍ପ୍ରେସରରୁ ଧୂଆଁ ବାହାରିବା ଦେଖି ଚାଳକ ବସ୍‌କୁ ଅଟକାଇଥିଲେ। ସମସ୍ତ ଯାତ୍ରୀ ବସ୍‌ରୁ ଓହ୍ଲାଇ ଯାଇଥିଲେ। ବସ୍ କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁ ଲିଭାଇଥିଲେ। ଖବର ପାଇ ଭଦ୍ରକ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନ୍ୟ ଏକ ବସ୍‌ରେ ଯାତ୍ରୀମାନଙ୍କୁ ପୁରୀ ପଠାଇଥିବା ଜଣାପଡ଼ିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନବୋଦୟ ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ସ୍ଥାନ: ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳ, ଭିଏସ୍ଏସ୍ ନଗର, ସମୟ: ସକାଳ ୭ଟା।
- ଓଡ଼ିଶା ବିକାଶ ମହାମଞ୍ଚର ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ପର୍ବ ଅବସରରେ ଶୋଭାଯାତ୍ରା, ସ୍ଥାନ: ରାମ ମନ୍ଦିର ଛକ, ସମୟ: ସକାଳ ୮ଟା ୩୦। ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଫିଲୋସଫି ଆସୋସିଏଶନର ୩୭ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କମଳା ନେହେରୁ ମହିଳା କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୨୮ତମ ନେତାଜୀ ଜୟନ୍ତୀ ସମାରୋହ, ସ୍ଥାନ: ରେଡ୍‌କ୍ରସ ଭବନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବୁଣାକାର ମହାସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଇଞ୍ଜିନିୟର୍ସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୦ମ ମାସିକ କଥା ସମ୍ମିଳନୀ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- ଚଳଚ୍ଚିତ୍ର ଜଗତର ୪୯ତମ ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ପୁରୀ

- ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଓ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଶାସନ ବୀରରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା

- ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ପ୍ରୟାସ ପରିବାର ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୬ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୯ଟା।
- ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ : ହିନ୍ଦୀ ହାଇସ୍କୁଲ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ତିଥିରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମାର୍ଚ୍ଚ ପାଷ୍ଟ କାର୍ଯ୍ୟକ୍ରମ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ : ଅପରାହ୍ନ ୩ଟା।
- କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଓ ଦଳଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏଆଇଡିଏସ୍‌ଓ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ: ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ଲୋକ ଉତ୍ସବରେ ଜିଲାସ୍ତରୀୟ ଲୋକ ନାଟକ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ଲୋକଉତ୍ସବରେ ଲୋକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଶଳ କଳାମଣ୍ଡଳ ନୂଆ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୮ଟା୩୦।
- ନେତାଜୀ ଜୟନ୍ତୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଗୁଦୁଗୁଦା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୪ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ସତସଙ୍ଗ ବିହାର, ରେଳ ଷ୍ଟେଶନ ରୋଡ୍, ବରଗଡ଼, ସମୟ: ସକାଳ ୯ଟା
- ରାମାୟଣ ପାରାୟଣ,ସ୍ଥାନ:କଲଙ୍ଗାପାଲି, ଗାଇସିଲେଟ୍, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ,ସ୍ଥାନ: ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ହରିଓମ୍ ସୋସାଇଟି(ତପୋବନ), ବରଗଡ଼,ସମୟ:ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଡିଏମ୍‌ଏଫ୍ ଅଡିଟରିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡିତ ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାନ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିନ ପାଳନ, ସ୍ଥାନ: ଲକ୍ଷ୍ମୀ ନାରାୟଣ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମ ସ୍ଥିତ ଗ୍ରାମ ଉଦ୍ୟାନ ସାଂସାଧନ କେନ୍ଦ୍ରରେ କୃଷକ ମେଳା ଓ କୃଷି ପ୍ରଦର୍ଶନୀ,ସ୍ଥାନ:ଗ୍ରାମ ଉଦ୍ୟାନ ସଂସାଧାନ କେନ୍ଦ୍ର ପ୍ରାଙ୍ଗଣ,ସମୟ: ପୂର୍ବାହ୍ନ ୧୧ ଟା।
- ବଡ଼ଗାଁ ଥାନା ଆନୁକୂଲ୍ୟରେ ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର ସହଯୋଗରେ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବଡ଼ଗାଁ ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆଇଏସ୍ଏସ୍ ଓ ଅଲମ୍ପିଆଡ୍ ପରୀକ୍ଷା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା ୩୦।
- ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ୨୪ କୁଣ୍ଡୀୟ ଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗୀତା, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।
- ୧୮ ତମ ନ୍ୟୁ ଇଅର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ତରବୋଡ଼, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ କଲୋନି ବଙ୍ଗଳାପଡ଼ା ଯଜ୍ଞବେଦୀ, ସମୟ: ଅପରାହ୍ନ ୫ଟା ୩୬।

## ବୌଦ୍ଧ

- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଳେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ଅପରାହ୍ନ ୧ଟା।

## ବ୍ରହ୍ମପୁର

- ଜଳବାୟୁ ପରିବର୍ତ୍ତନ ନେଇ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁମିଳନ, ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ,ସ୍ଥାନ: ଏନ୍‌ଜିଓ ହଲ୍, ସମୟ: ପୂର୍ବାହ୍ନ ୧୧ଟା୩୦।

## ଗଞ୍ଜାମ

- ଚବିଶି ପ୍ରହର ନାମଯଜ୍ଞ ଉଦଯାପନୀ, ସ୍ଥାନ: ଭଞ୍ଜନଗର ଲଣ୍ଡେଇସାହି, ସମୟ: ସକାଳ ୮ଟା।
- ଦିବ୍ୟ ଜୀବନ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଉମାକାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆସିକା ତାଲୁକା ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ସଦ୍‌ଭାବନା ସମିତି ପକ୍ଷରୁ ଚିନ୍ତନ ବୈଠକ, ସ୍ଥାନ: ଖଲ୍ଲିକୋଟ ବରାଳ ବାଲୁଙ୍କେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ସିଏମ୍ ଟ୍ରଫି ୧୫ବର୍ଷରୁ କମ୍ ଆନ୍ତଃକ୍ଲବ ଜିଲାସ୍ତରୀୟ ଫୁଟ୍‌ବଲ ଉଦ୍‌ଯାପନ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।
- ନେତାଜୀ କ୍ଲବର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ: ତାଳଚେର ଅନନ୍ତ ଡିଏଭି ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ପରୀକ୍ଷା ପେ ଚର୍ଚ୍ଚା, ସ୍ଥାନ: ଅନୁଗୋଳ ସେଣ୍ଟ୍ରାଲ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ମହିମାଜ୍ୟୋତି ଶୈକ୍ଷିକ ଶିକ୍ଷାନୁଷ୍ଠାନର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ଖଣ୍ଡହତା, ସମୟ: ଅପରାହ୍ନ ୪ଟା।
- ୨୨ତମ ତାଳଚେର ପୁସ୍ତକ ମେଳା ଶୁଭାରମ୍ଭ, ସ୍ଥାନ: ତାଳଚେର ଦେଉଳବେଡ଼ା ଦୁର୍ଗାମଣ୍ଡପ ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର

- ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜୟନ୍ତୀ ପାଳନ ଓ ଆଲୋଚନା ସଭା, ସ୍ଥାନ: ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବସ୍‌ଷ୍ଟାଣ୍ଡ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ସଚେତନତା ଅଭିଯାନ ଓ ଆଲୋଚନା ସଭା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଘରୋଇ ଶିକ୍ଷାନୁଷ୍ଠାନ ସଂଘ ପକ୍ଷରୁ ଜସ୍ନ ଏ ତ୍ରୀରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିବି କଲୋନୀ ସ୍ୱର୍ଗଦ୍ୱାର କୀର୍ତ୍ତନ ପଡ଼ିଆ, ପେଟଛେଲା, ମହାକାଳପଡ଼ା, ସମୟ- ସକାଳ ୯ଟା।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ନେତାଜୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ନେତାଜୀ ଜୟନ୍ତୀ ଅବସରରେ ଗଣଦୌଡ, ସ୍ଥାନ: ଯାଜପୁର ରୋଡ ବ୍ୟାସନଗର ଷ୍ଟାଡିୟମରୁ ରୟାଲ କଳିଙ୍ଗ ହୋଟେଲ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ପ୍ରେସ୍‌କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ଯାଜପୁର ରୋଡ ସତସଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ରାମଚରିତ ମାନସ ପାରାୟଣର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୮ଟା।
- ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାୟ ଜୟନ୍ତୀ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ପରାକ୍ରମ ଦିବସରେ ମେଗା ରକ୍ତଦାନ ଶିବିର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନ ପକ୍ଷରୁ ନେତାଜୀ ଜୟନ୍ତୀ, ସ୍ଥାନ: ଆଜାଦ୍ ହିନ୍ଦ ୟୁଥ ଆସୋସିଏଶନ କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ଟା ୪୫।
- ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଚିନାସାରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ ଟା।
- ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନର ୩୫ତମ ପ୍ରତିଷ୍ଠା ଦିବସ ଏବଂ ନେତାଜୀ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାର୍ଲସ ହାଇସ୍କୁଲ ପଡିଆ, ରାୟଗଡା, ସମୟ: ରାତି ୮ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବିରୋଧୀ ପକ୍ଷ ଦୁର୍ବଳ ରହିବେ ଯଦ୍ୱାରା କି ଆପଣଙ୍କ କାର୍ଯ୍ୟସାଧନ ପାଇଁ କିଛି ଅସୁବିଧା ରହିବ ନାହିଁ। କୃତ୍ତିକା ନକ୍ଷତ୍ର ସକାଶେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। କଠୋର ଶ୍ରମ ଓ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ସାମାନ୍ୟ ବଚସା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ତଥାପି ସମାଧାନ ସକାଶେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ମୃଗଶିରା ନକ୍ଷତ୍ର କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ** କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ ଅତୁଟ ରହିବା ସହ କର୍ମ ପ୍ରେରଣା ବୃଦ୍ଧି ପାଇବ। ଆର୍ଦ୍ରା ନକ୍ଷତ୍ର ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ବାଧବାଧକତାରେ ଅନିଚ୍ଛା ସତ୍ତ୍ୱେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବହୁତ ଦିନରୁ ରହିଥିବା ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**କର୍କଟ** ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ଈର୍ଷାପରାୟଣ ବ୍ୟକ୍ତି ଗୋଡ଼ଟାଣି ଅପଦସ୍ଥ କରିବାର ମଉକା ଖୋଜିପାରନ୍ତି। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ, ମାତ୍ର ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ କନ୍ଦଳ ସୃଷ୍ଟି ହୋଇପାରେ।

**ସିଂହ** ବିଭିନ୍ନ କାରଣରୁ ନିଜର ପରିବେଶ ଶାନ୍ତିପ୍ରଦ ହୋଇ ନ ପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଦ୍ୱାରା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ନିଜର ଦକ୍ଷତା ହେତୁକ ପ୍ରଶଂସା ପାଇପାରନ୍ତି।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସୁବିଧା ସୁଯୋଗ ହାସଲ କରି କାମ କରିବା ପାଇଁ ଅନୁକୂଳ ସୁଯୋଗ ପାଇବେ। ସାମାଜିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ପରୋକ୍ଷଶତ୍ରୁତା କାରଣରୁ ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବାରୁ ବନ୍ଧୁ ପ୍ରଶଂସା କରିବେ।

**ତୁଳା** ଆଜି ପରିବାରରେ ବାକ୍‌ସଂଯମ କରିପାରିଲେ ଉପକୃତ ହେବେ। ଚିତ୍ରା ନକ୍ଷତ୍ର ଚେଷ୍ଟାକରୁଥିବା କାମଟିକୁ ଶେଷ କରିପାରିବେନି। ଏଥିପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପର କାରଣ ପାଲଟିଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ବାହୁଛାୟାତଳେ ଆଶ୍ରୟନେବା ହେତୁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**ବିଛା** ପ୍ରତିବନ୍ଧକ ଲାଗି ରହିବା ଯୋଗୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ। ଅନୁରାଧା ନକ୍ଷତ୍ରର ବକେୟା ପାଇବାକୁ କେନ୍ଦ୍ରକରି କଳହ କିମ୍ବା ସମସ୍ୟା ଉପୁଜିପାରେ। ସ୍ୱାର୍ଥସାଧନ ଆଶା ନ ଦେଖି ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। କିନ୍ତୁ ଆପଣଙ୍କ କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ରର ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କେତେକ ବିବାଦୀୟ ପରିବେଶର ପରିଣାମ ବିଷୟରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। ନିଜ ଚତୁଃପାର୍ଶ୍ୱସ୍ଥ ନିମ୍ନବର୍ଗର ବ୍ୟକ୍ତିବିଶେଷ ବିରୁଦ୍ଧାଚରଣ କରିପାରନ୍ତି। ପରିବାରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ଆଜି ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ହଠାତ୍ ପରିବାରରୁ କେହି ଅସୁସ୍ଥ ହେବା କାରଣରୁ ସାମୟିକ ଦୁଶ୍ଚିନ୍ତା ବଢ଼ିପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ପୁନଶ୍ଚ ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଶ୍ରବଣା ନକ୍ଷତ୍ର ଆଜି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** ପୂର୍ବରୁ ପ୍ରତିଶ୍ରୁତି ପାଇଥିବା ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଅନ୍ଧକାର ମଧ୍ୟରେ ଆଶାର ଆଲୋକ ଦେଖିପାରନ୍ତି। ଶତଭିଷା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ମଧ୍ୟ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ଏକାଧିକ କାମର ଚିନ୍ତା ମୁଣ୍ଡରେ ଭରି ରହିଥିବାରୁ ମାନସିକ ଶାନ୍ତି ପାଇପାରିବେ ନାହିଁ। ରେବତୀ ନକ୍ଷତ୍ରର ପରିବାର ଭିତରେ ଘଟିଯାଉଥିବା ଘଟଣା ଗୁଡିକ ଅସାଧାରଣ ମନେହେବ। ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କର ବିଚଳିତ ରହିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

ଆଜି ଜାନୁଆରୀ ୨୩ ତାରିଖ, ପରାକ୍ରମ ଦିବସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ, ମାଘ କୃଷ୍ଣ ନବମୀ ଗୁରୁବାର, ରାଶି, ନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୫୨ମି. ଗତେ ଘ.୦୧.୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୧ମି. ଗତେ ଘ.୦୨.୪୪ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଶୀତଳଭଣ୍ଡାର ପାଇଁ...

ଉତ୍ପାଦିତ ଦ୍ରବ୍ୟର ବଜାର ସୁଯୋଗ ମିଳିବା ସହିତ ଅମଳ ପରବର୍ତ୍ତୀ ଫସଲର ଅଭାବୀ ବିକ୍ରିକୁ ରୋକାଯାଇ ପାରିବ। ଏଥିସହିତ ଶୀତଳଭଣ୍ଡାର ମାଧ୍ୟମରେ ମଧ୍ୟମ ଅବଧି ସଂରକ୍ଷଣ ସୁବିଧା ଯୋଗାଇ କୃଷକକମାନଙ୍କ ଆର୍ଥିକ ବିକାଶରେ ମଧ୍ୟ ସହାୟତା କରାଯାଇପାରିବ।

ଶୀତଳଭଣ୍ଡାର କରିବାକୁ ଆଗ୍ରହ ପ୍ରକାଶ କରୁଥିବା ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ନୂତନ ଶୀଳତଭଣ୍ଡାର ସ୍ଥାପନ ପାଇଁ ଏସ୍‌ସି/ଏସ୍‌ଟି/ କିନ୍ନର, ମହିଳା ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀଙ୍କ ପାଇଁ ସ୍ଥାୟୀ ପୁଞ୍ଜି ବିନିଯୋଗର ୬୦ ପ୍ରତିଶତ ସର୍ବାଧିକ ୬.୫୦ କୋଟି ଟଙ୍କା ଯାଏ ରିହାତି ପ୍ରଦାନ କରାଯିବ। ଅନ୍ୟାନ୍ୟ ହିତାଧିକାରୀଙ୍କ ପାଇଁ ସ୍ଥାୟୀ ପୁଞ୍ଜି ବିନିଯୋଗର ୫୦ପ୍ରତିଶତ ଅର୍ଥାତ୍ ସର୍ବାଧିକ ୬କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରାଯିବ। ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗର ସିଏମ୍-ଏସ୍‌ଆର୍‌ଆଇଏମ୍ ଯୋଜନା ଅଧୀନରେ ବ୍ୟାଙ୍କଗୁଡ଼ିକରୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ଆଣିଥିବା ବ୍ୟାଙ୍କ ଋଣ ଉପରେ ୧୦ ଲକ୍ଷ ଟଙ୍କା ଉପରେ ସମସ୍ତ ସୁଧ ଛାଡ଼ କରାଯିବ। ୧୦ରୁ ୫୦ ଲକ୍ଷ ଯାଏ ୭୫ ପ୍ରତିଶତ, ୫୦ରୁ ୧ କୋଟି ଯାଏ ୫୦ ପ୍ରତିଶତ ଏବଂ ୧ କୋଟିରୁ ୫ କୋଟି ଯାଏ ଋଣ ଉପରେ ୫ପ୍ରତିଶତ ସୁଧ ଫେରସ୍ତ କରାଯିବ। ଏଥିସହିତ ଶୀତଳ ଭଣ୍ଡାର ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଭାବେ ୬% ପର୍ଯ୍ୟନ୍ତ ସୁଧ ରିହାତି ମିଳିବ, ଯେଉଁଥିରେ ଭାରତ ସରକାରଙ୍କ ୩% ଓ ରାଜ୍ୟର ୩% ସାମିଲ ଅଛି। ରାଜ୍ୟ ସରକାର ୪ଟି ସ୍ଲାବରେ ଏହି ଆର୍ଥିକ ସହାୟତା ଯୋଗାଇଦେବେ। ଶୀତଳଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ ସରକାର ବିଦ୍ୟୁତ୍ ବିଲ୍ ଉପରେ ମଧ୍ୟ ରିହାତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଦ୍ୟୁତ୍ ବିଲ୍ ଉପରେ ୭ ବର୍ଷ ପାଇଁ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ବନ୍ଦ ହୋଇ ପଡ଼ିଥିବା ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ମଧ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ପୂର୍ବରୁ ବନ୍ଦ ହୋଇ ପଡ଼ିଥିବା ଶୀତଳଭଣ୍ଡାର ପାଇଁ ନୂତନ ଶୀତଳଭଣ୍ଡାର ଲାଗି ଦିଆଯାଉଥିବା ସମସ୍ତ ଆର୍ଥିକ ସହାୟତା ସହିତ ୧.୫ କୋଟି ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ। ଏହାଛଡ଼ା ସରକାରୀ କିମ୍ବା ଜନ ଉପଯୋଗୀ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଶୀତଳଭଣ୍ଡାର ପୁନରୁଦ୍ଧାର ପାଇଁ ବକେୟା ବିଦ୍ୟୁତ୍ ବିଲ୍, ବକେୟା ଟିକସ, ବକେୟା ବ୍ୟାଙ୍କ ଦେୟ ଲାଗି ମଧ୍ୟ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା କରାଯିବ। ଶୀତଳଭଣ୍ଡାର ୟୁନିଟ୍‌ଗୁଡ଼ିକ ସମ୍ଭାବ୍ୟ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) ସହିତ ସଂଲଗ୍ନ କରାଯିବ। ଶୀତଳଭଣ୍ଡାର ସ୍ଥାପିତ ଅଞ୍ଚଳରେ ଏପିସି ସ୍ଥାପନ କରାଯିବ। ସଂରକ୍ଷଣ ଏବଂ ପରିବହନ ସବ୍‌ସିଡି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପିଏଚ୍‌ଏମ୍ ସ୍କିମ୍ ମାଧ୍ୟମରେ ପ୍ରଦାନ କରାଯିବ। ଏକ ନିର୍ଦ୍ଦିଷ୍ଟ ବ୍ଲକରେ ଏକାଧିକ ନୂତନ ଶୀତଳଭଣ୍ଡାର ୟୁନିଟ୍ ପ୍ରତିଷ୍ଠା ପାଇଁ ଆବେଦନ କ୍ଷେତ୍ରରେ ଆବେଦନକାରୀ ସରକାରୀଙ୍କଠାରୁ ସର୍ବନିମ୍ନ ସହାୟତା ଲୋଡ଼ିଥିବା ଆବେଦନକାରୀଙ୍କୁ ଚୟନ କରାଯିବ। ଏହି ଯୋଜନା ୨୦୨୫-୨୬ ରୁ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୨୫୨ କୋଟି ଟଙ୍କା ପ୍ରଦାନ କରାଯିବ। ଷୋଡ଼ଶ ଅର୍ଥ କମିଶନ ଆସନ୍ତା ଫେବୃୟାରୀ ୫ରୁ ୭ ତାରିଖରେ ଓଡ଼ିଶା ଆସିବେ। ରାଜ୍ୟର ୫ ବର୍ଷର ଯୋଜନା ନେଇ ତାଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ। ୧୨ଲକ୍ଷ ୫୬ ହଜାର ୧୪୮କୋଟି ଟଙ୍କାର ଦାବି ଷୋଡ଼ଶ ଅର୍ଥ କମିଶନଙ୍କ ନିକଟରେ ରଖିବା ପାଇଁ ପ୍ରସ୍ତୁତ ବିଭିନ୍ନ ପ୍ରସ୍ତାବ ସମ୍ବଳିତ ମେମୋରାଣ୍ଡମ୍‌କୁ କ୍ୟାବିନେଟ୍ ଅନୁମୋଦନ କରିଛି।



ସେହିପରି ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟ ସେବା କ୍ୟାଡରରେ ମେଡିକାଲ ଅଫିସର ନିଯୁକ୍ତି, ପଦୋନ୍ନତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ ପାଇଁ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀ-୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ଏହି ସଂଶୋଧନ ଆଧାରରେ କନିଷ୍ଠ-କ ବର୍ଗ ପାହ୍ୟା ପଦବୀ ପାଇଁ ଆବେଦନ କରିବାବେଳେ ଜଣେ ପ୍ରାର୍ଥୀ ଓଡ଼ିଶା ଡାକ୍ତରୀ ପଞ୍ଜୀକରଣ ଆଇନ-୧୯୬୧ ଅନୁସାରେ ଏକ ବୈଧ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିବା ଜରୁରୀ। ଏହି ନିୟମର ସଂଶୋଧନ ପରେ କନିଷ୍ଠ-କ ବର୍ଗ ପାହ୍ୟାରେ ୫ହଜାରରୁ ଅଧିକ ଡାକ୍ତରଙ୍କ ଚୟନ ପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯିବ। ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା କ୍ୟାଡରରେ ଥିବା ବରିଷ୍ଠ ପ୍ରଶାସନିକ ପଦବୀ ସଂଖ୍ୟା ୨ରୁ ୧୪କୁ ବୃଦ୍ଧି, ଏସ୍‌ଏଜିରେ ପାହ୍ୟାରେ ପଦବୀ ସଂଖ୍ୟା ୧୨ରୁ ୪୫କୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଡାକ୍ତରୀ ସେବା(ଦନ୍ତ ଚିକିତ୍ସକ ଚୟନ ପ୍ରକ୍ରିୟା ଓ ସେବା ସର୍ତ୍ତ) ନିୟମାବଳୀ-୨୦୨୨ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ୧୦୦ରୁ ଅଧିକ ଦନ୍ତ ଚିକିତ୍ସକ ପଦବୀ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଚୟନ ପ୍ରକ୍ରିୟା ପାଇଁ ଅନୁରୋଧ କରାଯିବ। ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନରୁ ସ୍ୱାପିଂ ଆଧାରରେ ଗ୍ରୀଡ୍‌କୋକୁ ମିଳିଥିବା ୩୧୦୮.୨୧କୋଟି ଟଙ୍କାର ଦୀର୍ଘ ଅବଧି ଋଣ ପାଇଁ ଶକ୍ତି ବିଭାଗ ଦେଇଥିବା ସରକାରୀ ଗ୍ୟାରେଣ୍ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଗ୍ରୀଡ୍‌କୋର ସୁଧହାର ହ୍ରାସ ପାଇବ ଓ ଉପଭୋକ୍ତାଙ୍କ ଉପରେ ବୋଝ କମିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଶକ୍ତି ବିଭାଗ ଦ୍ୱାରା ଗ୍ରୀଡ୍‌କୋକୁ ଦିଆଯାଇଥିବା ୩୧୦୮.୨୧କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟିକୁ ମଧ୍ୟ ପିଛିଲା ଭାବେ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିସହିତ ରାଜ୍ୟ କ୍ୟାବିନେଟରେ ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

### ପ୍ରତି ପଞ୍ଚାୟତରେ ଖୋଲିବ ଆଦର୍ଶ ପ୍ରାଥମିକ ସ୍କୁଲ

**ଭୁବନେଶ୍ୱର,୨୨।୧(ଅନିଲ ଦାସ)**

ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଯୋଜନାରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ମଡେଲ ପ୍ରାଥମିକ ସ୍କୁଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ୬୭୯୪ଟି ସରକାରୀ ପ୍ରାଥମିକ ସ୍କୁଲକୁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରାଯିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ମଡେଲ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ରୁ ୨୦୨୮-୨୯ ମସିହା ମଧ୍ୟରେ ମୋଟ ୧୧,୯୩୯.୪୧କୋଟି ଟଙ୍କା ବ୍ୟୟ କରିବେ। ସ୍କୁଲରେ ନାମଲେଖା ସଂଖ୍ୟା ଆଧାରରେ ପ୍ରତି ସ୍କୁଲ ପିଛା ମୋଟାମୋଟି ଖର୍ଚ୍ଚ ଆକଳନ ୧ ରୁ ୪କୋଟି ଟଙ୍କା ପର୍ଯ୍ୟନ୍ତ କରାଯିବ । ତେବେ ପ୍ରକୃତ ଖର୍ଚ୍ଚ ପ୍ରତ୍ୟେକ ସ୍କୁଲର ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ଆଧାରରେ ହେବ । ଏହି ମଡେଲ ସ୍କୁଲ କାର୍ଯ୍ୟକ୍ଷମ ହେଲେ ଶିକ୍ଷାଗତ ସୁବିଧା ବୃଦ୍ଧିପାଇବା ସହ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ହେବ । ଏଥିରେ ଶିକ୍ଷା ଅଧିକାର ଆଇନ-୨୦୦୯ ଓ ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳଲକ୍ଷ୍ୟ ସହ ସମନ୍ୱୟ କରାଯାଇଛି। ଶିକ୍ଷାର୍ଥୀଙ୍କୁ ସାମାଜିକ ଓ ଶୈକ୍ଷିକ ସ୍ତରରେ ସମୃଦ୍ଧ କରିବ।

### ଯାତ୍ରୀଙ୍କ ଉପରେ...

ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଦ୍ରୁତଗତିରେ ଧାବମାନ କର୍ଣ୍ଣାଟକ ଏକ୍ସପ୍ରେସ୍ ସେହି ଯାତ୍ରୀମାନଙ୍କ ଉପରେ ଚଢ଼ିଯାଇଥିଲା। ଏଥିରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୁମ୍ବାଇରୁ ଦୁର୍ଘଟଣାସ୍ଥଳର ଦୂରତା ୪୦୦ କି.ମି.ରୁ ଅଧିକ ହେବ ବୋଲି ସେଣ୍ଟ୍ରାଲ ରେଲୱେର ମୁଖ୍ୟ ମୁଖପାତ୍ର ସ୍ୱପ୍ନିଲ ନିଲା ସୂଚନା ଦେଇଛନ୍ତି।

ରେଲୱେର ଆଉ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୁଷ୍ପକ ଏକ୍ସପ୍ରେସ୍‌ରେ ବ୍ରେକ୍‌ଜାମ୍ ଯୋଗୁ ଏହାର କେତୋଟି କୋଚ୍ ଭିତରେ ବିଦ୍ୟୁତ୍ ସ୍ପାର୍କ ହୋଇଥିଲା। ଏଥିରେ ଯାତ୍ରୀମାନେ ଆତଙ୍କିତ ହୋଇ ଚେନ୍ ଟାଣିଥିଲେ। ଅନେକ ଯାତ୍ରୀ ତଳକୁ ଡେଇଁପଡ଼ିଥିଲେ। କର୍ଣ୍ଣାଟକ ଏକ୍ସପ୍ରେସ୍ ଧକ୍କାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ସେ ପ୍ରକାଶ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ମହାରାଷ୍ଟ୍ର ମନ୍ତ୍ରୀ ଗୁଲାବରାଓ ପାଟିଲ ସୂଚନା ଦେଇଛନ୍ତି। ଭୁସଭଲରୁ ସେଠାକୁ ଏକ ଆକ୍ସିଡେଣ୍ଟ ରିଲିଫ୍ ଟ୍ରେନ୍‌କୁ ପଠାଯାଇଛି। ସେଣ୍ଟ୍ରାଲ ରେଲୱେ ଆହତମାନଙ୍କୁ ଡାକ୍ତରୀ ସହାୟତା ଯୋଗାଇଦେବାକୁ ସବୁ ପ୍ରକାର ଉଦ୍ୟମ କରୁଛି। ସମ୍ପୃକ୍ତ ଅଞ୍ଚଳର ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ଯାତ୍ରୀଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ସୂଚନା ଦେଇଛନ୍ତି।

### ସୁଭଦ୍ରା ଯୋଜନାରେ...

ଯୋଜନାରେ ଆବେଦନ କରିଛନ୍ତି ତାହା ଜଣାପଡୁ ନାହିଁ। ଆଧାର କାର୍ଡର ବ୍ୟାଙ୍କ ଲିଙ୍କ୍ ଡାଟା ଆସିବା ପରେ ୧୫୭ ଜଣ ପୁରୁଷ ଥିବା ଜଣାପଡ଼ିଲା। ଅନେକ ସମୟରେ ପୁଅ ଓ ଝିଅଙ୍କ ନାଁ ଏକା ଥାଏ। ନାମର ସ୍ପେଲିଂ ମଧ୍ୟ ସମାନ ଥାଏ। ହେଲେ ତଦନ୍ତ କରାଯିବା ପରେ ସେମାନେ ପୁରୁଷ ବୋଲି ଜଣାପଡ଼ିବା ପରେ ତୁରନ୍ତ ବାଦ୍ ଦିଆଯାଇଥିବା ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ସୁଭଦ୍ରା ପାଇଁ ୧ କୋଟି ୭ ଲକ୍ଷ ମହିଳା ହିତାଧିକାରୀ ଆବେଦନ କରିଛନ୍ତି। ଏମ୍‌ପିଆଇ ପେଣ୍ଡିଂ ୨ ଲକ୍ଷରୁ ଅଧିକ ଥିଲା। ଯେଉଁମାନେ ବାହାରକୁ କାମ କରିବାକୁ ପଳାଇଛନ୍ତି ସେମାନଙ୍କ ଫଟୋ ଉଠିବା ଦରକାର। ସେଥିଲାଗି ସେମାନଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇପାରୁନାହିଁ। ରାଜ୍ୟ ବାହାରେ ଥିବା ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିପାରିବେ। ସେମାନେ ତୁରନ୍ତ ସୁଭଦ୍ରା ଯୋଜନାରେ ଆବେଦନ କରନ୍ତୁ। ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, କୋରାପୁଟ, ବଲାଙ୍ଗୀର ଓ ଦେବଗଡ଼ ଜିଲାର ବହୁ ମହିଳା ହିତାଧିକାରୀ ବାହାର ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ସେମାନେ କିପରି ସୁଭଦ୍ରା ଯୋଜନାରେ ଟଙ୍କା ପାଇବେ ସରକାର ସେଥିଲାଗି ଚେଷ୍ଟା କରୁଛନ୍ତି। ଜାନୁଆରୀ ଶେଷ ସୁଦ୍ଧା ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ହତ୍ୟା: ୪ ଦୋଷୀଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ୨୦୧୭ରେ ହୋଇଥିବା ଏକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଏଡିଜେ-୩ ବିବସ୍ୱତ ଗୌତମ ମାମଲାର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଫାଷ୍ଟଗେଟ୍ ଧୋବାବନ୍ଧ ହୁଡ଼ାର ସୁନୀଲ ଗୌଡ଼ ଓରଫ ସନୁ (୩୦), ଫାଷ୍ଟଗେଟ୍ ବର୍ମା କଲୋନୀର ଦୀପକ ସିଂ(୨୮) ଓ ରବୀନ୍ଦ୍ର ମହାକୁଡ଼ (୩୫) ଏବଂ ଆସିକା ରୋଡ୍ ନାରାୟଣନଗରର ଅନିଲ ରେଡ୍ଡୀ (୩୦)। ଜେଲ ସହ ପ୍ରତ୍ୟେକଙ୍କୁ ୫୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୨୦ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତିଙ୍କ ରାୟରେ ଉଲ୍ଲେଖ ରହିଛି। ସେହିପରି ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୩ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ବିଧାୟକ ରମେଶ ଜେନାଙ୍କ ସମେତ ୩ ନିର୍ଦ୍ଦୋଷ

ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକରେ ଉପେନ୍ଦ୍ର ବେହେରା ଓରଫ ବୁବୁ (୩୮) ପାନ ଦୋକାନ କରିଥିଲେ। ୨୦୧୭ ଜୁଲାଇ ୧ ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଦୋକାନ ଉପରକୁ ବୋମାମାଡ଼ କରିଥିଲେ। ଦୋକାନରେ ବସିଥିବା ଉପେନ୍ଦ୍ର ଓ ତାଙ୍କ ସାଙ୍ଗ ସନ୍ତୋଷ ପାତ୍ର ଜୀବନ ବିକଳରେ ଦୌଡ଼ିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଗୋଡ଼ାଇ କାତିରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିଲା। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବାବେଳେ ଉପେନ୍ଦ୍ର ଓ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଭିଣୋଇ କେ. କ୍ରିଷ୍ଣା ରାଓଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୩/୧୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୧ଜଣଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଥିଲା। ବୁଧବାର ୭ ଅଭିଯୁକ୍ତଙ୍କ ପାଇଁ ମାମଲାର ଶୁଣାଣି ହୋଇଥିଲା। ମୋଟ ୧୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଥିବାରୁ କୋର୍ଟ ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକଙ୍କ ସମେତ ଗୋସାଇଁନୂଆଗାଁ ଆଡୁଆ ସାହିର ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲି ଓ ଫାଷ୍ଟଗେଟ ବର୍ମା କଲୋନୀର ଜଗନ୍ନାଥ ବେହେରାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମାଗୁଣି ଚରଣ ପଲାଇ ମାମଲା ପରିଚାଳନା କରିଥିଲେ।

# ମାଓବାଦୀ ଗତିବିଧିର ସମୀକ୍ଷାକଲେ ଡିଜିପି

ନୂଆପଡ଼ା,୨୨।୧ (ମକାରୁ ବେମାଲ)



ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ସୂଚନା ଦେଉଛନ୍ତି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ୱାଇ.ବି. ଖୁରାନିଆ ବୁଧବାର ନୂଆପଡ଼ା ଜିଲା ଗସ୍ତରେ ଆସି ଛତିଶଗଡ଼ ଓ ନୂଆପଡ଼ା ଏସ୍‌ପିଙ୍କ ସହ ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ଛତିଶଗଡ଼-ନୂଆପଡ଼ା ସୀମାରେ ଗରିଆବନ୍ଧ ଜିଲା ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ଗୁଳି ବିନିମୟରେ ୨ଦିନରେ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ଆମକୁ ୧୪ ଗୋଟି ମୃତଦେହ ମିଳିଛି। ଆହୁରି ଅଧିକ ମୃତଦେହ ମିଳିବ ବୋଲି ଆଶା କରାଯାଉଛି। ଏହି ଗୁଳି ବିନିମୟରେ ୨ଜଣ ଯବାନ ଛତିଶଗଡ଼ର ନୀରଜ କୁମାର ଓ ଓଡ଼ିଶାର ଧର୍ମେନ୍ଦ୍ର ଭୋଇ ଆହତ ହୋଇଛନ୍ତି ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଖୁରାନିଆ ସୂଚନା ଦେଇଛନ୍ତି।

ଛତିଶଗଡ଼-ନୂଆପଡ଼ା ସୀମାରେ ଘଞ୍ଚ ଜଙ୍ଗଲ ରହିଥିବାରୁ ମାଓବାଦୀଙ୍କ ଉପସ୍ଥିତି ଦେଖାଦେଉଛି। ଆମେ ଅନେକଥର ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନଙ୍କୁ ନେଇ ମିଳିତ କୋମ୍ବିଂ ଅପରେଶନ କରିଛୁ। ସେଥିରେ ମାଓବାଦୀ କ୍ୟାମ୍ପ ଠାବ ସହ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛୁ। ଜାନୁଆରୀ ପ୍ରଥମ ସପ୍ତାହରେ ଇନ୍ଦାଗା ଥାନା କାଣ୍ଡସର ସଂରକ୍ଷିତ ଜଙ୍ଗଲରୁ ଜଣେ ମାଓବାଦୀଙ୍କୁ ନିପାତ କରିବା ସହ ମାଓବାଦୀ କ୍ୟାମ୍ପ ଠାବକରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ମୈନପୁର ଥାନା କୁଲାରିଘାଟ ଜଙ୍ଗଲରେ ମାଓବାଦୀ ଏକତ୍ରିତ ହୋଇଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଗତ ୧୯ ତାରିଖରୁ ଅପରେଶନ କରାଯାଇଥିଲା। ଏଥିରେ ଉଭୟ ରାଜ୍ୟର ଯବାନ ସାମିଲ ହୋଇଥିଲେ। ୨୦ ତାରିଖରେ ୨ ଜଣ ମହିଳା ମାଓବାଦୀ ଓ ୨୧ରେ ୧୨ ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ସେଥିରେ ୨ଜଣ ହାର୍ଡକୋର ମାଓବାଦୀ ଚଳପତ ରାମଚନ୍ଦ୍ର ରେଡ୍ଡି ଓ ଜୟରାମ ଓରଫ ଗୁଡୁ ନିହତ ହୋଇଛନ୍ତି। ଏମାନଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରହିଥିଲା। ୨୦୨୬ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ପାଇଁ ମାଓବାଦୀପ୍ରବଣ ରାଜ୍ୟଗୁଡ଼ିକୁ ଅଧିକ ସୁରକ୍ଷା କର୍ମୀ ପଠାଇ ଅପରେଶନକୁ ଆହୁରି ମଜଭୁତ କରାଯିବ। ଉଭୟ ରାଜ୍ୟର ଯବାନ ଅକ୍ଳାନ୍ତ ପରିଶ୍ରମକରି ଦେଶମାତୃକା ପାଇଁ ଜୀବନକୁ ବାଜି ଲଗାଇ ସାହସର ସହ ଲଢେଇ କରି ବଡ ସଫଳତା ଆଣିଛନ୍ତି। ସଫଳତା ଦେଇଥିବା ଯବାନମାନଙ୍କୁ ବହୁତ ଧନ୍ୟବାଦ। ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ମୃତଦେହ ଖୋଜା ଚାଲିଛି। ଉଭୟ ରାଜ୍ୟର ଯବାନମାନଙ୍କ ଦ୍ୱାରା ଅପରେଶନ ମଧ୍ୟ ଜାରି ରହିଛି। ଖବରଦାତା ସମ୍ମିଳନୀରେ ସାଉଥ ଜୋନ୍ ଆଇଜି ନୀତିଶେଖର, ଡିଆଇଜି ଅପରେଶନ ଅଖିଳେଶ ସିଂ, ନୂଆପଡ଼ା ଏସ୍‌ପି ଗୁନ୍ଦାଲା ରେଡ୍ଡି ରାଘବେନ୍ଦ୍ର, ଛତିଶଗଡ଼ ଇଣ୍ଟେଲିଜେନ୍ସ ଏସ୍‌ପି ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି

ଭବାନୀପାଟଣା,୨୨।୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାକୁ ବୁଧବାର ଦିନିକିଆ ଗସ୍ତରେ ଆସି ଜିଲାରେ ମାଓବାଦୀ ଦମନର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ। ଏହି ଅବସରରେ ପ୍ରଥମେ ସେ ଭବାନୀପାଟଣା ସହର ଉପଖଣ୍ଡ ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନକରି ଯବାନମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲା ପୋଲିସ ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ସୀମାରେ ହୋଇଥିବା ମାଓବାଦୀ ଅପରେଶନରେ ଓଡ଼ିଶା ପୋଲିସର ଭୂମିକାକୁ ପ୍ରଶଂସା କରିଥିଲେ। ସେହିପରି ନୂଆପଡ଼ା ଜିଲା ଓ କଳାହାଣ୍ଡି ଜିଲାରେ ମାଓବାଦୀ ଦମନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ବୋଲି ସେ କହିଥିଲେ। ଉଭୟ ଜିଲାରେ ମାଓବାଦୀ ଦମନରେ ନିୟୋଜିତ ଥିବା କେନ୍ଦ୍ରୀୟ ସୁରକ୍ଷା ବଳ, ସୀମା ସୁରକ୍ଷା ବଳ, ଏସ୍‌ଓଜି, ଡିଭିଏଫ୍, ପୋଲିସ ବାହିନୀର ମନୋବଳ ବୃଦ୍ଧି କରିବାକୁ ସେ ଗସ୍ତ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀ, ସିଆର୍‌ପିଏଫ୍ ୬୪ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ସେକେଣ୍ଡ କମାଣ୍ଡାଣ୍ଟ ପ୍ରଶାନ୍ତ ମିଶ୍ରଙ୍କ ସମେତ ରାଜ୍ୟ ଓ ଜିଲାର ଅନେକ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ।

## ଲାଞ୍ଚ: ଭିଜିଲାନ୍ସ ଜାଲରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର

କଟକ,୨୨।୧(କାର୍ତ୍ତିକ ସାହୁ)

ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ ପାଇଁ ମୃତକଙ୍କ ପରିବାରଠାରୁ ଲାଞ୍ଚ ନେବା ଅଭିଯୋଗରେ କଟକ ଜିଲା ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ଜରି ବିଶେଷଜ୍ଞ ଡାକ୍ତର ବିଶ୍ୱନାଥ ଆଧେକ ଭିଜିଲାନ୍ସ ହାତରେ ବୁଧବାର ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଅର୍ଥ ୨ ହଜାର ଟଙ୍କା ଜବତ କରାଯାଇଛି।

ସୂଚନାନୁସାରେ, ଡା. ବିଶ୍ୱନାଥ ମୃତକଙ୍କ ପିତାଙ୍କ ନିକଟରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଦାଲତ ଶୁଣାଣି ସମୟରେ ପ୍ରମାଣପତ୍ର ଭାବେ ବିଶ୍ୱନାଥଙ୍କଠାରୁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ ପାଇଁ ମୃତକଙ୍କ ବାପା ଆଶା କରିଥିଲେ। କିଛିଦିନ ପୂର୍ବେ ଅଭିଯୁକ୍ତ ମୃତକଙ୍କ ପିତାଙ୍କଠାରୁ ୨ ହଜାର ଟଙ୍କା ନେଇଥିଲେ। ଅଭିଯୋଗକାରୀ ଜଣେ ଗରିବ ବ୍ୟକ୍ତି। ଲାଞ୍ଚ ଦେଇ ରିପୋର୍ଟ ନେବା ଘଟଣାରେ ଭିଜିଲାନ୍ସରେ ଜଣାଇବା ବ୍ୟତୀତ ତାଙ୍କ ପକ୍ଷେ ଅନ୍ୟ କିଛି ଉପାୟ ନ ଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଅଧିକାରୀମାନେ ବିଶ୍ୱନାଥଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ବିଶ୍ୱନାଥ ସମ୍ପୃକ୍ତ ଡାକ୍ତରଙ୍କୁ ୨ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁକରିଥିଲେ। ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ୨ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ କଟକ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୧/୨୫) ରୁଜୁହୋଇଛି।

# କଲେଜ ପରିସରରେ ପୀଡ଼ିତା, ମା'ଙ୍କ ଆମରଣ ଅନଶନ




ଯାଜପୁର,୨୨।୧
(ହର୍ଷବର୍ଦ୍ଧନ ବେହେରା)

## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଏହା ଉପରେ ପୋଲିସ ଓ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ପୀଡ଼ିତା ଓ ତାଙ୍କ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ଯୁବ ସଂଯୋଜକ ମହମ୍ମଦ ମନୋହର ଅଲ୍ଲି ଓ ଯାଜପୁର ଯୁବ ସଂଯୋଜକ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ପୀଡ଼ିତାଙ୍କ ସହ ତାଙ୍କ ମା' ବୁଧବାର ପୂର୍ବାହ୍ନ ୧୧ଟାରୁ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଏହି ଆମରଣ ଅନଶନକୁ ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁନନ୍ଦା ଦାସ ଉପସ୍ଥିତ ରହି ସମର୍ଥନ ଜଣାଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏବଂ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ ଚାକିରିରୁ ବହିଷ୍କାର ଏବଂ ଗିରଫ ଦାବିରେ ସେମାନେ ଅଡି ବସିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରି ଯାଜପୁର ଉପଜିଲାପାଳଙ୍କ ସହ ଫୋନରେ କଥାବାର୍ତ୍ତା କରାଇଥିଲେ। ଉପଜିଲାପାଳ ଅଂଶୁମାନ ଶତପଥୀ ଫୋନ୍‌ରେ ଆନ୍ଦୋଳନକାରୀମାନଙ୍କ ସହ କଥାବାର୍ତ୍ତା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହୁରି ୩ ଦିନ ସମୟ ମାଗିଥିଲେ। ଏହି ଘଟଣାକୁ ୧୬ ଦିନ ଏବଂ ଥାନାରେ ଅଭିଯୋଗ ହେବାର ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପୀଡିତା ଓ ତାଙ୍କ ମା' ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ପ୍ରତିବାଦ କରିବା ସହ ଭଙ୍ଗାରୁଜା ଓ ପୀଡ଼ିତା ଜଣକ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଘଟଣାସ୍ଥଳରେ ଯାଜପୁର ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ, ଏସ୍‌ଡିପିଓ କୈଳାସ ସେଠୀ ପ୍ରମୁଖ ଅଭିଯୁକ୍ତମାନଙ୍କୁ ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜକୁ ୨ଦିନ ପରେ ବି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ କିମ୍ବା ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଅଭିଯୋଗ ଭିତ୍ତିରେ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। କଲେଜ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ସୀମାନ୍ତରେ ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲାକନଗିରି, ୨୨।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨ ଲକ୍ଷ ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସହ ୬ଜଣ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ସୁକ୍‌ମା ଜିଲା ସିଆର୍‌ପିଏଫ୍ ୨୧୭ ବାଟାଲିୟନ ଆଇସି ନରସିଂହ ମୀନା ଓ ନକ୍ସଲ ସେଲ୍ ପ୍ରଭାରୀ ରୋଶନ ସିଂହ ରାଜପୁତଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

ତଥ୍ୟ ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ପ୍ରକ୍ରିୟା ଓ ଘରକୁ ଫେରିଆସ ଅଭିଯାନରେ ଛତିଶଗଡ଼ ପୋଲିସ କ୍ରମାନୁଗତ ଭାବେ କୋମ୍ବିଂ ଅପରେଶନ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ପୋଲିସ ଓ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମାଓବାଦୀ ଗଡ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଏହି କ୍ରମରେ ପୋଲିସଙ୍କ ଘରକୁ ଫେରିଆସ ଓ ଛତିଶଗଡ଼ର ଉନ୍ନତିରେ ପ୍ରଭାବିତ ହୋଇ ୨ ଲକ୍ଷ ପୁରସ୍କାର ଘୋଷିତ ଉତ୍ତର ବସ୍ତର ମାଓବାଦୀ ଡିଭିଜନ ସିସିଏମ୍ କୁଞ୍ଜାମ ମାସା, କୁଞ୍ଜାମ ଜଗା, ବୋଡକେ ହୁରା, ମଡକମ ହିଡମା, ବଞ୍ଜାମ କେସା ଓ ମାଡବି ଜଗା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି।



ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରଭୁଜ, ପୂରୁବ କଥାକୁ ମନେ ହେଜ**
**ପାସୋର ଗଲାଣି କୁଣ୍ଡା ବୋଝ**
**କୁଲା ବିକି ହେଲା ଚାତର**
**ପୂର୍ବ କଥା ମନେ ବିଚାର।**

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତିନି ଥେଣ୍ଟିଆ କାକୁଡି ବାଡ଼ି**
**ଖାଏ ଶିଆଳ ବେକ ମୋଡି।**

ସାଧାରଣତଃ କେତେକ ବିଷୟକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି କିଛି ଭିନ୍ନ ମତ ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ସେଭଳି କୌଣସି ଏକ ପ୍ରସଙ୍ଗରେ ମତ ଭିନ୍ନ ଭିନ୍ନ ହେଲେ ବାହାର ଲୋକ ବା ଅତି ଚାଲାକ ଲୋକ ଏଥିରୁ ଫାଇଦା ହାସଲ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚାଲାଣ ବେଳେ ୨ ହାତୀଦାନ୍ତ ଜବତ, ୪ ଗିରଫ

ବାରିପଦା,୨୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ବାହାରକୁ ଚାଲାଣ ବେଳେ ବୁଧବାର ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଦେଉଳି ରେଞ୍ଜ ଅଞ୍ଚଳରୁ ବନ ବିଭାଗ ୨ ହାତୀଦାନ୍ତ ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ରାଜ୍ୟ ବାହାରର ୨ ଜଣ ଥିବାରୁ ହାତୀଦାନ୍ତ କାରବାରରେ ଆନ୍ତଃ ରାଜ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ଗଣ୍ଡାନେଟା ଅଞ୍ଚଳର ମଙ୍ଗଲ ସୋରେନ ଓ ଚାକୁଲିଆ ଥାନା ଅଧୀନ କାଣିମହୁଲୀ ଗ୍ରାମର ବିଜୟ ହାଁସଦା ଏବଂ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଦେବଶୂଳ ଗ୍ରାମ ଡାହିସାହି ଅଞ୍ଚଳର ବିର୍ସା ମୁର୍ମୁ ଓ ପଟଗଡ଼ିଆ ଗ୍ରାମର ଯୋଗେଶ୍ୱର ନାଏକ।

ସୂଚନାଯୋଗ୍ୟ, ହାତୀଦାନ୍ତ ଚୋରା ଚାଲାଣ ନେଇ ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ନିର୍ଦ୍ଦେଶକ୍ରମେ ଦେଉଳି ବନାଞ୍ଚଳ ରେଞ୍ଜ କର୍ମଚାରୀ ଓ ବନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଖାରପୋଖରିଆ ଥାନା ୪୯ନଂ. ଜାତୀୟ ରାଜପଥର ଜାମଶୋଳା ନିକଟସ୍ଥ ଗୋଷାଣୀ ଛକରେ ଜଗି ରହିଥିଲେ। ଅଭିଯୁକ୍ତମାନେ ହାତୀ ଦାନ୍ତ ବିକ୍ରି କରିବା ପାଇଁ ରାଜ୍ୟ ବାହାରକୁ ଚାଲାଣ କରୁଥିବା ସମୟରେ ଟିମ୍ ସେମାନଙ୍କୁ କାବୁ କରିଥିଲା। ଗୋଟିଏ ବାଇକ୍‌ରେ ୨ ଜଣ ୨ଟି ହାତୀଦାନ୍ତକୁ ଗାମୁଛାରେ ବାନ୍ଧି ଏକ ବ୍ୟାଗ୍‌ରେ ନେଉଥିଲେ। ସେମାନଙ୍କୁ ସୁରକ୍ଷା ଦେଇ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଯାଉଥିଲେ। ଜବତ ଗୋଟିଏ ଦାନ୍ତର ଓଜନ ୧ କେଜି ହୋଇଥିବା ବେଳେ ଅନ୍ୟଟି ୧ କେଜି ୨୦ଗ୍ରାମ ବୋଲି ବିଭାଗ ସୂଚନା ଦେଇଛି।

# ବଳାତ୍କାରୀ କନ୍‌ଷ୍ଟେବଲଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୨।୧
(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତ କନଷ୍ଟେବଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ଜଣକ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ଗୋବିନ୍ଦ ପ୍ରଧାନ(୨୫)। ସେ ଜିଲା ରିଜର୍ଭ ପୋଲିସରେ କନଷ୍ଟେବଲ ଭାବେ କାମ କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗୋବିନ୍ଦଙ୍କ ଭଉଣୀ ଏବଂ ପୀଡ଼ିତା ଗୋଟିଏ ସ୍କୁଲରେ ପଢୁଥିଲେ। ୨୦୧୬ରେ ୧୦ମ ଶ୍ରେଣୀ ପରୀକ୍ଷା ପରେ ଗୋବିନ୍ଦଙ୍କ ଭଉଣୀ ତାଙ୍କ ସାଙ୍ଗଙ୍କୁ ନିଜ ଘରକୁ ବୁଲାଇ ନେଇଥିଲେ। ସେ ୭ ଦିନ ସେଠାରେ ରହିଥିଲେ। ଏହି ସମୟରେ ଗୋବିନ୍ଦ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଘରକୁ ଆସିବାର କିଛିଦିନ ପରେ ଗୋବିନ୍ଦ ସେଠାରେ ପହଞ୍ଚି ପୁଣି ତାଙ୍କ ଘରକୁ ନେଇ ଯାଇଥିଲେ। ଚିହ୍ନା ପରିଚିତ ହୋଇଯାଇଥିବାରୁ ପରିବାର ଲୋକେ ଝିଅକୁ ତାଙ୍କ ସହ ଛାଡ଼ି ଦେଇଥିଲେ। ୨୦୧୭ରେ ଗୋବିନ୍ଦ ନାବାଳିକାଙ୍କୁ ନେଇ କେରଳ ଚାଲି ଯାଇଥିଲେ। ସେଠାରେ ୪ ମାସ ରହିବା ପରେ ଫୁଲବାଣୀ ଆସି ବିଭିନ୍ନ ସ୍ଥାନରେ ଭଡ଼ାରେ ରହିଥିଲେ। ୨୦୧୮ରେ ଗୋବିନ୍ଦ କନଷ୍ଟେବଲ ଚାକିରି ପାଇଥିଲେ। ଏହାପରେ ସେ ସମ୍ପୃକ୍ତ ନାବାଳିକାଙ୍କୁ ମୋତେ ଭୁଲିଯା କହି ଛାଡ଼ି ଦେଇଥିଲେ। ଗୋବିନ୍ଦ ଅନ୍ୟତ୍ର ବିବାହ କରୁଥିବା ଜାଣି ୨୦୨୦ ନଭେମ୍ବର ୬ ତାରିଖରେ ପୀଡ଼ିତା ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୪୪/୨୦ରେ ମାମଲା ରୁଜୁ କରି ଗୋବିନ୍ଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ମେଡିକାଲ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

DADLS-90





ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ
ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୨୩ ଜାନୁଆରୀ, ୨୦୨୫

ସକାଳ ୮ ଘଟିକା : ରସୁଲଗଡ ଛକ, ଭୁବନେଶ୍ୱରସ୍ଥିତ
ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସକାଳ ଘ. ୮.୩୦ମିନିଟ : ଭିଏସଏସ ନଗର, ଭୁବନେଶ୍ୱରରେ ଥିବା
ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ଘ. ୫.୩୦ ମିନିଟ୍ | ସାଧାରଣ ସଭା | ସ୍ଥାନ: ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା

ସମ୍ମାନନୀୟ ଅତିଥି
ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ବିଧାୟକବୃନ୍ଦ

ମୁଖ୍ୟ ବକ୍ତା
ଶ୍ରୀ ନିରଞ୍ଜନ ସାହୁ
ପୂର୍ବତନ ପ୍ରଶାସକ ତଥା ସାହିତ୍ୟିକ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0381/2425

ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !!-ଶ୍ରୀମା

-ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



# ସଂସ୍କୃତି ଓ ସଙ୍ଗୀତ



ଦେବଦତ୍ତ ପଟ୍ଟନାୟକ

ଯେତେବେଳେ ଭଗବାନ୍ ଶିବ ଗୀତ ଗାଇବା ଆରମ୍ଭ କଲେ ସେତେବେଳେ ବିଷ୍ଣୁ ତରଳିଗଲେ ଏବଂ ତାଙ୍କ ଶରୀର ଗଙ୍ଗା ଜଳରେ ପରିଣତ ହେଲା। ରାବଣ ବିଷ୍ଣୁଙ୍କ ଅସ୍ଥିକୁ ବିମ୍ ଭାବେ ଏବଂ ସ୍ନାୟୁକୁ ବାଦ୍ୟଯନ୍ତ୍ରର ତାର ବା ତନ୍ତ୍ରୀ ଏବଂ ମୁଣ୍ଡକୁ ତୁମ୍ବା ଭାବେ ବ୍ୟବହାର କରି ବୀଣା ଉଦ୍ଭାବନ କରିଥିଲେ। ଦେଖିବାକୁ ଗଲେ ହିନ୍ଦୁଧର୍ମର ଲୋକକଥା ଏହିଭଳି କାହାଣୀଗୁଡ଼ିକରେ ପରିପୂର୍ଣ୍ଣ। କିନ୍ତୁ ବୁଦ୍ଧ ଏବଂ ଜୈନ ତୀର୍ଥଙ୍କର ସହ ବାଦ୍ୟଯନ୍ତ୍ର ଥିବା କେହି କେବେ ଦେଖି ନ ଥିବେ। ସଙ୍ଗୀତ ସନ୍ନ୍ୟାସୀଙ୍କ ସହିତ ବି ଜଡ଼ିତ ନ ଥିଲା। ଏହାକୁ ଭକ୍ତିମାର୍ଗର ସାଧୁମାନେ କେବଳ ବ୍ୟବହାର କରୁଥିଲେ। ରୂଢ଼ିବାଦୀ ଖ୍ରୀଷ୍ଟିଆନ ଏବଂ ମୁସଲମାନଙ୍କ କ୍ଷେତ୍ରରେ ଈଶ୍ୱରଙ୍କ ଆରାଧନାରେ ଗୀତ ଓ ଭଜନ ବ୍ୟତୀତ ମ୍ୟୁଜିକ ଏକ ପାପ ଥିଲା। ଏହିପରି ଭାବେ ସଙ୍ଗୀତ ସଂସ୍କୃତି ସମ୍ପର୍କରେ ଅନେକ କିଛି ପ୍ରକାଶ କରେ।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ମଧୁର ସ୍ୱର ବା ରାଗ କିମ୍ବା ଏକକ ତାଳ ଉପରେ ଆଧାରିତ, ଯେଉଁଠାରେ ଜଣେ ବ୍ୟକ୍ତି ଏକ ସ୍ୱରରେ ଗାଆନ୍ତି ଏବଂ ପରେ ଅନ୍ୟ ବାଦ୍ୟଯନ୍ତ୍ର ବା ସ୍ୱର ଏଥିରେ ସହଯୋଗ କରିଥାଏ। ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ଏକାଧିକ ସ୍ୱର ସହିତ ଜଡ଼ିତ ଥିବାବେଳେ ଏକ ନୂତନ ତଥା ଭିନ୍ନ ସଙ୍ଗୀତ ସୃଷ୍ଟି କରିବା ପାଇଁ ବିଭିନ୍ନ ଧ୍ୱନିକୁ ଏକତ୍ର କରି ଭାରତୀୟ ସଙ୍ଗୀତ ଏକ ସରଳ ଓ ସ୍ୱଷ୍ଟ ସ୍ୱର ସୃଷ୍ଟି କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ତୁରନ୍ତ ରଚନା କରିହୁଏ। ଏହାକୁ ପ୍ରାରମ୍ଭିକ ତଥା ଧୀର ତାଳରେ ଗାଇହୁଏ। ଅନ୍ୟପଟେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ଗାଇବା କଷ୍ଟକର। କିନ୍ତୁ ଆଫ୍ରିକାରୁ ପାଶ୍ଚାତ୍ୟକୁ ଯାଇଥିବା ଜାଜ୍ ମ୍ୟୁଜିକକୁ ତୁରନ୍ତ କମ୍ପୋଜ କରି ଗାଇହୁଏ। ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ମଧ୍ୟ ସହଜରେ ଲେଖାଯାଇପାରିବ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସାତଟି ସ୍ୱର କିମ୍ବା ତାଳ ଅଛି – ଯାହାକୁ ବିଭିନ୍ନ ପ୍ରକାରେ ଅଦଳବଦଳ କରି ରାଗ ସୃଷ୍ଟି କରାଯାଇଥାଏ। ରସ ଏବଂ ଭାବ ଜାଗ୍ରତ କରିବା ପାଇଁ ଏକ ତାଳରେ ଏହାକୁ ଗାନ କରାଯାଏ। ରସ ଏବଂ ଭାବ ସଙ୍ଗୀତର ଅଂଶ ନୁହନ୍ତି। ସଙ୍ଗୀତ ଏକ ଅନୁଭବ ଏବଂ ଦର୍ଶକ କଳାକାରଙ୍କୁ



ଗାଇବା ଲାଗି ପ୍ରେରିତ କରିଥାନ୍ତି। ଅନ୍ୟପକ୍ଷରେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ରସ ଏବଂ ଭାବ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାକୁ ଠିକ୍ ଭାବରେ ଗାଇ ହୁଏନି। ବାସ୍ତବରେ ସଙ୍ଗୀତ ପ୍ରତି ବିଶ୍ୱସ୍ତତା ବା ନିଷ୍ଠା ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ।

ସାମ ବେଦ ହେଉଛି ଭାରତୀୟ ସଙ୍ଗୀତର ଆଦ୍ୟ ପ୍ରମାଣ। ପ୍ରାଗ୍ଐତିହାସିକ ଯୁଗରେ ସଙ୍ଗୀତ ଆରମ୍ଭ ହୋଇଥିଲା। ପ୍ରସ୍ତର ଯୁଗରେ ଲୋକମାନେ ପଥର ସହ ପଥରକୁ ବାଡ଼େଇ ମ୍ୟୁଜିକ ସୃଷ୍ଟି କରୁଥିଲେ। ଏଭଳି ପଥରଗୁଡ଼ିକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଓଡ଼ିଶାରେ ଆବିଷ୍କାର କରିଛନ୍ତି। ପରେ ପ୍ରସ୍ତର ଯୁଗରେ ଲୋକେ ସ୍ୱର ଏବଂ ବାଦ୍ୟଯନ୍ତ୍ରର ବିକାଶ କଲେ। ହରପ୍ପାରୁ ମିଳିଥିବା ଏକ ମୋହରରେ ସାତ ଜଣ ଲୋକ ସମାନ ପୋଷାକ ପିନ୍ଧି ଏକ ଗଛ ଚାରିପାଖରେ ନାଚୁଥିବାର ଐତିହାସିକ ପ୍ରମାଣ ରହିଛି। ତେଣୁ ଏହି ନୃତ୍ୟକୁ ସହଯୋଗ କରିବାରେ ନିଶ୍ଚିତ ଭାବେ ମ୍ୟୁଜିକ ରହିଥିବ ବୋଲି ଅନୁମାନ କରାଯାଏ। ଯେହେତୁ ବାଦ୍ୟଯନ୍ତ୍ରଗୁଡ଼ିକ ଜୈବ ପଦାର୍ଥରେ ନିର୍ମିତ, ସେଥିପାଇଁ ସେଗୁଡ଼ିକ ଦୀର୍ଘ ସମୟ ଅକ୍ଷୁଣ୍ଣ ରହିବା ସମ୍ଭବ ହୋଇନାହିଁ। ତେଣୁ ହରପ୍ପା ସଭ୍ୟତାରେ ବ୍ୟବହାର କରାଯାଉଥିବା ମାଟି ତିଆରି ବାଦ୍ୟଯନ୍ତ୍ରଗୁଡ଼ିକ ଆମ ପାଖରେ ନାହିଁ। କିନ୍ତୁ ହରପ୍ପାର ଲୋକମାନେ ସୁମେରିଆନ (ବାବିଲୋନିଆର ପୁରାତନ ଲୋକ)ଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ। ସୁମେରୀୟ କବର ଏବଂ କଳାରେ ହରପ୍ପାରୁ ମିଳିଥିବା ବାଦ୍ୟଯନ୍ତ୍ରଗୁଡ଼ିକର ଛାପ ଦେଖିବାକୁ ମିଳେ। ଏଣୁ ଏଗୁଡ଼ିକୁ ସେତେବେଳେ ହରପ୍ପାବାସୀ ରପ୍ତାନି କରିଥାଇ ପାରିଥାଆନ୍ତି ବୋଲି ଐତିହାସିକମାନେ ମତ ଦିଅନ୍ତି।

ଭାରତୀୟ ସଙ୍ଗୀତର ପ୍ରଥମ ସ୍ୱଷ୍ଟ ପ୍ରମାଣ ସାମ ବେଦରୁ ମିଳେ (ଖ୍ରୀଷ୍ଟପୂର୍ବ ୧୦୦୦), ଯାହା ଋଗ୍ ବେଦର ପଂକ୍ତିକୁ ନେଇ ସଙ୍ଗୀତ ସୃଷ୍ଟି କରିଥିଲା। ଗନ୍ଧର୍ବ ବା ସ୍ୱର୍ଗର ସଙ୍ଗୀତଜ୍ଞଙ୍କ ବିଷୟରେ ମଧ୍ୟ ସାମବେଦରେ ଉଲ୍ଲେଖ ରହିଛି। ସଙ୍ଗୀତକାରମାନେ ସଂସ୍କୃତ ନାଟକ ମାଧ୍ୟମରେ ରାଜାମାନଙ୍କ ମନୋରଞ୍ଜନ କରୁଥିବାର ଉଦାହରଣ ସବୁ ରହିଛି। ହିନ୍ଦୁ ମନ୍ଦିର ଏବଂ ବୌଦ୍ଧ ଗୁମ୍ଫାର କାନ୍ଥରେ ମହିଳା ସଙ୍ଗୀତଜ୍ଞଙ୍କ ମୂର୍ତ୍ତି ଦେଖିବାକୁ ମିଳେ।

ଇସ୍‌ଲାମର ଆଗମନ ପରେ ଭାରତରେ ମ୍ୟୁଜିକରେ ବଡ଼ ପରିବର୍ତ୍ତନ ହୋଇଛି। ପାର୍ସୀ ସଙ୍ଗୀତ ପରମ୍ପରା ଭାରତରେ ପ୍ରବେଶ କରିବା ପରେ ଉତ୍ତର ଭାରତୀୟ (ହିନ୍ଦୁସ୍ଥାନୀ) ସଙ୍ଗୀତ ପ୍ରଣାଳୀର ବୃଦ୍ଧି ଘଟିଛି, ଯାହା ପୁରାତନ ତଥା ଅଧିକ ପାରମ୍ପରିକ ଦକ୍ଷିଣ ଭାରତୀୟ (କର୍ନାଟିକ୍) ସଙ୍ଗୀତ ପ୍ରଣାଳୀଠାରୁ ଭିନ୍ନ। ହିନ୍ଦୁସ୍ଥାନୀ ସଙ୍ଗୀତ ରାଜ ଦରବାରରେ ଏବଂ ପ୍ରତିଷ୍ଠିତ ପରିବାରଗୁଡ଼ିକ(ଘାରାନା)ରେ ପୃଷ୍ଠପୋଷକତା ଲାଭ କରିଥିଲା। ବିଶେଷକରି ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ(ତୱାଫ) ଙ୍କ ଦ୍ୱାରା ଏହା ସମ୍ଭବ ହୋଇଥିଲା। ପରେ ମନ୍ଦିର ଏବଂ ଦେବଦାସୀ ପରିବାରଗୁଡ଼ିକରେ ଏହା ପୃଷ୍ଠପୋଷକତା ପାଇଥିଲା।

ବ୍ରିଟିଶମାନଙ୍କ ସହିତ ଅର୍କେଷ୍ଟ୍ରା ଏବଂ ସାମରିକ ବ୍ୟାଣ୍ଡ୍ ଭାରତକୁ ଆସିଲା। ଭାରତୀୟ ସୈନ୍ୟବାହିନୀ ସର୍ବଦା ଡ୍ରମ୍ ଏବଂ ବଗଲ ସହିତ ଜଡ଼ିତ ରହିଆସିଥିଲେ ବି ଇଂରେଜମାନେ ବ୍ୟାଣ୍ଡ୍‌କୁ ଭାରତରେ ପ୍ରବେଶ କରାଇଥିଲେ। ଏହି ବ୍ୟାଣ୍ଡ୍ ଦକ୍ଷିଣ ଭାରତର ସଙ୍ଗୀତଜ୍ଞଙ୍କ ଉପରେ ଅଧିକ ପ୍ରଭାବ ପକାଇଥିଲା। କେବଳ ଅଷ୍ଟାଦଶ ଶତାବ୍ଦୀରେ ଏହା ଘଟିଥିଲା। କର୍ନାଟିକ ସଙ୍ଗୀତକୁ ସମୃଦ୍ଧ କରିଥିବା ତିନି ସଙ୍ଗୀତଜ୍ଞ ହେଲେ ତ୍ୟାଗରାଜ, ମୁଥୁସ୍ୱାମୀ ଦୀକ୍ଷିତାର ଏବଂ ଶ୍ୟାମ ଶାସ୍ତ୍ରୀ। ଦକ୍ଷିଣରେ ଦେବଦାସୀ ଏବଂ ଉତ୍ତରରେ ତାୱିଫଙ୍କ ଦ୍ୱାରା ଭାରତର ସଙ୍ଗୀତ ପରମ୍ପରାର ମିଳନ ଘଟିଥିଲା। ବାଙ୍ଗାଲୋରର କର୍ନାଟକୀ ଗାୟିକା ତଥା ଦେବଦାସୀ ନାଗରଥନମ୍ମା ଏହାର ଉଦାହରଣ। ସେ ତ୍ୟାଗରାଜଙ୍କ ପାଇଁ ସମାଧି ନିର୍ମାଣ କରିଥିଲେ। ଉତ୍ତର ଭାରତରେ ଗୌହରଜାନଙ୍କ ପରି ଗାୟିକା ଓ ନର୍ତ୍ତକୀ, ଯିଏ କି ଭାରତରେ ୭୮ ଆର୍‌ପିଏମ୍ ରେକର୍ଡରେ ସଙ୍ଗୀତ ରେକର୍ଡ କରିଥିବା ପ୍ରଥମ କଳାକାରଙ୍କ ମଧ୍ୟରୁ ଜଣେ ଏବଂ ଗାୟିକା ତଥା ଅଭିନେତ୍ରୀ ବେଗମ୍ ଅଖତରଙ୍କର ମଧ୍ୟ ଅବଦାନ ରହିଛି।

–devduttofficial@gmail.com

# ଉଚ୍ଚତା



ଧ୍ରୁବ ଚରଣ ଘିବେଲା

ବ୍ୟକ୍ତି ପ୍ରଶଂସା ତଥା ପ୍ରତିଷ୍ଠା ପାଇଁ ନିଜ ଉଚ୍ଚତା ନିର୍ମାଣ କାମରେ ଆଜିକାଲି ବିଶେଷଭାବେ ରହୁଥିବା ପରିଲକ୍ଷିତ ହୁଏ। ଗାଆଁ ଗହଳରେ ଯାହାର ଘର ସବୁଠୁ ଉଚ୍ଚ, ସେଇଟା ମୋ'/ଆମ ଘର କହି କିଛି ଲୋକ ଗର୍ବ ଅନୁଭବ କରିଥାନ୍ତି। କେଉଁଠି କେଉଁଠି ଉଚ୍ଚ ଘର ଯେମିତି ବ୍ୟକ୍ତିର ଉଚ୍ଚତା ତିଆରିରେ, ସେମିତି ଥିଲାବାଲା ଧନସମ୍ପତ୍ତି ଆଧାରରେ ନିଜ ଉଚ୍ଚତା ଜାହିର କରିଥାନ୍ତି। ନିଜ ପରିସରରେ ଗାଆଁରେ ତାଙ୍କର ବେଶ୍ ପତିଆରା ଥାଏ। ସମୟ ଥିଲା, ବାଇକ, ଚାରିଚକିଆ ଗାଡ଼ି ଷ୍ଟାଟସ ସିମ୍ବଲ ଥିଲା। ସେସବୁ ତିଆରୁ ଥିଲା ବ୍ୟକ୍ତିର ପତିଆରା, ବ୍ୟକ୍ତିତ୍ୱ, ଉଚ୍ଚତା ଅନେକ କିଛି। ସେମାନେ ଅନ୍ୟର ସୁବିଧା ଅସୁବିଧାରେ ଯଥା ସାହାଯ୍ୟ କରୁଥିଲେ। ତାଙ୍କୁ ସାଧାରଣ ଲୋକେ ମାନୁଥିଲେ। ଧୀରେ ଧୀରେ ଥିଲାବାଲାଙ୍କ ଥିଲାପଣିଆ ଗର୍ବଭାବ ବଢ଼ିଲା। ସାହାଯ୍ୟ ନାଆଁରେ ଅନ୍ୟକୁ ଶୋଷଣ କରିଚାଲିଲେ। ଥିଲାବାଲା ନିଜ ପରିବେଶରେ ଯେଉଁ ଉଚ୍ଚତା ତିଆରିଥିଲେ, ତାହା କ୍ଷୁଣ୍ଣ ହେବାକୁ ଲାଗିଲା ନାନା କାରଣରୁ।

ବେପାର କ୍ଷେତ୍ରରେ ଥିବା କିଛି ଥିଲାବାଲା ଦେଖିଲେ ବେପାରରେ ତାଙ୍କ ପୂର୍ବ ପ୍ରତିଷ୍ଠା ଆଉ ଏତେ ରହୁନାହିଁ। ସେମାନଙ୍କ ଭିତରୁ କିଛି ଆଖି ବୁଲାଇଲେ ବେପାର ବ୍ୟତୀତ ଆଉ କେଉଁ କ୍ଷେତ୍ର ରହିଛି, ଯେଉଁଠୁ ସହଜରେ ମାନ ସମ୍ମାନ ପ୍ରତିଷ୍ଠା ପୁରସ୍କାର ଆଦି ଗୋଟାଇ ହେବ। କମ୍ ଖର୍ଚ୍ଚରେ ଅଧିକ ଫାଇଦା ଗଣ୍ଡେଇ ହେବ। କିଛି ଚତୁର ବେପାରୀଙ୍କ ଆଖିନିବଦ୍ଧ ହେଲା ସାହିତ୍ୟର ସବୁଜ କ୍ଷେତ୍ର ଉପରେ। ବେଶ୍ ତା'ପରେ ଖଟାଇଲେ ଚତୁର ବେପାରୀ ତାଙ୍କ ଯେତେକ ଖଳ ବଳ ବୁଦ୍ଧି ସବୁ ସେଇଠି। ଅଜସ୍ର ଅର୍ଥ ଥିବାରୁ ସ୍ଥାନେ ସ୍ଥାନେ ତିଆରିକଲେ ସେମାନେ ସାହିତ୍ୟ ଅନୁଷ୍ଠାନ। ଗୋଡ଼ାଣିଆ କୃପଣ ଦଳ ହାତରୁ ଦି' ପଇସା ଖର୍ଚ୍ଚ କରନ୍ତି ନାହିଁ । କେଉଁଠି, ମାହାଲିଆ ସାହିତ୍ୟ କରିବେ, ନାଁ ଅର୍ଜିବେ, କିଛି ଖାଇବେ ପିଇବେ ସେଇ ଲକ୍ଷ୍ୟରେ ବେପାରୀଙ୍କ ସାହିତ୍ୟ ଅନୁଷ୍ଠାନରେ ଭିଡ଼ ଜମାନ୍ତି। ବେପାରୀ ତା'ପରେ ବେପାରୀରୁ ସାହିତ୍ୟିକ ବନିଯାଆନ୍ତି। ନାଁ ପାଇଁ କିଛି ସାହିତ୍ୟ ସଭା କରନ୍ତି। ପୁରସ୍କାର ବାଣ୍ଟନ୍ତି। ଟଙ୍କା ଦେଇ କେଉଁଠି ମଞ୍ଚ ଚଳାନ୍ତି। ଏମିତି ରୀତିମତ ଉଚ୍ଚତା ତିଆରିବା ତରିକା ଆପଣେଇ ନିଜ ଉଚ୍ଚତା ବୃଦ୍ଧି ଅଭିଯାନରେ ଆଂଶିକ ସଫଳ ହୁଅନ୍ତି। ହେଉଛନ୍ତି ମଧ୍ୟ।

ସମୟ କ୍ରମେ ପୁଣି ଦେଖାଯାଏ,ଆପଣା ଉଚ୍ଚତା ପାଇବାକୁ ଯାଇ ଅନ୍ୟର ଅପନିନ୍ଦା କରିବା ଆରମ୍ଭ କରନ୍ତି ବେପାରୀ ସାହିତ୍ୟିକଙ୍କ ଭିତରୁ କେତେକ। ଯିଏ ଅନ୍ୟକୁ ସମାଲୋଚନା କରି ନିଜେ ପ୍ରତିଷ୍ଠିତ ହେବାକୁ ଚାହେଁ, ସେ ଜାଣି ପାରି ନ ଥାଏ ଅନ୍ୟକୁ ସମାଲୋଚନା କରିବା ଭିତରେ ନିଜକୁ କେତେ ନ୍ୟୂନ କରି ଦେଇଥାଏ। ଅନ୍ୟକୁ ଗାଳି କରି କେହି କେବେ ଉଚ୍ଚ ହୁଏ ନାହିଁ। ନିଜେ ପୁରସ୍କାର କିଣି ପ୍ରଶଂସିତ ହୁଅ କି କେଉଁଠି ମଞ୍ଚ ଚଢ଼ି ପୁରସ୍କାର ବାଣ୍ଟ, ତାହା ତୁମ ପାଇଁ ହେଉ ଭଲ କଥା। ହେଲେ ତୁମେ ପ୍ରଶଂସିତ ହେବ ବୋଲି ଅପରର ଅପନିନ୍ଦା କରିବା କେଉଁ ଜ୍ଞାନୀଗୁଣୀର କାମ। ଏହା ତ ଭଲ କାମ ପଦବାଚ୍ୟ ନୁହଁ, ଅପକର୍ମ ନିଶ୍ଚୟ। ଆପଣା ଉଚ୍ଚତା ତିଆରିବ ବୋଲି ଅନ୍ୟକୁ ଗାଳି କରିବ, ଏହା କି କଥା ? ସାହିତ୍ୟରେ ଅସହିଷ୍ଣୁତା ଠିକ୍ ନୁହେଁ। ଆପଣା ମନ୍ଦ ଉଦ୍ଦେଶ୍ୟ (ପୁରସ୍କାର କିଣିବା, ପୁରସ୍କାର କିଣି ନାଁ କମେଇବା ମାନସିକତା ରଖିବା) ଚରିତାର୍ଥ କରିବା ପାଇଁ ସାହିତ୍ୟର ସବୁଜିମାକୁ ନଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ। ଠିକ୍ ମାର୍ଗରେ ଯାଇ ଆପଣା ଉଚ୍ଚତା ପାଇବା ଭଲ କଥା। ତହିଁରେ କାହାର ଆପତ୍ତି ରହିବ ନାହିଁ। ସେମିତି କରାଗଲେ ତାହାକୁ ସଭିଏଁ ସ୍ୱାଗତ କରିବେ। ଏବେ ଏବେ ଏଇଠି କେତେକ ବଡ଼ ପୁରସ୍କାର ହାତେଇବା ପାଇଁ ସାନ ସାନ ପୁରସ୍କାର ସଂଗ୍ରହ କାମରେ ନିଜକୁ ବେଶ୍ ନିୟମିତ ନିୟୋଜିତ ରଖୁଥିବାର ମନେହୁଅନ୍ତି। ବଡ଼ ପଦ୍ମ ପୁରସ୍କାର ନ ହେଲେ ନାହିଁ, ସାନ ପଦ୍ମ ପୁରସ୍କାର ତୋଳିବା ପାଇଁ କେତେକଙ୍କଠି ନାହିଁ ନ ଥିବା ବୈକଲ୍ୟ ଭାବ ଜାଗରୁକ ହେଲାଣି।

ତେବେ ଯାହା ପୁରସ୍କାର ପାଉଛ ପାଅ। କିନ୍ତୁ ଠିକ୍ ଧାରା ଧରି, ଠିକ୍ କର୍ମ କରି ଆପଣା ଉଚ୍ଚତା ବଢ଼ାଅ। ତାହା ନ କରି ଗଳାବାଟର ବାଟୋଇ ହୋଇ ପୁଣି ପ୍ରଶଂସା କାଙ୍ଗାଳ ସାଜି ଅନ୍ୟର ଅପନିନ୍ଦା କରିବା ବୁମେରାଂ ହେବ।

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

## ଏଇ ଭାରତରେ

ବନ୍ୟଜନ୍ତୁ ସୁରକ୍ଷାର କବଚ ପାଲଟିଛନ୍ତି ରାଜସ୍ଥାନର ଶ୍ରବଣ ପଟେଲ । ସେ ତାଙ୍କ ଗାଁ ନିକଟରେ ରହୁଥିବା ବିଲୁପ୍ତ ପ୍ରାୟ ହରିଣ, କୃଷ୍ଣସାର ମୃଗ, ବଗ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କରୁଛନ୍ତି। ଯୋଧପୁର ନିକଟରେ ଥିବା ତାଙ୍କ ଗାଁ ଧୱାର ବିଶେଷତ୍ୱ ରହିଛି। ଏହି ଗାଁରେ ଥିବା ଛୋଟ ଜଙ୍ଗଲକୁ ଗାଁର ଲୋକେ ସୁରକ୍ଷା ଦେବା ସହ ପଶୁପକ୍ଷୀଙ୍କ ସହିତ ସହାବସ୍ଥାନ କରନ୍ତି। ଏହି ଧାରା ଅନେକ ଶତାବ୍ଦୀ ଧରି ଚାଲିଆସିଛି। କିନ୍ତୁ ଏବେ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏହାସହ ଗାଁ ନିକଟରେ ବହି ଯାଇଥିବା ଜୋଜ୍ରି ନଦୀର ପାଣି ବିଷାକ୍ତ ହୋଇଯାଇଛି। ଫଳରେ ଏହି ପାଣି ପିଇ ହରିଣ, କୃଷ୍ଣସାର ମୃଗ ଆଦି ବନ୍ୟଜନ୍ତୁ ରୋଗଗ୍ରସ୍ତ ହେଉଛନ୍ତି। ଏହା ବ୍ୟତୀତ ଚାଷଜମି ଚାରିପାଖରେ ତାର ବାଡ଼ ଲଗାଇବା ଦ୍ୱାରା ଏହି ସବୁ ପ୍ରାଣୀ ଅନେକ ସମୟରେ ଆହତ ହେଉଛନ୍ତି କିମ୍ବା ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ସେମାନଙ୍କ ସୁରକ୍ଷା ପାଇଁ ଶ୍ରବଣ ଏକ ଟିମ୍ ଗଢ଼ିଛନ୍ତି । 'ୱାନ୍ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ' ନାମକ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ ମଧ୍ୟ ଗଠନ କରି ସେଥିରେ ୧,୦୦୦ ଜଣଙ୍କୁ ସାମିଲ କରିପାରିଛନ୍ତି। ପ୍ରତ୍ୟେକ ସଭ୍ୟ ୩୬୫ ଦିନରେ ଦିନକୁ ୧ଟଙ୍କା ହିସାବରେ ଦେଉଛନ୍ତି, ଯାହା ପଶୁପକ୍ଷୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଉଛି। ଏହି ଟିମ୍ ଯେଉଁ ଜାଗା ନଷ୍ଟ ହୋଇଯାଇଛି ସେଠାରେ ବୃକ୍ଷ ରୋପଣ କରିବା ସହ ଚାରଣଭୂମି ସୃଷ୍ଟି କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୩ ଜାନୁଆରୀ ୧୯୭୬**

- ସୁନ୍ଦରଗଡ଼ରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ପିତାମହଲ ବନ୍ଧ ଓ କାଂସବାହଲ ଡାକ୍ତରଖାନା ଉଦ୍‌ଘାଟିତ।
- ଭାରତୀୟ ଭୂତଳ ସର୍ଭେ ସଂସ୍ଥା ପକ୍ଷରୁ ରାଜ୍ୟର ସର୍ଭିପଲ୍ଲୀ ଅଞ୍ଚଳରେ ଖଣିଜ ଧାତୁର ସନ୍ଧାନ।
- ଦୁର୍ଘଟଣାଗ୍ରସ୍ତ ଚାସନଳା କୋଇଲା ଖଣିରୁ ୧୩ଟି ଶବ ଉଦ୍ଧାର କରାଯାଇଥିବା ବେଳେ ଖଣିର ଦ୍ୱିତୀୟ ସ୍ତରର ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 4 | | 1 | 9 |
| | | 4 | | | | | | |
| 8 | | | | | 3 | | | |
| | 2 | 7 | | 3 | | | | 4 |
| | | 3 | | | | | 9 | 1 |
| | 5 | | | 7 | 9 | | | |
| | | 1 | | | | | | 6 |
| 3 | | | | | | | | |
| | | 2 | 7 | 5 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 1 | 9 | 2 | 8 | 7 | 6 |
| 8 | 2 | 7 | 3 | 6 | 5 | 4 | 9 | 1 |
| 6 | 1 | 9 | 8 | 4 | 7 | 5 | 3 | 2 |
| 7 | 6 | 3 | 9 | 5 | 1 | 2 | 4 | 8 |
| 5 | 9 | 4 | 2 | 8 | 3 | 1 | 6 | 7 |
| 1 | 8 | 2 | 4 | 7 | 6 | 9 | 5 | 3 |
| 9 | 5 | 1 | 6 | 3 | 8 | 7 | 2 | 4 |
| 3 | 7 | 8 | 5 | 2 | 4 | 6 | 1 | 9 |
| 2 | 4 | 6 | 7 | 1 | 9 | 3 | 8 | 5 |

ଗତକାଲିର ଉତ୍ତର

# ଆଇଏନ୍‌ଏର ପରାକ୍ରମୀ ସେନାଧ୍ୟକ୍ଷ



ଡ. ମନୋଜ କୁମାର ମହାନ୍ତି

ଯଦିଓ ପରିବର୍ତ୍ତନ ପ୍ରକୃତିର ନିୟମ ତଥାପି ମଣିଷ ତା' ଅତୀତକୁ ଛାଡ଼ି ରହିପାରିବ ନାହିଁ। କାରଣ ଇତିହାସ ବୃହତ୍ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ପୁନରାବୃତ୍ତି କରି ମାନବ ସମାଜକୁ ବିକାଶ ପଥରେ ଅଗ୍ରଗତି ହେବା ପାଇଁ ପ୍ରେରଣା ଯୋଗାଇ ଥାଏ। ବିଶେଷ କରି ବ୍ୟକ୍ତିବିଶେଷଙ୍କ ଚିନ୍ତାଧାରା, କର୍ମ, ତ୍ୟାଗ ଓ ଜୀବନଦର୍ଶନ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତରୂପେ ପ୍ରେରଣାଦାୟୀ ସ୍ରୋତ ପାଲଟି ଯାଏ। ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ସ୍ମୃତିପଟରେ ସ୍ମରଣୀୟ ହୋଇ ରହିଯାଏ। କାଳଜୟୀ ପୁରୁଷ ଭାବେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯା'ନ୍ତି ଇତିହାସର ଅଧ୍ୟାୟରେ, ଏକ ସ୍ୱର୍ଣ୍ଣିମ ପୃଷ୍ଠାଭାବରେ। ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବହମାନ ସ୍ରୋତ। ନେତାଜୀ ସୁଭାଷ ବୋଷ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ। ୪୮ ବର୍ଷର ସ୍ୱଳ୍ପ ଜୀବନଯାତ୍ରା ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗ୍ଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ରାଷ୍ଟ୍ରୀୟ ସୈନ୍ୟବାହିନୀର ପ୍ରତିଷ୍ଠା(ଆଜାଦ ହିନ୍ଦ୍ ଫୌଜ), ଆଜାଦ ହିନ୍ଦ୍ ସରକାର ସ୍ଥାପନ, ଆଜାଦ ହିନ୍ଦ୍ ରେଡିଓ ବାର୍ତ୍ତାର ପ୍ରଚାରକ, ଦିଲ୍ଲୀ ଚଲୋର ଡାକରା, ଭରତୀୟ ବନ୍ଦୀ କଏଦୀ ସଂଗଠନ, ଜୟହିନ୍ଦ୍ ସ୍ଲୋଗାନ ଓ ସାମ୍ୟବାଦ ନୀତିକୁ ଅଗ୍ରାଧିକାର ଦେବା ସହ ଭାରତୀୟଙ୍କୁ ଏକଜୁଟ କରି ଇଂରେଜ ସରକାରଙ୍କୁ ଭାରତରୁ ବହିଷ୍କାର କରିବାରେ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଥିଲେ ତାହା ଯୁବ ସମାଜ ସଦାସର୍ବଦା ମନେରଖିବ।

ଇଂରେଜ ଶାସନ କାଳରେ ଭାରତୀୟଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା। ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସାକାର କରି ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ କିପରି ସାମିଲ କରାଯାଇପାରିବ ଓ ଦେଶପ୍ରେମର ମହାମନ୍ତ୍ରରେ ଦୀକ୍ଷିତ କରାଯିବ ସେଥିପାଇଁ ସେ ଉପାୟ ଖୋଜିଲେ। ପରାଧୀନତା ହିଁ ସବୁ ଦୁଃଖ ଓ ମାନସିକ ଯନ୍ତ୍ରଣାର କାରଣ। ସେ ଅନୁଭବ କରିଥିଲେ ଯେ ସାମରିକ ଶକ୍ତି ହିଁ ଏକମାତ୍ର ଅସ୍ତ୍ର, ଯାହାକୁ ହତିୟାର କରି ଭାରତୀୟମାନେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିପାରିବେ। ଯେପର୍ଯ୍ୟନ୍ତ ଯୁବ ଗୋଷ୍ଠୀ ନିଜ ରକ୍ତ ନ ବୁହାଇଛି ସେପର୍ଯ୍ୟନ୍ତ ପରାଧୀନତାର ପଞ୍ଜୁରିରେ ଆବଦ୍ଧ ହୋଇ ପିଞ୍ଛିଛାଟି ହେବା ଛଡ଼ା ଅନ୍ୟ ଗତି ନାହିଁ। ଯଦି ଜୀବନରେ ସଂଘର୍ଷ ନାହିଁ ସେ ଜୀବନ ଜିଇବାରେ ଆନନ୍ଦ ବା କାହିଁ। ୧୯୨୧ରେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦକୁ ପାଦରେ ଏଡ଼େଇ ସେ ଗାନ୍ଧୀଙ୍କ ଆଦର୍ଶ ତଥା ଭାରତୀୟ ମୁକ୍ତି ଆନ୍ଦୋଳନରେ ଅନୁପ୍ରାଣିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ନେଇ ଭାରତର ସ୍ୱାଧୀନତାର ସ୍ୱପ୍ନ ଅସ୍ୱଷ୍ଟ ଦିଶୁଥିବାରୁ ସେ ନିଜ ରାସ୍ତାର ଗତିପଥକୁ ବଦଳାଇବାକୁ ବାଧ୍ୟ ହେଲେ। ଇଂରେଜମାନଙ୍କ ନିକଟରେ ନିଜ ଦେଶର ସ୍ୱାଧୀନତାକୁ ଭିକ୍ଷା କରିବାର ଅର୍ଥ ଭାରତୀୟ ସ୍ୱାଭିମାନର ଭିକ୍ଷା । ସ୍ୱାଧୀନତା କେହି କାହାକୁ ଦିଏନାହିଁ ବରଂ ତାକୁ ଜୋର କରି ଅଣାଯାଇଥାଏ। ଭାରତ ବର୍ଷକୁ ସ୍ୱାଧୀନତା ଦେବା ପାଇଁ ସେ ତାଙ୍କର ଚିନ୍ତାଧାରାକୁ କ୍ରାନ୍ତିକାରୀ ରୂପ ଦେଇଥିଲେ। ଜଣେ ଭାରତୀୟ ନାଗରିକ ଓ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଥିଲା ; କଣ୍ଟାକୁ କଣ୍ଟା ଦ୍ୱାରା କେବଳ ବାହାର କରାଯାଇପାରିବ। ଯେଉଁ ଯୁବକ ଦିନେ ଗାନ୍ଧିବାଦର ଅହିଂସା ମାର୍ଗକୁ ଆପଣାଇ ଇଂରେଜମାନଙ୍କ ବିରୋଧରେ ନିଜକୁ ଆନ୍ଦୋଳନରେ ସାମିଲ କରିଥିଲେ, ସେହି ଯୁବକ ହିଁ



ହିଂସାର ଆବଶ୍ୟକତାକୁ ଅନୁଭବ କରି ସ୍ୱାଧୀନତାକୁ କିପରି ହାତେଇବାକୁ ହେବ ତା'ର ସମସ୍ତ କୌଶଳ ଅବଲମ୍ବନ କରିବାରେ ପଛଘୁଞ୍ଚା ଦେଇ ନ ଥିଲେ। ଗାଲଚାପୁଡ଼ା ଓ ଲାଠି ପାହାର ଖାଇ କେହି ସ୍ୱାଧୀନ ହୋଇ ବଞ୍ଚିପାରେନି ବରଂ ଉପଯୁକ୍ତ ପ୍ରତିବାଦ ସହ ପ୍ରତିଆକ୍ରମଣ ହିଁ ସ୍ୱାଧୀନତା ଅନୁଭବର ଏକମାତ୍ର ମାଧ୍ୟମ । ଇଂରେଜଶାସନକୁ ଦେଶରୁ ବିନାଶ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ।

କ୍ରାନ୍ତିକାରୀ ରାସ ବିହାରୀ ବୋଷଙ୍କ ପ୍ରୟାସରେ ସୃଷ୍ଟି ହେଲା ଭାରତୀୟ ସ୍ୱାଧୀନତା ସଂଘ ଓ ବ୍ରିଟିଶ ସୈନ୍ୟବାହିନୀରେ ଭାରତୀୟ ପରିତ୍ୟକ୍ତ ସୈନିକମାନଙ୍କର ସହଯୋଗରେ କ୍ୟାପଟେନ ମୋହନ ସିଂ ଦ୍ୱାରା ୧୯୪୨ରେ ସ୍ଥାପନା ହୋଇଥିବା ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀର (ଆଇଏନ୍‌ଏ) ଦାୟିତ୍ୱ ତଥା ପରିଚାଳନା ପାଇଁ ନେତାଜୀଙ୍କୁ ଜର୍ମାନୀରୁ ନିମନ୍ତ୍ରଣ କରାଯାଇଥିଲା। ୨୧ ଅକ୍ଟୋବର ୧୯୪୩ରେ ସୁଭାଷ ବୋଷଙ୍କ ଦ୍ୱାରା ସିଙ୍ଗାପୁରରେ ଆଇଏନ୍‌ଏକୁ ପୁନର୍ଜୀବିତ କରି ତା'ର ନୂତନ ନାମ ଦେଲେ 'ଆଜାଦ ହିନ୍ଦ୍ ଫୌଜ'। ଯେଉଁଥିରେ ୬୦ ହଜାର ସୈନିକ ଯୋଗଦେଇଥିଲେ, ତାହାର ସେନାଧ୍ୟକ୍ଷ ହେଲେ ନେତାଜୀ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ବ୍ରିଟିଶକୁ ପୂର୍ବଏସିଆରେ ଦୁର୍ବଳ କରିବାକୁ ଜାପାନ ଚାହୁଁଥିଲା ; ଫଳରେ ଜର୍ମାନ, ଜାପାନ ଓ ଇଟାଲୀ ଆଜାଦ ହିନ୍ଦ୍ ଫୌଜକୁ ସ୍ୱୀକୃତି ପ୍ରଦାନ କରିଥିଲେ।

୧୯୩୯ରୁ ୧୯୪୫ ମଧ୍ୟରେ ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆଜାଦ ହିନ୍ଦ୍ ଫୌଜର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଗଷ୍ଟ ୩୧ ତାରିଖ ୧୯୪୨ରେ ଜର୍ମାନୀରେ ଜୟ ହିନ୍ଦ୍ ରେଡିଓ ପ୍ରସାରଣରେ ନେତାଜୀ ଭାରତୀୟମାନଙ୍କ ପାଇଁ ଯେଉଁ ବାର୍ତ୍ତା ପ୍ରେରଣ କଲେ ତାହାର ରୂପରେଖ ତୀବ୍ରତର ହୋଇଥିଲା। ନେତାଜୀଙ୍କ ବାର୍ତ୍ତା ସିଧାସଳଖ ବ୍ରିଟିଶ ସରକାରଙ୍କୁ ଥିଲା। ସରକାର ଦ୍ୱାରା ଆଦାୟ କରାଯାଉଥିବା 'କର'କୁ ତୁରନ୍ତ ବନ୍ଦ କରାଯାଉ। ଭାରତରେ ବ୍ରିଟିଶ ସରକାର ଦ୍ୱାରା ଉତ୍ପାଦନ ହେଉଥିବା ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର କାରଖାନାର ବିନାଶ ସହ ଉତ୍ପାଦନର ନିଷେଧ ହେଉ, ନଚେତ୍ ଭାରତକୁ ମଧ୍ୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବ୍ରିଟିଶ ସରକାରର କୌଣସି ପ୍ରତିବନ୍ଧକ ନ ରହୁ। ଭାରତ ମଧ୍ୟ ତା'ର ନିଜସ୍ୱ ସରକାର ଗଠନ କରି ସମାଜର ସବୁ ବର୍ଗର ମଣିଷଙ୍କୁ ସମାନ ସୁବିଧା ପ୍ରଦାନ ଓ ସହଭାଗିତାରେ ସାମିଲ କରୁ। କେବଳ ଭାରତ ନୁହେଁ ବରଂ ଜର୍ମାନୀ, ଇଟାଲୀ ଓ ଜାପାନରେ ନେତାଜୀଙ୍କ ଚର୍ଚ୍ଚା ଖୁବ୍ ଜୋର ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ବିପକ୍ଷରେ ଥିବା ବ୍ରିଟିଶ ସୈନ୍ୟଶକ୍ତିର ପୂର୍ବ–ଏସିଆରେ ପତନ ପାଇଁ ଜାପାନ ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀକୁ ସାହାଯ୍ୟ ଓ ସହଯୋଗ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁ ନ ଥିଲା। ନେତାଜୀଙ୍କ ରେଡିଓ ବାର୍ତ୍ତା ଭାରତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି କଲା, ଯେଉଁଥିରେ ସର୍ବସାଧାରଣ ଭାରତରେ ବ୍ରିଟିଶ ସରକାର ବିରୋଧରେ ବିପ୍ଳବର ନିଆଁ ଜାଳିବା ଆରମ୍ଭ କରିଦେଇଥିଲେ। ସରକାର ଦ୍ୱାରା ଉତ୍ପାଦିତ ହେଉଥିବା ଅସ୍ତ୍ରଶସ୍ତ୍ର ଓ କାରଖାନା, ସରକାରୀ କାର୍ଯ୍ୟାଳୟ, ସରକାରୀ ଦପ୍ତର, ଗୁପ୍ତ ଖବର ତଥ୍ୟ କାର୍ଯ୍ୟାଳୟ, ରେଡିଓ କେନ୍ଦ୍ର, ରେଲଷ୍ଟେଶନ ଓ ପୋଲିସ କାର୍ଯ୍ୟାଳୟ ଆଦିର ପୋଡ଼ାଜଳା ଭଳି ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ସୁଭାଷ ବୋଷଙ୍କ ବ୍ୟକ୍ତିତ୍ୱର ପ୍ରଭାବ କେବଳ ଭାରତରେ ସୀମିତ ନ ହୋଇ ସିଙ୍ଗାପୁର, ବର୍ମା, ଜର୍ମାନୀ, ଜାପାନ, ଇଟାଲୀ ତଥା ଇଂଲଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ଥିଲା। ଜଣେ ସଫଳ ବ୍ୟକ୍ତି ଭାବରେ, ଯୁବ ନାୟକ ଭାବରେ, ସେନାଧ୍ୟକ୍ଷ ଭାବରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ନିଜର ମହତ୍ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ପ୍ରତ୍ୟେକ ଭାରତୀୟ ପାଇଁ ନିଶ୍ଚୟ ଶିକ୍ଷଣୀୟ। ନିଜ ଦେଶ ପାଇଁ, ମାଟି ପାଇଁ ନେଇଥିବା ବୃହତ୍ ନିଷ୍ପତ୍ତି ନିକଟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢ଼ି ନିଶ୍ଚିତ ଭାବେ କୃତଜ୍ଞତା ଜ୍ଞାପନ କରିବ। ସବୁ ଘାତପ୍ରତିଘାତ ସତ୍ତ୍ୱେ ଦେଶକୁ ସ୍ୱାଧୀନତାପ୍ରାପ୍ତିର ଶିଖରରେ ପହଞ୍ଚାଇବାର ଶତ ପ୍ରଚେଷ୍ଟାକୁ ଭାରତବାସୀ ସର୍ବୋପରି ଓଡ଼ିଶାର ଜନସାଧାରଣ ନିଶ୍ଚୟ ହୃଦୟଙ୍ଗମ କରିବେ। ବୟସର ଅପରାହ୍ନ ଯାହାକୁ ସ୍ପର୍ଶ କରିବାର ବହୁ ଆଗରୁ ଯିଏ ମୃତ୍ୟୁଞ୍ଜୟ ହୋଇ ଇତିହାସ ନିଜେ ରଚନା କରିଗଲେ ସେହିଭଳି ନେତୃତ୍ୱଙ୍କୁ ପ୍ରଣାମ।

ଅଧ୍ୟାପକ, ଦର୍ଶନ ବିଭାଗ, ଭଦ୍ରକ
ମୋ: ୮୮୯୫୩୪୧୦୩୩

## ପାଠକ ଶ୍ରେଷ୍ଠ ବିଚାରକ

### ଦୋକାନୀଙ୍କୁ ଥଇଥାନ କରାଯାଉ

ମହାଶୟ,

କଟକ ରେଳ ଷ୍ଟେସନର ସମ୍ପ୍ରସାରଣ କରାଯାଉଥିବାରୁ ଅନେକ ଦୋକାନୀଙ୍କୁ ଉଚ୍ଛେଦ କରିବାକୁ ରେଳବାଇ ବିଭାଗ ପ୍ରୟାସ କରୁଛି। ପ୍ରଥମେ ସମସ୍ତଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଯାଉ। ଏହା ପରେ ସେମାନଙ୍କୁ ଉଚ୍ଛେଦ କରାଯିବା ଦରକାର। କାରଣ ସେମାନେ ଦୋକାନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କୁ ଖୋଲା ସରକାରୀ ଜାଗା ଦିଆଯାଉ। ଅଥବା ଭେଣ୍ଡିଂ ଜୋନ୍ ମାଧ୍ୟମରେ ଦୋକାନ ଗୃହ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହେବ। ଦୋକାନୀମାନଙ୍କୁ ଅଧିକ ସମୟ ନ ଦେଇ ହଠାତ୍ ଉଚ୍ଛେଦ ପ୍ରକ୍ରିୟା କରା ନ ଯାଉ। ରେଳବାଇ କର୍ତ୍ତୃପକ୍ଷ ପୁନର୍ବିଚାର କରିବାକୁ ପ୍ରୟାସ କରନ୍ତୁ। ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ଗୁରୁତ୍ୱ ଦିଅନ୍ତୁ, ଯେପରି ଦୋକାନୀଙ୍କର କୌଣସି କ୍ଷତି ହେବନାହିଁ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର,୨୨।୧(ବୀରେନ୍ଦ୍ର କୁମାର ଝାଙ୍କର)

■ବିଶାଳ ରାଲିରେ କଲେ ସହର ପରିକ୍ରମା, ବିକ୍ଷୋଭ ପ୍ରଦର୍ଶନ

■ସରକାରୀ ଚିଠି ପ୍ରତ୍ୟାହାର ଦାବି

ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ୩ ଦଫା ସମ୍ୱଳିତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏକ ବିଶାଳ ରାଲିରେ ଓଡିଶା ଜୀବିକା ମିଶନ ଇସି ସଦସ୍ୟାମାନେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ଆଗରେ ପହଞ୍ଚି ଥିଲେ। ଜିଲା ସଂଘ ସଭାନେତ୍ରୀ କିରନ୍ ଭୋଇ ଏବଂ ସମ୍ପାଦିକା ମାଧବୀ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶାଳ ରାଲି ଓ ବିକ୍ଷୋଭ ସମାବେଶରେ ଓଡିଶା ଜୀବିକା ମିଶନ ଇସି ସଂଘ ରାଜ୍ୟ କମିଟି ସଭାପତି ଯୋଗମାୟା ନନ୍ଦ ଯୋଗ ଦେଇଥିଲେ।

ଗତ ୮ ତାରିଖ ଦିନ ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶିକା ତଥା ସିଇଓ, ସମସ୍ତ ଜିଲାପାଳ, ଓଡ଼ିଶା ଜୀବିକା ମିଶନର ସମସ୍ତ ନିର୍ଦ୍ଦେଶକଙ୍କୁ ଯେଉଁ ଚିଠି ଦେଇଛନ୍ତି ତାକୁ ଶୀଘ୍ର ପ୍ରତ୍ୟାହାର କରିବାକୁ ଇସି ସଂଘ ସଦସ୍ୟାମାନେ




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ଜୀବିକା ମିଶନ ଇସି ସଂଘ ସଦସ୍ୟା।

ଦାବି କରିଥିଲେ। ଉକ୍ତ ଚିଠିରେ ଇସି ସଂଘ ପୁର୍ନଗଠନ କଥା କୁହାଯାଇଥିବାରୁ ଏହାର ପ୍ରତିବାଦ କରାଯାଇଥିବା ସଂଘ ସଦସ୍ୟାମାନେ କହିଛନ୍ତି। ରାଜ୍ୟ ସଂଘ ସଭାପତି ଯୋଗମାୟା କହିଥିଲେ, ଜାନୁୟାରୀ ୮ ତାରିଖରେ ସରକାର ଯେଉଁ ଚିଠି କରିଛନ୍ତି ତାହା ଶୀଘ୍ର ପ୍ରତ୍ୟାହାର କରନ୍ତୁ। ସରକାରଙ୍କ ଉକ୍ତ ଚିଠିରେ ଇସି ପରିବର୍ତ୍ତନ ବିଷୟ ଥିବାରୁ ଏହାକୁ ବିରୋଧ କରାଯାଉଥିବା ସେ କହିଥିଲେ। ସେ ଆହୁରି କହିଥିଲେ, ଓଡ଼ିଶା ଜୀବିକା ମିଶନ ଇସି ସଦସ୍ୟାମାନେ ଦୀର୍ଘ ୮/୧୦ ବର୍ଷ ହେଲା କଠିନ ପରିଶ୍ରମ କରି ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ୍ (ଜିପିଏଲଏଫ୍) ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ ଓ ସୁଦୃଢ଼ କରିଛନ୍ତି। ଗ୍ରାମପଞ୍ଚାୟତ ସ୍ତରରେ ଯେଉଁ ମହିଳା ସଶକ୍ତିକରଣ ହୋଇଛି ସେଥିରେ ଇସି ସଦସ୍ୟାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ପ୍ରତିବାଦରେ ଆସନ୍ତା ଫେବୃଆରୀ ୧୩ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି ସେ କହିଥିଲେ। ଜିଲା ଇସି ସଂଘ ସଭାପତି ଭୋଇ କହିଥିଲେ, ଇସି ପୁନର୍ଗଠନ ନେଇ ଯେଉଁ ସରକାରୀ ଚିଠି ଆସିଛି ତାକୁ ସରକାର ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ। ପୂର୍ବ ସରକାର ପ୍ରତିଶ୍ରୁତି ଦେଇଥିଲେ, ୫ ବର୍ଷ ଯାଏ ଇସି ଗଠନରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ନୂଆ ସରକାର ଆସିବା ପରେ ଏଭଳି ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ବିରୋଧ କରାଯାଉଛି ବୋଲି କହିଥିଲେ। ବିକ୍ଷୋଭରେ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ ମଧ୍ୟ ଉପସ୍ଥିତ ରହି ଇସି ସଦସ୍ୟାଙ୍କ ଦାବିକୁ ସମର୍ଥନ ଘୋଷଣା କରିଥିଲେ। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଦାବିପତ୍ର ଗ୍ରହଣ କରିଥିଲେ।

# କ୍ରୀଡା ସଂସଦର ମାରାଥନ୍ ଦୌଡ଼

ଟିଟିଲାଗଡ଼,୨୨।୧(ଶରତ ମିଶ୍ର)

ଡିଷ୍ଟ୍ରିକ୍ଟ ଆଥଲେଟିକ୍ ଆସୋସିଏଶନ ସହ ଅନୁବନ୍ଧିତ ଟିଟିଲାଗଡ଼ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଉପଖଣ୍ଡସ୍ତରୀୟ ମାରାଥନ ଦୌଡ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏନେଇ ଟିଟିଲାଗଡ଼ ବଲାଙ୍ଗୀର ରାସ୍ତା ବାଞ୍ଜିଖାଲରୁ ପୁରୁଷବର୍ଗର ୧୦ କିଲୋମିଟର ଏବଂ ମାତୃ ଶିଶୁ ଡାକ୍ତରଖାନାରୁ ମହିଳାଙ୍କ ୫ କିଲୋମିଟର ଦୌଡ଼ ଆୟୋଜିତ ହୋଇଥିଲା । ପୁରୁଷ ୮୩ ଏବଂ ମହିଳା ବର୍ଗରେ ୨୯ଜଣ ଭାଗ ନେଇଥିଲେ। ପୁରୁଷ ବର୍ଗରେ ବାଙ୍କେଲ ଗ୍ରାମର ଧରଣୀ ପାଣ୍ଡେ, ପ୍ରଶାନ୍ତ ନାଏକ, ଖୋଲାଣର ସିଦ୍ଧେଶ୍ୱର ମାଝୀ, ମହିଳା ବର୍ଗରେ ସିହିନୀ ଗ୍ରାମର ଆରତୀ ମାଝୀ, ରାକସି ମାଝୀ, ପାୟଲ ଛତର ବିଜେତା ହୋଇଥିଲେ । ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉଭୟ ବର୍ଗରେ ସଫଳ ୩ ପ୍ରତିଯୋଗୀଙ୍କୁ ୭ ହଜାର, ୫ ହଜାର, ୩ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ । ପରେ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଦୌଡ଼ ସମ୍ପୂର୍ଣ୍ଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାକୁ ଆସୋସିଏଶନର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନର ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଦାଶ, ଉପସଭାପତି ସନ୍ତୋଷ ପ୍ରଧାନ, ଯୁଗ୍ମ ସମ୍ପାଦକ ଦନାର୍ଦ୍ଦନ ହୋତା, କୋଷାଧକ୍ଷ ରାମନାଥ ଖମାରୀ, ଯୁଗ୍ମ ସମ୍ପାଦକ ପଦ୍ମନାଭ ବେହେରା, କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ମିଶ୍ର, ଦୀପକ ସମ୍ପାଦାର, ଲିଙ୍ଗରାଜ ସାହୁ, ପ୍ରଦୀପ ସାହୁ, ଦେବ ମିଶ୍ର, ଘିନୁ ଆଡ଼ୁଯୁଆଡ଼, ଚକ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶୀତକାଳୀନ ଏନ୍ଏସ୍ଏସ୍ ଶିବିର ଉଦ୍‌ଘାଟିତ

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପୌଷ୍ୟ ଗ୍ରାମ ପିପିଲିରେ ଏନ୍ଏସଏସ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପରମେଶ୍ୱର ସିଂ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉଜ୍ଜ୍ୱଳ ପଧାନ ଅତିଥି ଭାବେ ଓ ପ୍ରଧାପକ ସରୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏନ୍ଏସଏସର ଉଦ୍ଦେଶ୍ୟ ଓ ଶିବିରାର୍ଥୀଙ୍କ କାର୍ଯ୍ୟଧାରା ସମ୍ପର୍କରେ ମୁଖ୍ୟବକ୍ତା ପ୍ରଧାପକ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ତ୍ରିପାଠୀ ଉପସ୍ଥିତ ଥିଲେ। ଖସକେତନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରେତ ମହାବିଦ୍ୟାଳୟର ଏନ୍ଏସଏସ କୋ ୟୁନିଟ ତରଫରୁ ସଡ଼କ ସୁରକ୍ଷା ସପ୍ତାହ -୨୦୨୫ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ୩ ଜଣ ଛାତ୍ର ଯଥାକ୍ରମେ ଯମ, ଚିତ୍ରଗୁପ୍ତ ଓ ଦୂତ ଅଭିନୟ କରି ଅଭିନବ ଢଙ୍ଗରେ ରାସ୍ତାରେ ଯାଉଥିବା ଗାଡ଼ି ଚାଳକମାନଙ୍କୁ ସଡକ ସୁରକ୍ଷା ଆଇନ ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରକୁ ଅଧକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍ଏସଏସ ଅଧିକାରୀ ଦୈତାରୀ ଶବର ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବେଲପଡା,୨୨।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ କାନୁଟ ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ନାଏକ ଓ ମୋ ସ୍କୁଲ ସଭାପତି ମନୋଜ କୁମାର ସାହୁ ମଞ୍ଚସୀନ ଥିଲେ। ଏହି ଅବସରରେ ଅତିଥିଗଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡାକୁ ଖେଳ ଶିକ୍ଷକ ଧୀରେନ୍ଦ୍ର କୁମାର ନାଏକ ପରିଚାଳନା କରିଥିଲେ ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଖପ୍ରାଖୋଲ,୨୨।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ସଦର ଗ୍ରାମର ସ୍ନେହଲତା ସାହୁ (୭୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣା ମହିଳା ଥିଲେ । ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ଯଦୁମଣି ସାହୁ, ପୁଅ କମଳ ରଞ୍ଜନ ସାହୁ, ସାନପୁଅ ଖବରଦାତା ବିମଳ ରଞ୍ଜନ ସାହୁ, ଝିଅ, ଜ୍ୱାଇଁ, ବୋହୁ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗାଁ ପୋଖରୀ ପାଖ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ପମ୍ପ ଅଛି, ଟ୍ୟାପ୍ ଲାଗିଛି, ପାଣି ଆସୁନି

ସଇଁତଲା,୨୨।୧(ରାଖାଲ ପ୍ରସାଦ ଶତପଥୀ)

## ପିଇବା ପାଣି ପାଇଁ ହହଲବିକଳ କମରଲଗା ଗ୍ରାମବାସୀ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତ ଅନ୍ତର୍ଗତ କମରଲଗା ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଲୋକଙ୍କୁ ଗ୍ରାମଠାରୁ ୧ କିଲୋମିଟର ଦୂରରେ ଥିବା ଲାନ୍ଥ ନଦୀରୁ ପାଣି ଆଣିବାକୁ ପଡୁଛି । ଆଗକୁ ଖରାଦିନ ଆସୁଥିବାରୁ ଲୋକଙ୍କ ଚିନ୍ତା ବଢିଛି ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମରେ ପାଖାପାଖି ୮ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ପାନୀୟ ଜଳ ପାଇଁ ଗ୍ରାମରେ ମାତ୍ର ୫ ଗୋଟି ନଳକୂପ ରହିଥିବା ବେଳେ ସେଥିରୁ ଫ୍ଲୋରାଇଡ଼ଯୁକ୍ତ ପାଣି ବାହାରୁଛି । ତେଣୁ ତାହା ପିଇବା ଯୋଗ୍ୟ ହେଉନାହିଁ। ଏଣୁ ଲାନ୍ଥ ନଦୀକୁ ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି। କିଛି ବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ନିକଟରେ ଥିବା ଲାନ୍ଥ ନଦୀରୁ ଜଳ ଯୋଗାଣ ବ୍ୟବସ୍ଥା



ଲାନ୍ଥ ନଦୀରୁ କମରଲଗା ଗ୍ରାମକୁ ଜଳ ଯୋଗାଣ ପାଇଁ ନିର୍ମାଣ ହୋଇଥିବା ପାଣିଟାଙ୍କି ।

କରାଯାଇଛି। ଗ୍ରାମକୁ ପାଇପ ଲାଇନ ବିଛାଇ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍‌ର ବ୍ୟବସ୍ଥା ମଧ୍ୟ ରହିଛି। ସମସ୍ତ କାର୍ଯ୍ୟ ସରିବା ପରେ ଗ୍ରାମକୁ ଲଗାତାର ଭାବରେ ତିନି ମାସ ପାଇଁ ପାନୀୟ ଜଳ ଯୋଗାଣ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପାଣି ଯୋଗାଣରେ ବ୍ୟାପକ ଅନିୟମିତତା ଦେଖାଦେଇଥିଲା। ଠିକା ସଂସ୍ଥା ତରଫରୁ ପମ୍ପ ଚାଳକଙ୍କୁ ନିୟମିତ ଭାବେ ଦରମା ପ୍ରଦାନ କରା ନ ଯିବାରୁ ପମ୍ପ ଚାଳକ ଜଣକ ଗ୍ରାମକୁ ଆଉ ପାନୀୟ ଜଳ ଯୋଗାଣ କରୁନାହାନ୍ତି। ଯାହା ଫଳରେ ଗ୍ରାମବାସୀ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଗ୍ରାମର ପ୍ରଦୀପ କୁମାର ମାଝୀ, ଦୈତାରୀ ମହାନନ୍ଦ, ରମାକାନ୍ତ ମାଝୀ, କୁଶ ମାଝୀ, କାର୍ତ୍ତିକ ମାଝୀ, ଉପେନ୍ଦ୍ର ହରପାଲ, ଆରତୀ ଭୋଇ, ଜୟନ୍ତୀ ମାଝୀ, ନେତ୍ର ମାଝୀ, ଗୋଲାପୀ ମାଝୀ ପ୍ରମୁଖ ଅନ୍ୟ ଜଣେ ପମ୍ପ ଚାଳକଙ୍କୁ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ଏ ନେଇ ସଇଁତଲା ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କୁ ପଚାରିବାରୁ ଠିକା ସଂସ୍ଥା ୫ ବର୍ଷ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା କଥା। କିନ୍ତୁ ସେ ପମ୍ପ ଚାଳକଙ୍କୁ ଦରମା ପ୍ରଦାନ କରୁନାହିଁ। ବର୍ତ୍ତମାନ ଆମ କାର୍ଯ୍ୟାଳୟ ତରଫରୁ ସରପଞ୍ଚଙ୍କୁ ପମ୍ପ ଚାଳକଙ୍କୁ ଦରମା ପ୍ରଦାନ କରିବାକୁ ଲିଖିତ ଭାବରେ ଜଣାଇ ଦିଆଯାଇଛି । ବିଭାଗୀୟ ସ୍ତରରୁ ଅନୁମତି ମିଳିଲେ ପମ୍ପ ଚାଳକଙ୍କୁ ଦରମା ପ୍ରଦାନ କରାଯିବ ବୋଲି ସେ କହିଥିଲେ।

# ଟିଟିଲାଗଡ଼ ଚାମ୍ପିୟନ, ଜରାସିଂହା ରନର ଅପ୍




ଚାମ୍ପିୟନ ଟିଟିଲାଗଡ ଦଳକୁ ମୁଖ୍ୟଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ବଲାଙ୍ଗୀର,୨୨।୧(ବୀରେନ୍ଦ୍ର କୁମାର ଝାଙ୍କର)

## ସି.ଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ବାଳକ ବିଭାଗ ୧୫ ବର୍ଷରୁ କମ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ବଲାଙ୍ଗୀର ଜିଲା ପ୍ରଶାସନ, ଓଡିଶା ଫୁଟବଲ ଆସୋସିଏଶନ ଏବଂ ଜିଲା କ୍ରୀଡା ସଂସଦ ମିଳିତ ଆୟୋଜନରେ ଅନୁଷ୍ଠିତ ଫୁଟବଲ ଚାମ୍ପିୟନଶିପ୍ ଫାଇନାଲ ଖେଳରେ ଟିଟିଲାଗଡ ଦଳ ଚାମ୍ପିୟନ ଓ ଜରାସିଂହା ଦଳ ରନର ଅପ୍ ହୋଇଛନ୍ତି। ଟିଟିଲାଗଡ ଓ ଜରାସିଂହା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ୧-୧ ଗୋଲରେ ଡ୍ର ହୋଇଥିଲା। ପରେ ଟ୍ରାଇବ୍ରେକର ଜରିଆରେ ୩-୧ ଗୋଲରେ ଟିଟିଲାଗଡ ଦଳ ବିଜୟୀ ହୋଇଥିଲେ। ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ରାଜ୍ୟ ଫୁଟବଲ ସଂଘ ସଭାପତି ତଥା ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କ୍ରୀଡା ସଂସଦ ସାଧାରଣ ସଂପାଦକ ତଥା ଆୟୋଜନ କମିଟି ଆବାହକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, ଡେପୁଟି କଲେକ୍ଟର ରାଜେନ୍ଦ୍ର ପ୍ରସାଦ ନାୟକ, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ଡିପିଇଓ ପ୍ରଦୀପ କୁମାର ପାତ୍ର ଓ ପୂର୍ବତନ ଖେଳାଳି ସଦାନନ୍ଦ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦ ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ସିଂ, କୈଳାସ କର୍ଣ୍ଣ, ଶ୍ରୀକାନ୍ତ ରାଉତ, ପ୍ରଦୀପ ମହାରଣା ମଞ୍ଚାସୀନ ଥିଲେ। ସଂସଦ କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ମହାରଣା, ସୁଦର୍ଶନ ସେଠ, ଦୋଳଗୋବିନ୍ଦ ମୁଣ୍ଡା, ରାଜେନ୍ଦ୍ର ଧରୁଆ, ଜ୍ୟୋତି ମହାନନ୍ଦ ଓ ନରସିଂସ୍ୱାମୀ ନାଇଡୁ ରେଫରି ଭାବେ ପରିଚାଳନା କରିଥିଲେ । ଶେଷରେ ଶରତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ କେଜି ଚାଉଳରେ ଦିନ କାଟୁଛନ୍ତି ଗୌର

## ସୋଲାର ବ୍ୟାଟେରି ଚାଳିତ ସାଇକେଲ ଦେବାକୁ ନିବେଦନ

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ରାମପୁର ଗ୍ରାମରେ ଗୌର ନାଏକ(୬୫)ଙ୍କ ଘର। ସେ ଜନ୍ମରୁ ପୋଲିଓ ଆକ୍ରାନ୍ତ। ଗୋଟିଏ ଗୋଡ କାମ କରୁ ନ ଥିଲା। ଗତବର୍ଷ ଟିବି ରୋଗରେ ଆକ୍ରାନ୍ତ ପରେ ଭଲ ଥିବା ଗୋଡ ଆଉ କାମ କଲାନାହିଁ। ଏବେ ସେ ଚାଲି ପାରୁନାହାନ୍ତି। ଆହା କରିବାକୁ କେହି ନାହିଁ। ଦିବ୍ୟାଙ୍ଗ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ଗୌର ଦୁର୍ଦ୍ଦିନରେ ଦିନ



ଗୌର ନାଏକ।

କାଟୁଛନ୍ତି। ସରକାରଙ୍କ ତରଫରୁ ୧୫ ବର୍ଷ ପୂର୍ବେ ତାଙ୍କୁ ମିଳିଥିବା ଟ୍ରାଇ ସାଇକେଲ ଭଙ୍ଗା ଦଦରା ହୋଇଗଲାଣି । ଏଣୁ ସେ ଦୈନନ୍ଦିନ କାର୍ଯ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି । ପ୍ରଶାସନ ତରଫରୁ ତାଙ୍କୁ ସୋଲାର ବ୍ୟାଟେରି ଚାଳିତ ସାଇକେଲ ଏବଂ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ଗୌରଙ୍କ ମା' ବାପାଙ୍କ ମୃତ୍ୟୁ ଘଟିବା ପରେ ସେ ତାଙ୍କ ସାନ ଭାଇ ଉପରେ ନିର୍ଭର କରୁଥିଲେ । ତାଙ୍କ ସାନ ଭାଇଙ୍କର ବର୍ଷେ ହେବ ମୃତ୍ୟୁ ଘଟିଲାଣି । ଭାଇବୋହୁ ଓ ତାଙ୍କ ଦୁଇ ସନ୍ତାନ ଅଛନ୍ତି। କିନ୍ତୁ ଭାଇଙ୍କ ମୃତ୍ୟୁ ପରେ ଗୌରଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଛି । ପଞ୍ଚାୟତରୁ ଗୌରଙ୍କୁ ୫ କେଜି ପିଡିଏସ୍ ଏବଂ ଦିବ୍ୟାଙ୍ଗ ଭତ୍ତା ମିଳୁଛି । ଏଥିରେ ଗୋଟିଏ ମାସ ଚଳିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡିଛି । ଆବଶ୍ୟକ ସ୍ଥଳେ ତାଙ୍କୁ ଭିକ୍ଷାବୃତ୍ତି ଅପଣାଇବାକୁ ପଡିଥାଏ ବୋଲି ସେ କ୍ଷୋଭର ସହ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଫୁଲବାଣୀ କ୍ରୀଡ଼ା ଛାତ୍ରାବାସ ବିଜୟୀ



ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଖେଳାଳିଙ୍କ ଗହଣରେ ଅତିଥି ବୃନ୍ଦ ।

ଦେଓଗାଁ,୨୨।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

## ମା' ପାଟଖଣ୍ଡା ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ

ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମଠାରେ ଚାଲିଥିବା ମା' ପାଟଖଣ୍ଡା ଫୁଟବଲ କପ୍ ପଞ୍ଚମ ଦିବସରେ ଫୁଲବାଣୀ କ୍ରୀଡା ଛାତ୍ରାବାସ ଓ ସୋନପୁର ଶ୍ରୀଂଶ ସୁଟିଂ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ଗୋଲରେ ଫୁଲବାଣୀ କ୍ରୀଡାଛାତ୍ରାବାସ ଦଳ ବିଜୟୀ ହୋଇଛି । ସଞ୍ଜନ କୁଦେଇ, ଦେବାଶିଷ ବାଗ, ତ୍ରିନାଥ ଚନ୍ଦନ, ଲୋକନାଥ ଦଣ୍ଡସେନା, ସୁଶାନ୍ତ ଥନାପତି ଖେଳ ପରିଚାଳନା କରିଥିଲେ। ଭୋଲା ପଥିମାଲି ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଡା. ସ୍ୱାଭିମାନ ସାହୁ, ନେତ୍ରଭାନୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ଦଣ୍ଡସେନା, ପାଟଖଣ୍ଡା ଦେହୁରୀ ସନ୍ତୋଷ ଥନାପତି. ଜମିଦାର ଦୁର୍ଗାପ୍ରସାଦ ସିଂ ଦେଓ ଯୋଗଦେଇଥିଲେ। ଫୁଟବଲ ଟୁର୍ନାମେଣ୍ଟ ପରିଚାଳନାରେ ବିଏନଏଏର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି । ଗୁରୁବାର କଳାହାଣ୍ଡି ଇଲେଭେନ ଷ୍ଟାର ଓ ଫୁଲବାଣୀ କ୍ରୀଡା ଛାତ୍ରାବାସ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# 'କୋଶଳ କଳାମଣ୍ଡଳ ପଶ୍ଚିମ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ହେବ'

ବଲାଙ୍ଗୀର,୨୨।୧(ବୀରେନ୍ଦ୍ର କୁମାର ଝାଙ୍କର)

## ବଲାଙ୍ଗୀର ଲୋକଉତ୍ସବର ତୃତୀୟ ସନ୍ଧ୍ୟା

ବଲାଙ୍ଗୀର ଲୋକଉତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ କହିଥିଲେ, ତତ୍କାଳୀନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ କୋଶଳ କଳାମଣ୍ଡଳକୁ ପଶ୍ଚିମ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କରିବାକୁ ଚାହୁଁଥିଲେ। ସେଥିପାଇଁ କୋଶଳ କଳାମଣ୍ଡଳ ପରିକଳ୍ପନା କରିଥିଲେ। ମାତ୍ର ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ଆଗାମୀ ଦିନରେ କିଭଳି ସେହିଲକ୍ଷ୍ୟ ହାସଲ ହେବ ସେ ଦିଗରେ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। କଳା, ସଂସ୍କୃତି ସମସ୍ତଙ୍କ ଭିତରେ ଭାଇଚାରା ସୃଷ୍ଟି କରେ। ବଲାଙ୍ଗୀର ଲୋକଉତ୍ସବ ବଲାଙ୍ଗୀରରେ ଏକତା ସୃଷ୍ଟି କରୁ ବୋଲି ସେ କହିଥିଲେ।

ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା



ବଲାଙ୍ଗୀର ଲୋକଉତ୍ସବରେ କଳାକାର ଟିକେଲାଲ ବେହେରାଙ୍କୁ ମୁଖ୍ୟଅତିଥି ବିଧାୟକ କଳିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରୁଛନ୍ତି।

ଲିକା ସାହୁ, କର୍ଣ୍ଣେଲ ବିଶ୍ୱଜିତ ଦାସ, କଳାକାର ଅତିଥି ଭାବେ ଯୁଗଳ କିଶୋର ସାହୁ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। କର୍ଣ୍ଣେଲ ଦାସ ପୂର୍ବରୁ କଳାମଣ୍ଡଳ ପୁରୁଣା ମଞ୍ଚରେ ସେ କିପରି ନାଟକରେ ଅଭିନୟ କରୁଥିଲେ କହିଥିଲେ। ସଭାକୁ ସୋମନାଥ ମିଶ୍ର ପରିଚାଳନା କରିଥିଲେ। ଶ୍ରୀପଦା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। କଳାକାର ପ୍ରହ୍ଲାଦ ଦର୍ଜୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ କଳାକାର ଟିକେଲାଲ ବେହେରାଙ୍କୁ ଲୋକଉତ୍ସବ ସମିତି ପକ୍ଷରୁ ମୁଖ୍ୟଅତିଥି ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଂସ୍କୃତି ପରିଷଦ ଏବଂ ଲୋକଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୋକ ଉତ୍ସବରେ ଆସାମର ବିହୁ, ରାଜସ୍ଥାନର କାଲବେଲିଆ, ପୁରୀର ମାଲଖମ୍ବ ସମେତ ବଲାଙ୍ଗୀର ଜିଲାର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ, ବରଗଡର ସମ୍ବଲପୁରୀ ଲୋକନୃତ୍ୟ, ଗଞ୍ଜାମର ପଶୁମୁଖା, ପଶ୍ଚିମବଙ୍ଗର ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଚଳିତ ଲୋକଉତ୍ସବରେ ଚରମ ଅବ୍ୟବସ୍ଥା ଅଭିଯୋଗ କରି ଗଣମାଧ୍ୟମ ପ୍ରତିନିଧିମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ଲୋକଉତ୍ସବ ପରିଚୟ ପତ୍ର ଫେରାଇ ଦେଇଥିଲେ। ପୋଲିସ କର୍ମଚାରୀମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲୋକଉତ୍ସବ ଭିତରକୁ ଯିବାକୁ ବାରଣ କରି ଅନ୍ୟମାନଙ୍କୁ ଯିବାକୁ ଦେବାରୁ ସେଠାରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ପ୍ରତିବାଦ କରିଥିଲେ। ପରେ ଏଡିଏମ୍ ଡ. ସେଠୀ, ଏସଡିପିଓ ପ୍ରଦୀପ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ।

**ବାଉଁଶୁଣୀ ଦୈନିକ ବଜାରରେ ଆଧାତ୍ମିକ କାର୍ଯ୍ୟକ୍ରମ**

ବାଉଁଶୁଣୀ,(ଦେବାଶିଷ ନେପାକ): ବୁଧବାର ସକାଳେ ବୌଦ୍ଧ ବ୍ଲକ ବାଉଁଶୁଣୀ ଦୈନିକ ବଜାରଠାରେ କଳସ ଶୋଭାଯାତ୍ରା ସହ ଆଧାତ୍ମିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସକାଳ ୮ଟା ସମୟରେ ବାଘ ନଦୀରୁ ମହିଳାମାନେ କଳସରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ଆଧାତ୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୂଜକ ଭାବରେ ସଚିନ ପୁରୋହିତ ଏବଂ ଗୋବର୍ଦ୍ଧନ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଭକ୍ତରାମ ମେହେର ଓ ତାଙ୍କ ସ୍ତ୍ରୀ ହେମଲତା ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

**ସଂକ୍ଷେପରେ**

## ଠିକା ସଂସ୍ଥା ଏଆର୍ଏସ୍ଏସ୍ ଉପରେ ଖଣି ବିଭାଗର ଚଢ଼ାଉ

ବୌଦ୍ଧ,୨୨।୧(ଅଜିତ କୁମାର ବାରିକ)

ବୌଦ୍ଧ ଖଣି ବିଭାଗ ପକ୍ଷରୁ ବୁଧବାର ଦିନ ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ବାଇଶିପଡାଠାରେ ଥିବା ଠିକା ସଂସ୍ଥା ଏଆରଏସଏସ ଉପରେ ଚଢାଉ କରାଯାଇଛି । ଉକ୍ତ ଠିକା ସଂସ୍ଥା ବାଇଶିପଡାଠାରେ ଦୀର୍ଘ ବର୍ଷ ହେବ କ୍ରଶର ସ୍ଥାପନ କରି ମେଟାଲ, ଚିପ୍ସ କରିଆସୁଛି। ବର୍ତ୍ତମାନ ଠିକା ସଂସ୍ଥା ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ବୌଦ୍ଧ ଜିଲାରେ ଚାଲିଛି। ଠିକା ସଂସ୍ଥାରେ ଅନିୟମିତତା ହେଉଥିବା ଅଭିଯୋଗ ନେଇ ବୁଧବାର ବୌଦ୍ଧ ଖଣିବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଖଣି ବିଭାଗ ଅଧିକାରୀମାନେ ଠିକା ସଂସ୍ଥାର ଷ୍ଟକ ତଦନ୍ତ କରିଥିଲେ । ଏନେଇ ଜିଲା ଖଣି ଅଧିକାରୀ ମନୋହର ମହନ୍ତଙ୍କୁ ପଚାରିବାରୁ ଅନିୟମିତତା ହେଉଥିବା ଅଭିଯୋଗ ପରେ ଚଢାଉ କରାଯାଇ ତଦନ୍ତ ଚାଲିଥିବା ସୂଚନା ଦେଇଥିଲେ ।

**ସଂକ୍ଷେପରେ**

## ଶୀତକାଳୀନ ଏନ୍ଏସ୍ଏସ୍ ଶିବିର ଉଦ୍‌ଘାଟିତ

ଲୋଇସିଂହା,୨୨।୧(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପୌଷ୍ୟ ଗ୍ରାମ ପିପିଲିରେ ଏନ୍ଏସଏସ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପରମେଶ୍ୱର ସିଂ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉଜ୍ଜ୍ୱଳ ପଧାନ ଅତିଥି ଭାବେ ଓ ପ୍ରଧାପକ ସରୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏନ୍ଏସଏସର ଉଦ୍ଦେଶ୍ୟ ଓ ଶିବିରାର୍ଥୀଙ୍କ କାର୍ଯ୍ୟଧାରା ସମ୍ପର୍କରେ ମୁଖ୍ୟବକ୍ତା ପ୍ରଧାପକ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ତ୍ରିପାଠୀ ଉପସ୍ଥିତ ଥିଲେ। ଝସକେତନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ବୈଠକ

ଅମରପାଲି,୨୨।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପ୍ରଖଣ୍ଡ ନାକଡେଇ ନାଗେଶର ମନ୍ଦିରରେ ବିଶ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ବୈଠକ ବୁଧବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ନୀଳାମ୍ବର ହୋତା ଓ ବଜରଙ୍ଗ ଦଳ ଜିଲା ସଂଯୋଜକ ଅଂଶୁମାନ ପଣ୍ଡା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ କ୍ଷମାଲୋଏ ଖଣ୍ଡର ପ୍ରାୟ ୪୦ ଜଣ ଯୁବକ ବଜରଙ୍ଗ ଦଳରେ ଯୋଗଦାନ କରିଥିଲେ। ଏହି ବୈଠକରେ କ୍ଷମାଲୋଏ ଖଣ୍ଡର ସଂଯୋଜକ ଭାବେ ସତ୍ୟାନନ୍ଦ ବାରିକ ଓ ସହ ସଂଯୋଜକ ପ୍ରେମାଂଶୁ ବାରିକଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ଦିଆଗଲା।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

## ଆରମ୍ଭରୁ ଅବ୍ୟବସ୍ଥା ନେଇ ଅସନ୍ତୋଷ

ସୋନପୁର,୨୨।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ରୟାଲ ପଡିଆଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ଏହି ମେଳାର ଆୟୋଜନ କରୁଛନ୍ତି। ଏଥିରେ ଚାଷୀଙ୍କ ପାଇଁ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ରିହାତି ଦରରେ ବିକ୍ରୟ ପାଇଁ ବ୍ୟବସ୍ଥା ହୋଇଛି। ଏପରିକି ଚାଷୀଙ୍କ ସହିତ କୃଷି ଅଧିକାରୀ ଓ କୃଷି ବୈଜ୍ଞାନିକ ମାନଙ୍କର ଆଲୋଚନା ଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏହି ମେଳାର ଆୟୋଜନ କରିଛନ୍ତି ତାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଲା ଭଳି ଅନୁଭବ ହୋଇ ନ ଥିଲା। ଅପରାହ୍ନ ୪ଟା୩୦ ବଦଳରେ ସନ୍ଧ୍ୟା ୭ଟା୧୫ରେ ମେଳା ଉଦ୍‌ଘାଟିତ ହୋଇଥିଲା। ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। କୃଷକଙ୍କ ପାଇଁ ଏହି କାର୍ଯ୍ୟକ୍ରମ। କୃଷକ ହସିଲେ ଦେଶ ଓ ରାଜ୍ୟ ବିକଶିତ ହେବ ବୋଲି ଡ. ରଥ କହିଥିଲେ। ଏହି ମେଳାରେ ବିଭିନ୍ନ ବିଭାଗର ୫୦ଟି ଷ୍ଟଲ ଖୋଲାଯାଇଛି।



ମେଳାରେ ଅଧିକାରୀ ଓ ଚାଷୀ ବସିବା ସ୍ଥାନ ଖାଲି ପଡିଛି।

ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା ହୋଇଛି। ଏଥିପାଇଁ ସରକାର ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦେଇଛନ୍ତି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। ତେବେ ପରିଚାଳନାରେ ତ୍ରୁଟି ପାଇଁ ଉଦ୍‌ଘାଟନୀ ଉତ୍ସବରେ ନାନା ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଚାଷୀଙ୍କ ଉପସ୍ଥିତ ଅତି ନଗଣ୍ୟ ଥିଲା। ଚେୟାରଗୁଡିକ ଖାଲି ପଡିଥିଲା। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ କୁହନ୍ତି, କାର୍ଯ୍ୟସୂଚୀ ଅନୁଯାୟୀ ଅତିଥି ନ ଆସିବାରୁ ଉଦ୍‌ଘାଟନ ଉତ୍ସବ ବିଳମ୍ବିତ ହେଲା। ପ୍ରଥମ ଦିନ କମ୍ ସଂଖ୍ୟକ ଚାଷୀ ମେଳାକୁ ଆସିଥିଲେ। ଦ୍ୱିତୀୟ ଦିନରେ କିଭଳି ଅଧିକ ସଂଖ୍ୟକ ଚାଷୀ ଆସିବେ ସେଥିପ୍ରତି ବିଭାଗ ପକ୍ଷରୁ ନିଶ୍ଚିତ ଦୃଷ୍ଟି ଦିଆଯିବ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ତରଭା,୨୨।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ଗ୍ରାମ ନାଟ୍ୟ ମଣ୍ଡପରେ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡେକଙ୍କର ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ଣ୍ଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଶା ଏକ ସାମାଜିକ, ଅର୍ଥନୈତିକ ଏବଂ ମାନସିକ ବ୍ୟାଧି ବୋଲି ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ତୁଳା ମୁଦୁଲି, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ସପ୍ରତିଭ ପ୍ରଧାନ, ତରଭା ଥାନା ସବଇନ୍ସପେକ୍ଟର ରବିନ୍ଦ୍ର ସାହୁ, ମେଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଲିଜାରାଣୀ ଦଣ୍ଡସେନା ଯୋଗଦେଇ ନିଶା ମୁକ୍ତ ଭାରତ ଅଭିଯାନ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। ସଭାକୁ ମାନଭଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଛତ୍ରିଆ, ମେଣ୍ଡା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ମେହେର, ପଞ୍ଚାୟତ କାର୍ଯ୍ୟାଳ ର ସମସ୍ତ କର୍ମଚାରୀ, ଏମବିକେ, ସମସ୍ତ ସିଆର୍‌ପି, ବିଭିନ୍ନ ଏସଏଚ୍‌ଜି ସହଯୋଗ କରିଥିଲେ। ସଭା କାର୍ଯ୍ୟ ପରିସମାପ୍ତି ପରେ ମୁଖ୍ୟ ଅତିଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଅତିଥିମାନଙ୍କ ଦ୍ୱାରା ତରଭା ବ୍ଲକର ବିଭିନ୍ନ ଗ୍ରାମରେ ନିଶାମୁକ୍ତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ଏକ ସଚେତନତା ରଥ ନୋଡାଲ ଅଫିସର ନନ୍ଦକିଶୋର ରାଉତଙ୍କ ଆବାହକତ୍ୱରେ ଶୁଭାରମ୍ଭ କରାଯାଇଥିଲା। ପରେ ମୟୂର ଚନ୍ଦ୍ରିକା ଦଣ୍ଡନୃତ୍ୟ ନର୍ତ୍ତାର କଳାକାରଙ୍କ ଲୋକକଳା ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ସ୍ୱପ୍ନ ଦେଖ, ବାସ୍ତବତାରେ ପରିଣତ କର



ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଡୁଙ୍ଗୁରିପାଲି ୨୨।୧(ଦୀନବନ୍ଧୁ ସୁନା)

ସ୍ୱପ୍ନକୁ ବାସ୍ତବରେ ପରିଣତ କର। କଠୋର ଅଧ୍ୟବସାୟ ବଳରେ ସଫଳତା ଆପେ ଆପେ ମିଳିଥାଏ। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲ ଶୁଖା ସରସ୍ୱତୀ ଶିଶ ମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ମଙ୍ଗଳବାର ରାତିରେ ଉଦ୍‌ଯାପିତ ବାର୍ଷିକ ଉତ୍ସବରେ ଯୋଗଦେଇ ପୂଜାରୀ କହିଥିଲେ ଗୁଣାତ୍ମକ ଶିକ୍ଷା ପ୍ରଦାନ କଲେ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ଘଟିବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଶିକ୍ଷକଙ୍କ ଉପରେ ନିର୍ଭର କରେ। ଏହି ଅବସରରେ ବିଦ୍ୟାଳୟର ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ସକାଶେ ସହଯୋଗ ରହିବ ବୋଲି ବିଧାୟକ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ଡ଼କ୍ଟର ଶ୍ରୀଧର ବିଶ୍ୱାଳ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଶୁଖା ପଞ୍ଚାୟତ ସରପଞ୍ଚ ରଶ୍ମିତା ବିଶ୍ୱାଳ, ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ମନୋଜ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ ଗୁରୁଜୀ ଅଶୋକ ସୁନା। ଅତିଥି ପରିଚୟ ପ୍ରଦାନ କରିଥିଲେ ପରିଚାଳନା ସମିତି ସମ୍ପାଦକ ରାମକୃଷ୍ଣ କୁମ୍ଭାର। ପ୍ରଧାନ ଆଚାର୍ଯ୍ୟ ବିଦେଶୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତାଭାବେ ଲରମ୍ଭା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଧନେଶ୍ୱର ମେହେ ଯୋଗଦେଇ ଶିକ୍ଷା ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଗୁରୁଜୀ ଅଶୋକ ସୁନା ଓ ବିଦ୍ୟାଳୟ ପ୍ରତି ଉଲ୍ଲେଖ ଅବଦାନ ତଥା ଶ୍ରମ ଦେଇଥିବା ବରଗଡ ଜିଲା ଭେଡେନ ବ୍ଲକ ଚିଚିଣ୍ଡାର ସମାଜସେବୀ ସୁମି ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗରେ ଭାଗନେଇ କୃତକାର୍ଯ୍ୟ ହୋଇଥିବା ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ୬୫ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ ଉପଖଣ୍ଡ କାର୍ଯ୍ୟାଳୟରେ ରକ୍ତଦାନ ଶିବିର

ବିନିକା, ୨୨।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବନାଞ୍ଚଳ ବିଭାଗ ବନ ଉପଖଣ୍ଡ ଅଧିକରୀ ଉମ୍ବରୁଧର ପଧାନଙ୍କ ତତ୍ତ୍ୱାବଧାନତ୍ୱରେ ବିନିକା ବନ ଉପଖଣ୍ଡ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତହସିଲଦାର ସୀତାରାମ ଭୋଇ, ସମ୍ମାନୀତ ଅତିଥିମଭାବେ ଡିଏଫଏସଡିପି ଟିମ ଲିଡର ପ୍ରଶାନ୍ତ ନାୟକ, ଫରେଷ୍ଟର ଜନାର୍ଦ୍ଦନ ସ୍ୱାଇଁ, ଜନ୍ମେଞ୍ଜୟ ମାଝୀ, କୃତିବାସ ସେଠ, ବନପାଳ ମିତ୍ରଭାନୁ ସିଂ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁର୍ଲା ଭୀମସାର ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମୋଟ ୫୨ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବନ କର୍ମଚାରୀ ସରୋଜକାନ୍ତ ସୁଆର, ପ୍ରତିମା ମିଶ୍ର, ବନ ସୁରକ୍ଷା ସମିତି ଆନିମେଟର ବେଲମତି ଘିବିଲା, ସତ୍ୟବତୀ କାହ୍ଣ, ସୁମନ୍ତ ପଧାନ, ସଙ୍ଗୀତା ସାହୁ, ଜନ୍ନ ସା, ନାରାୟଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସୁରକ୍ଷା ପାଇଁ ଆତ୍ମରକ୍ଷା ତାଲିମ ଜରୁରୀ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହିତ ଛାତ୍ରୀମାନେ।

**ଭୁତିଆପାଲି କଲେଜରେ ଆତ୍ମରକ୍ଷା ତାଲିମ ଶିବିର**

ଅମରପାଲି,୨୨।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣି ପଞ୍ଚାୟତ ଅନ୍ତର୍ଗତ ଭୁତିଆପାଲିସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ରାତି ୮ଟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। କଲେଜ ଶିକ୍ଷା ବିଭାଗ ଅଧ୍ୟାପକ ବନମାଳୀ ଦାସ, ଓଡ଼ିଆ ବିଭାଗ ଅଧ୍ୟାପକ ଶରତ କୁମାର ଦଳାଇ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ବିଷ୍ଣୁ ଚରଣ ବେହେରା ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ନିଜର ସୁରକ୍ଷା ପାଇଁ ବାଳିକାମାନେ ଆତ୍ମରକ୍ଷା ତାଲିମ ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ଯେତେ ସମସ୍ୟା ଦେଖାଗଲେ ମଧ୍ୟ ଧର୍ଯ୍ୟର ସହିତ ସମ୍ମୁଖୀନ ହେବାକୁ ଉପସ୍ଥିତ ଛାତ୍ରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁମିତ ରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଦାମ ଚରଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୋଗ୍ରାମ ସଂଯୋଜକ ସୁଷମା ବାଦୀ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଉକ୍ତ କଲେଜର ୬୨ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ବାସନ୍ତୀ ମହାନନ୍ଦ ମାଷ୍ଟର ଟ୍ରେନରଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମାର୍ଥୀ ସମସ୍ତ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଦିବାକର ସାମଲ, ଭଗବାନ ହୋତା, ଅକ୍ଷୟ ଗରିଆ, ନମିତା ଉର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ

ହରଭଙ୍ଗା,୨୨।୧(ନରେନ୍ଦ୍ର କୁମାର ସାହୁ)



କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରଦାପ ଅମାତ ଓ ଅନ୍ୟମାନେ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ବନ ପ୍ରକଳ୍ପଠାରେ ତିଳେଶ୍ୱର ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଦରଦାମ ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ବର୍ତ୍ତମାନର ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ବୋଲି କହିଥିଲେ। ଏହାସହ ବୌଦ୍ଧ ଜିଲାରୁ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ବାହାରକୁ ଚାଲାଣ ହେଉଥିବା ଅଭିଯୋଗ କରିଥିଲେ। କର୍ମୀ ସମ୍ମିଳନୀରେ ଯୁବ ନେତା ଅବକାଶ ସାହୁ, ସୁଜ୍ଞାନ କର୍ଣ୍ଣ, ସୁଶୀଳ ଦେହୁରୀ, ସୀତାଂଶୁ ମହାକୁଡ, ଧରଣୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିବା ସହ ଆଗାମୀ ଦିନରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ । ସମ୍ମିଳନୀରେ ବିଜେଡିର ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## ସଂକୀର୍ତ୍ତନ ମହାସଂଘର ବାର୍ଷିକୋତ୍ସବ

ବୌଦ୍ଧ,୨୨।୧(ଅଜିତ କୁମାର ବାରିକ)



ବୌଦ୍ଧ ଜିଲା ଶ୍ରୀ ଶ୍ରୀ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଗତ ମଙ୍ଗଳବାର ଦିନ ଗିରାସିଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ସଂକୀର୍ତ୍ତନ କଳାକାରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶ୍ରୀ ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦର ଜିଲା ସଭାପତି ଶ୍ରୀକାନ୍ତ ମିଶ୍ର, ପାଲା ଦାସକାଠିଆ ସଂଘ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ପାଲା ଗାୟକ ବାଞ୍ଛାନିଧି ପ୍ରଧାନ, ଆଦିତ୍ୟ ଦାସ ବ୍ରହ୍ମଚାରୀ, ମହାସଂଘର ସଂପାଦକ ଅଖଣ୍ଡ ମହାକୁଡ, ସଦାଶିବ ସାହୁ, ସନ୍ତୋଷ କୁମାର ସାହୁ ଚେତାରାମ ପଟ୍ଟନାୟକ ଯୋଗଦେଇ ମଞ୍ଚାସୀନ ଥିଲେ । ଏଥିରେ ଜିଲାର ୫୦ ଗୋଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ।

**ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ**

## ବହଳପଦର, ଲୁଡୁରପଙ୍କ ସେମିରେ

ଅମରପାଲି,୨୨।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦୁଗୁଦା ଗ୍ରାମ ଖେଳ ପଡ଼ିଆରେ ଚତୁର୍ଥ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଖୁଣ୍ଟଲାପାଲିକୁ ହରାଇ ଲୁଡୁରପଙ୍କ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଲାଙ୍ଗବାହାଲଦ୍‌କୁ ହରାଇ ଖମ୍ଭେଶ୍ୱରୀପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ପ୍ରଥମ ମ୍ୟାଚ ବିଜେତା ଲୁଡୁରପଙ୍କ ଦଳ ଦ୍ୱିତୀୟ ମ୍ୟାଚ ବିଜେତା ଖମ୍ଭେଶ୍ୱରୀପାଲିକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ସରୋଜ ନାଏକ ଓ ବିଷ୍ଣୁ ଚରଣ ପଧାନ ଅମ୍ପେୟାର, ରଘୁମଣି ପୁଟା ସ୍କୋରିଂ, ମଣ୍ଟୁ ପଧାନ ଅନ ଲାଇନ ସ୍କୋରିଂ ଏବଂ ଗୋବିନ୍ଦ ଚନ୍ଦ୍ର ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନ ୪ଟା ୪୫ରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ ଓ ଆୟୋଜକ ସଭାପତି ମକରଧ୍ୱଜ ମିର୍ଦ୍ଧା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଅମରପାଲି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବହଳପଦର ଦଳ ଜନକପୁରକୁ ହରାଇ ଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଘଣ୍ଟପାଲିକୁ ହରାଇ ଦ୍ୱିତୀୟ ମ୍ୟାଚ ବିଜେତା ବହଳପଦର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା।



ବିଜୟୀ ଦଳର ଖେଳାଳିମାନେ।

# ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ା ଚାମ୍ପିୟନ

ହରଭଙ୍ଗା,୨୨।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକିରଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଳେଶ୍ୱର ପକ୍ଷରୁ ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଦିନ ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳ ମଙ୍ଗଳା କ୍ଲବ କଟକ ଓ ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଝାରସୁଗୁଡା ଦଳ ୨ ଗୋଟି ଗୋଲ ଦେଇ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କଟକ ଦଳ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ଫଳରେ ଝାରସୁଗୁଡା ଦଳ ୨-୧ ଗୋଲରେ ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ, ସଂପାଦକ ମହେଶ୍ୱର ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ଚାମ୍ପିୟନ ଦଳ ଝାରସୁଗୁଡାକୁ ଟ୍ରଫି ସହ ୨୫ ହଜାର ୨୫ ଟଙ୍କା ଓ ରନର୍ସ ଦଳ କଟକକୁ ଟ୍ରଫି ସହ ୨୦ ହଜାର ୨୦ ଟଙ୍କା ଦେଇ ପୁରସ୍କୃତ କରିଥିଲେ । ଖେଳକୁ ରେଫରି ଶିବଶଙ୍କର ପଣ୍ଡା, ସଲିଲ କୁମାର ବେହେରା, ସୁଜିତ ରାଜହଂସ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ଲକ୍ଷ୍ମଣ ସେଠ କାର୍ଯ୍ୟ ତୁଲାଇଥିଲେ । ଖେଳକୁ ବଜାର ଆସୋସିଏଶସନର ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଧାରା ବିବରଣୀ ସିମୁନ ନାଏକ ପ୍ରଦାନ କରିଥିଲେ ।



ଟ୍ରଫି ସହ ଝାରସୁଗୁଡା ଦଳ।

**୨୧ତମ ତିଳେଶ୍ୱର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

## ସଂକ୍ଷେପରେ

### କାର ଧକ୍କାରେ ସାଇକେଲ ଆରୋହୀ ମୃତ

**ରାଉରକେଲା,୨୨ା୧(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଅଞ୍ଚଳ ମନ୍ଦିର ରୋଡରେ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୮ଟାରେ ଏକ କାର ଧକ୍କାରେ ସାଇକେଲ ଆରୋହୀ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ମନ୍ଦିର ରୋଡର ଉଦେଶ ଦୀପ(୧୮)। ଏନେଇ ଥାନାରେ ମାମଲା(ନଂ. ୩୬/୨୫) ରୁଜୁ ହୋଇଛି। ବୁଧବାର ଅପରାହ୍ନ ୪ଟାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାର ଦ୍ରୁତ ଗତିରେ ଆସି ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ସେ ଦୂରକୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ଘରେ ପଶି ଲାପଟପ୍ ଚୋରି: ୨ ଗିରଫ

**ରାଉରକେଲା,୨୨ା୧(ସଙ୍ଗୀତା ଜେନା):** ଡିସେମ୍ବର ୧୮ ତାରିଖ ସନ୍ଧ୍ୟାରେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀକଲୋନୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି କେତେକ ଦୁର୍ବୃତ୍ତ ଏକ ଲାପ୍‌ଟପ୍ ଚୋରି କରିନେଇ ଥିଲେ। ଏନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ( ନଂ. ୪୩୭/୨୫) ରୁଜୁ ହୋଇଥିଲା। ଏଥିରେ ୨ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ସେକ୍ଟର -୭ ଦୀପକ ଟକିଜ୍ ବସ୍ତିର ସୁବ୍ରତ ସ୍ୱାଇଁ(୨୦) ଓ ଉଦିତନଗର ମାଲଗୋଦାମ ଅଞ୍ଚଳର ଟିଙ୍କୁ ପାରମାଣିକ(୨୦)। ସେମାନଙ୍କ ଠାରୁ ଚୋରି ଲ୍ୟାପ ଟପ୍ ଜବତ ହୋଇଛି। ଉଭୟଙ୍କୁ ପୂର୍ବାହ୍ନ ସାଢ଼େ ୧୧ଟାରେ ଗିରଫ କରାଯାଇଛି। ଅଭିଯୋଗକାରୀ ନିତୀନ ଗୋସାଇଁ(୪୮) ବାସନ୍ତୀ କଲୋନୀରେ ରୁହନ୍ତି। ଘଟଣାଦିନ ଅଭିଯୁକ୍ତମାନେ ଘରେ ନ ଥିଲେ। ଏହାର ସୁଯୋଗ ନେଇ ସେମାନେ ଘରେ ପଶି ଚୋରି କରିନେଇଥିଲେ।

### ରାମମନ୍ଦିର ପ୍ରଥମ ବାର୍ଷିକୀ ଉତ୍ସବ

**ବନ୍ଧମୁଣ୍ଡା,୨୨ା୧(ସୁବ୍ରତ ଦେ):** ଅଯୋଧ୍ୟା ରାମ ମନ୍ଦିରର ପ୍ରଥମ ବାର୍ଷିକୀ ଅବସରରେ ବନ୍ଧମୁଣ୍ଡା ଭାଜପା ତରଫରୁ ବି- ସେକ୍ଟର ସ୍ଥିତ ହନୁମାନ ମନ୍ଦିରଠାରେ ହନୁମାନ ଚଲିସା ପାଠ କରାଯାଇଥିଲା। ଏହି ଅବସରରେ ବନ୍ଧମୁଣ୍ଡା ଭାଜପାର ପୂର୍ବତନ ମଣ୍ଡଳ ଅଧ୍ୟକ୍ଷ ଆଇ ରାଜା ରମେଶ କହିଛନ୍ତି, ରାମ ମନ୍ଦିର ସ୍ଥାପନା ଆମ ପାଇଁ ଏକ ଗର୍ବର ପର୍ବ। ସେଥିପାଇଁ ଏହି ଗର୍ବର ଦିନକୁ ପାଳନ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଭାଜପା କର୍ମୀମାନେ ହନୁମାନ ମନ୍ଦିରରେ ଦୀପ ଜଳାଇ ରାଜ୍ୟ ତଥା ଦେଶ ବାସୀଙ୍କ ମଙ୍ଗଳ ପାଇଁ ପୂଜା କରିଥିଲେ। ଏହି ଅବସରରେ ଭାରତ ସିଂ, ଲୀନା ନାଇଡୁ, ସୁନ୍ଦର ଯୋଶୀ, ଅମରେଶ ପ୍ରଧାନ, ପିଙ୍କି ଘୋଷ, ସଚିନ ସାରଙ୍ଗୀ, ସୋନୁ ସିଂ, ରାଜୁ ପାଣ୍ଡେ, ରାହୁଲ ବିଶ୍ୱକର୍ମା, ତୁଳସୀ ଦାସ, ବବି କୁମାରୀ, ସ୍ୱାସ୍ତିକ ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# କାରଖାନାଗୁଡ଼ିକରେ ଦୁର୍ଘଟଣାକୁ ନେଇ ସିଟୁର ସ୍ମାରକପତ୍ର

**ରାଉରକେଲା,୨୨ା୧(ସଙ୍ଗୀତା ଜେନା)**


ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଗତ କିଛି ଦିନ ପୂର୍ବରୁ ଜିଲାରେ ହୋଇଥିବା କଳକାରଖାନାରେ ଶ୍ରମିକ ଦୁର୍ଘଟଣା ଜନିତ ମାମଲାକୁ ନେଇ ଉଦ୍‌ବେଗ ପ୍ରକାଶପାଇଛି। ଏନେଇ ବୁଧବାର ମଧ୍ୟାହ୍ନ ୧୨ଟାରେ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ୍ ମଜଦୁର ୟୁନିଅନ୍( ସିଟୁ) ପକ୍ଷରୁ ରାଜ୍ୟ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର, ଇଏସ୍‌ଆଇ, ଶ୍ରମ ବିଭାଗକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀଙ୍କ ନେତୃତ୍ୱରେ ସମ୍ପାଦିକା ତାଜ୍‌ମୁନ୍ ନେହାର, ଯଯାତି କେଶରୀ ସାହୁ, କୋଷାଧ୍ୟକ୍ଷ ଅଜିତ ଏକ୍କା, ଅଜିତ ଦାଶ, ସୁଧାଂଶୁ ଜେନା, ଅନୀଲ ସା, ରନ ବେହେରା, କ୍ଷୀରୋଦ ବେହେରା, ସି ଦିବାକର ରାଓ, ଲଲନ ଟପ୍ପୋ, ସୁବ୍ରତ ତୀର୍କୀ, ଅଜୟ ମାଝୀ, ମନସିଦ୍ ବାର୍ଲା, ଜଲେନ୍ କୁଲୁ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ର ରାଉରକେଲା ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ଡେପୁଟି ଡାଇରେକ୍ଟର ଇଂ.ବିଭୂ ପ୍ରସାଦଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ। ଏନେଇ ସିଟୁ ସାଧାରଣ ସମ୍ପାଦକ ଅଲ୍ଲୀ କହିଲେ, ଦିନକୁ ଦିନ ଜିଲାରେ କାରଖାନା ଗୁଡ଼ିକରେ ଶ୍ରମିକ ଦୁର୍ଘଟଣା ମାମଲା ବୃଦ୍ଧି ପାଉଛି। ଉକ୍ତ କାରଖାନା ଗୁଡିକର ଢ଼ାଞ୍ଚା ଓ ନିର୍ମାଣ କୋଠାଗୁଡ଼ିକର ଉଚିତ୍ ଯାଞ୍ଚ କରାଯାଉନାହିଁ। ମାଲିକମାନେ ଉତ୍ପାଦନକୁ ଅଧିକ ପ୍ରାଧାନ୍ୟତା ଦେଉଛନ୍ତି। କାରଖାନାରେ କୋଠା ଏବଂ ଅନ୍ୟ ନିର୍ମାଣ ଗୁଡ଼ିକ ଅନୁମତି ନେବା ଠାରୁ ଆରମ୍ଭ କରି ପ୍ରକଳ୍ପ ଶେଷ ହେବା ଏବଂ ପରେ ଏହାର ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ ରହିଛି। ଯାହାଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ। ନିକଟରେ ହୋଇଥିବା ଦୁର୍ଘଟଣାରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଅଲ୍ଲୀ ଦାବି କରିଥିଲେ। ପରେ ଉକ୍ତ ସ୍ମାରକପତ୍ରର ନକଲ ପଶ୍ଚିମାଞ୍ଚଳ ଡିଆଇଜି, ଜିଲାପାଳ, ସୁନ୍ଦରଗଡ଼ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

# ସୀମାନ୍ତରେ ବ୍ୟାପକ ବିସ୍ଫୋରକ ଜବତ


ଜିଲେଟିନ୍ ଓ ଅନ୍ୟ ସାମଗ୍ରୀ ଜବତ।

**ରାଉରକେଲା,୨୨ା୧(ସଙ୍ଗୀତା ଜେନା)**

ଓଡ଼ିଶା ଓ ଝାଡଖଣ୍ଡରେ ଦିନକୁ ଦିନ ମାଓବାଦୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ମାଓବାଦୀ ଦମନ ପାଇଁ ସୁରକ୍ଷାବଳ ଦ୍ୱାରା ହେଉଥିବା କୋମ୍ବିଂ ଅପରେଶନରେ ବ୍ୟାପକ ବିସ୍ଫୋରକ ଜବତ ହୋଇଥିବା ସୂଚନା ମିଳିଛି। ଏନେଇ ବୁଧବାର ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କରାଇକେଲା ଥାନା ଅନ୍ତର୍ଗତ ସେରେଙ୍ଗଡ଼ା, କୁଚାଟୋଲି ନିକଟରେ ଥିବା ପାହାଡ଼ିଆ ଜଙ୍ଗଲରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ମାଓବାଦୀମାନେ ଖଞ୍ଜିଥିବା ୨୧ଟି ଜୀବନ୍ତ ଆଇଇଡ଼ି ଜବତ ହୋଇଛି। ଏଗୁଡ଼ିକ ବମ ନିରୋଧକ ସ୍କ୍ୱାର୍ଡ ଦ୍ୱାରା ନଷ୍ଟ କରାଯାଇଥିଲା। ସେହିପରି ନିକଟରେ ଥିବା ଏକ ମାଓ କ୍ୟାମ୍ପରୁ ୫୫ଟି ଜିଲେଟିନ୍ ଷ୍ଟିକ୍ ଜବତ କରାଯାଇ ନଷ୍ଟ କରାଯାଇଥିଲା।

# ଆର୍‌ଏସ୍‌ପିରେ ମହିଳା ଅଧିକାରୀଙ୍କ ପାଇଁ ନେତୃତ୍ୱ ଉନ୍ନତୀକରଣ କାର୍ଯ୍ୟକ୍ରମ



**ରାଉରକେଲା,୨୨ା୧(ବିପ୍ଲବ ରଞ୍ଜନ ଦାଶ)**

ସେଲ, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ମହିଳା ଅଧିକାରୀଙ୍କ ପାଇଁ ନେତୃତ୍ୱ ଉନ୍ନତିକରଣ ସମ୍ପର୍କିତ ୨ଦିନିଆ କାର୍ଯ୍ୟକ୍ରମ ଜାନୁଆରୀ ୨୦ ଏବଂ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ନିଜର ଗଭୀର ଅନ୍ତଃଦୃଷ୍ଟି ତଥା ସ୍ୱତନ୍ତ୍ରତା ସହ ପୁନଃ ସଂଯୋଗୀକରଣ ଏବଂ ଉତଥାନ ପତନର ବିଶ୍ଳେଷଣ ସମେତ ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନର ଅନୁସନ୍ଧାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇନ ବିଭାଗର ସିଜିଏମ ଡ. ଚିନ୍ମୟ ସମଜଦାର ଅଧ୍ୟକ୍ଷତା କରି ବିଭିନ୍ନ ନେତୃତ୍ୱରେ ଗୁରୁତ୍ୱଦେଇ ଏହି ତାଲିମ କାର୍ଯ୍ୟକ୍ରମର ସର୍ବୋତ୍ତମ ଉପଯୋଗ କରିବାକୁ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏମଏସ ଏବଂ ଏଲ ଆଣ୍ଡ ଡି ବିଭାଗର ସିଜିଏମ ପି. କେ ସାହୁ ଏବଂ ଆଇଆଇଏମ ରାୟପୁରର ପ୍ରୋଗ୍ରାମ ନିର୍ଦ୍ଦେଶକ ସୁଶ୍ରୀ ସୁନିତା ସୁଗାର୍ଥୀ ମଞ୍ଚାସୀନ ଥିଲେ । ଏହି ୨ ଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟତଃ ଆତ୍ମବିଶ୍ଳେଷଣ, ପ୍ରତିଫଳନ ଏବଂ ଅନ୍ତଦୃଷ୍ଟି ଉପରେ ଆଧାରିତ କାର୍ଯ୍ୟକ୍ରମମାନ ସ୍ଥାନ ପାଇଥିଲା । 'ମୋ ଭିତରେ ସମ୍ପଦ' ଶୀର୍ଷକ ଉକ୍ତି ଉପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯାହା ଅଂଶଗ୍ରହଣକାରୀମାନଙ୍କୁ ନିଜ ଜୀବନ ଯାତ୍ରାର ସ୍ମୃତି ଚାରଣ କରିବାରେ ସାହାଯ୍ୟ କରିଥିଲା। ଏହାସହିତ ଜଡିତ ବିଭିନ୍ନ ଗୁଣ, ଜୀବନ ମୂଲ୍ୟବୋଧ ଏବଂ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ଦୃଢ ନେତୃତ୍ୱ ନେବାର ବିଭିନ୍ନ ଦିଗ ଯଥା ସ୍ଥାନ, ସୀମା, ବିଶ୍ୱାସ ପ୍ରଣାଳୀ, ସାହସ ପ୍ରଣାଳୀ, ଆଚରଣ, ଭୂମିକା, ଦାୟିତ୍ୱ ଚାପ ପରିଚାଳନା ଏବଂ ଅବରୋଧକ ଓ ନିମ୍ନଧାରା ଉପରେ ଆଲୋଚନା କରାଯାଇଥିଲା। ମତାମତ ସଂଗ୍ରହ ଓ ଉଦ୍‌ଯାପନୀ ଅଧିବେଶନରେ ସିଜିଏମ ଇଲେକ୍ଟ୍ରିକାଲ ଆର କେ ମୁଦୁଲି ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆର. କେ ମୁଦୁଲି ମହିଳାମାନଙ୍କୁ ପରିବର୍ତ୍ତନକୁ ଗ୍ରହଣ କରିବା, ଉଚ୍ଚ ଉଦ୍ଦେଶ୍ୟ ପାଇଁ ନବସୃଜନକୁ ଆଗେଇ ନେବା ସଫଳତା ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। ଏହି ଅଧିବେଶନର ଉଭୟ ଉଦଘାଟନୀ ଏବଂ ଉଦ୍‌ଯାପନୀ ସମାରୋହରେ ସିକିଏମ ପି.କେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହିମାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ସିନିୟର ମ୍ୟାନେଜର ଅର୍ଣ୍ଣପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସ୍କାଉଟ ଗାଇଡ ରାଜ୍ୟ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ପକ୍ଷରୁ କମ୍ବଳ ବଣ୍ଟନ

**ବଡ଼ଗାଁ,୨୧ା୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସ୍କାଉଟ ଗାଇଡ ରାଜ୍ୟ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଙ୍ଗଳବାର ଗରିବ ଅସହାୟଙ୍କୁ କମ୍ବଳ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼ଗାଁ ଥାନା ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ବଳ ବିତରଣ କରିଥଲେ। ସ୍କାଉଟ ଗାଇଡ଼ ମୁଖ୍ୟାଳୟର କମିଶନର ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେବା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୩୫ ଜଣଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଅନ୍ୟତମ ଅତିଥିଭାବ ବଡ଼ଗାଁ ଥାନା ଏଏସଆଇ ଅରୁପାନନ୍ଦ ଦାସ, ଏଏସଆଇ ଶ୍ରୀକାନ୍ତ ପଣ୍ଡା, ବଡ଼ଗାଁ ଆଇଟିଆଇ ପ୍ରିନସିପାଲ ସାଗରିକା ନାଏକ, ଭାଇସ ପ୍ରିନ୍ସିପଲ ଶୁଶିଲ ନାଏକ ଅଂଶଗ୍ରହଣ କରିଥିଲେ। ମୁଖ୍ୟାଳୟ କମିଶନର ଡକ୍ଟର ନାୟକ ବଡ଼ଗାଁ ସ୍କାଉଟ ଗାଇଡ଼ ରାଜ୍ୟ ତାଲିମ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବଡ଼ଗାଁ ସ୍କାଉଟ ଗାଇଡ ରାଜ୍ୟ ତାଲିମ କେନ୍ଦ୍ରର ସ୍କାଉଟ ମାଷ୍ଟର ସୌରଭ ପଣ୍ଡା, ରେଞ୍ଜର ଲିଡର ସରିବା କମାର, ତୁରତୀ ବଡାଇକଙ୍କ ସହିତ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରାଉରକେଲା,୨୨ା୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହରର ପାନପୋଷଠାରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସରକାରୀ ଯୁକ୍ତ ୨ ଉଚ୍ଚ ମାଧମିକ ବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅପରାହ୍ନ ୧ଟାରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ କ୍ରୀଡ଼ା ପତାକା ଉତ୍ତୋଳନ ସହ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପକ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଏବଂ କ୍ରୀଡ଼ା ଶିକ୍ଷୟିତ୍ରୀ କ୍ୟାପ୍ଟେନ ମୀନା ଦାସଙ୍କ ସହଯୋଗରେ ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଦୌଡ ସହିତ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଧବାର ଏହି ୨ଦିନିଆ କ୍ରୀଡ଼ା ମହୋତ୍ସବର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଶ୍ରାମୁଣ୍ଡା ଦୌଡ ଷ୍ଟାଡିୟମରେ ବରୀଷ୍ଠ ପ୍ରଶିକ୍ଷକ ଶିବ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ମିଶ୍ର ଏହି ଅବସରରେ ଷ୍ଟାଡିୟମରେ ଦିଆଯାଉଥିବା ବିଭିନ୍ନ ଦୌଡ ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସସ୍ମିତା ସାମଲଙ୍କ ପୌରହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ରୀଡା ଉତ୍ସବର ମୁଖ୍ୟ ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, କ୍ରୀଡା ସଂସଦର ଉପାଧ୍ୟକ୍ଷ ମୁରଲି ମୋହନ ବାରିକଙ୍କ ସମେତ ଅଧ୍ୟାପିକା ଡ. ରଞ୍ଜିତା ଓରାମ, ରଜନୀ କିସାନ, ଅଶୋକ କୁମାର ମିଞ୍ଜଙ୍କ ସମେତ ବରିଷ୍ଠ ପ୍ରଶିକ୍ଷିକା ବିଭା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଡ. ସାମଲ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀଙ୍କ ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ କ୍ୟାପ୍ଟେନ ମୀନା ଦାସ ବାର୍ଷିକ ବିବରଣି ଉପସ୍ଥାପନ କରିଥିଲେ। ଏହି ଅବସରରେ ୨ଦିନିଆ କ୍ରୀଡା ପ୍ରତିଯୋଗିତାର ୨୧୩ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦୁଇଦିନିଆ କ୍ରୀଡା ଉତ୍ସବରେ ହୋଇଥିବା ବିଭିନ୍ନ କ୍ରୀଡା ମଧ୍ୟରୁ ଯୁକ୍ତ ୨ ବର୍ଗରେ ଜିଜ୍ଞାସା ଦାସ ବାଳିକା ବିଭାଗରେ ଏବଂ ଆଲୋକ ଓରାମ ବାଳକ ବିଭାଗରେ ଚମ୍ପିୟାନ ହୋଇଥିଲେ। ସେହିଭଳି ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ ପୁରୁଷ ବର୍ଗରେ ମାଇକେଲ ଲୁଗୁନ ଏବଂ ମହିଳା ବର୍ଗରେ ଅଞ୍ଜଳି ସିଂହ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ବୈଷୟିକ ପରାମର୍ଶଦାତାଭାବେ ପୂର୍ବତନ କ୍ରୀଡା ଶିକ୍ଷକ ଅସିତ କୁମାର ଦାସଙ୍କ ସମେତ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁବ୍ରତ କୁମାର ଭଞ୍ଜ, ଦୌଡ଼ ପ୍ରଶିକ୍ଷକ ରାଜେନ ଏକ୍କା ଏବଂ ଭିନସେନ ସମାଦ ସକ୍ରୀୟ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ମମତା ବାକ୍ସଲା ଓ ରଜନି କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅଧ୍ୟାପିକା ଲିଲିପ୍ରେମା ମିଞ୍ଜ, ରାଧା କୁମାରୀ, ଚହ୍ନାତି ତିର୍କୀ, ଜୟନ୍ତ କୁମାର ସାମନ୍ତରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ମୂଷାମରା ବିଷ ନେଲା ଝିଅ ଜୀବନ

**କୁଆଁରମୁଣ୍ଡା,୨୨ା୧(ମହେନ୍ଦ୍ର କୁମାର ସାହୁ)**

**ମୂଷା ମାରିବାକୁ ଭାତରେ ମିଶାଇଥିଲେ ବିଷ**

ବିଷ ଗୋଳାଇ ମୂଷା ମାରିବା ପରିବର୍ତ୍ତେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ବୀରମିତ୍ରପୁର ଥାନା ଅଞ୍ଚଳରେ। ଏହି ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଧୀନ ରିଉଁ ଗ୍ରାମର ସାଗର କୁମ୍ଭାରଙ୍କ ନାବାଳିକା ଝିଅ କିରଣ ମଙ୍ଗଳବାର ଅପରାହ୍ନରେ ସ୍କୁଲରୁ ଘରକୁ ଫେରିବା ପରେ ଅଜାଣତରେ ଘରେ ମୂଷାମରା ବିଷ ଭାତ ଖାଇ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ବୁଧବାର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୫ା୨୫) ରୁଜୁ ହୋଇଛି।

### ଶିବ ମନ୍ଦିରର ରତ୍ନମୁଦ, ନବକଳେବର କାର୍ଯ୍ୟକ୍ରମ

**ଝାରବନ୍ଧ,୨୨ା୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ବିଜାଢୋଲ ଗ୍ରାମର ବାବା ସପ୍ତେଶର ଶିବମନ୍ଦିରର ରତ୍ନମୁଦ ଓ ନବେକଳେବର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରର ସମସ୍ତ ପରିଚାଳନା ଦାଇତ୍ୱ ବିଜାଢୋଲ ରାୟ ପରିବାର ବିଗତ ଚାରି ପିଢ଼ିରୁ ବହନ କରିଆସୁଛନ୍ତି। ଏହି କ୍ରମରେ ରମେଶ ଚନ୍ଦ୍ର ରାୟ ବର୍ତ୍ତମାନ ସମସ୍ତ ଦାଇତ୍ୱ ବହନ କରୁଛନ୍ତି। ବର୍ତ୍ତମାନ ମନ୍ଦିରକୁ ପୁନଃ ନିର୍ମାଣ କରାଯାଇ ତାର ରତ୍ନମୁଦ କରାଯାଇଛି। ସିଦ୍ଧାର୍ଥ ଦାସ ପୂଜାର୍ଚ୍ଚନା କରିଥିଲେ।

# ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ

**ରାଉରକେଲା,୨୧ା୧(ବିପ୍ଲବ ରଞ୍ଜନ ଦାଶ)**


ଅଧିକାରୀମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସପି) ପରିଚାଳିତ ସେକ୍ଟର - ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ୨୦ତମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଓ ଦ୍ୱିତୀୟ ଆନ୍ତଃ ବିଦ୍ୟାଳୟ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଜାନୁଆରୀ ୧୭ ତାରିଖରେ ଆର୍‌ଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ପି କେ ସାଇଁ, ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଟି.ଜି ଟି କାନେକର ଏବଂ ଆର୍‌ଏସପିର ଅନ୍ୟ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ପ୍ରଦର୍ଶନୀରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା ରୋବୋଟିକ୍ସ, ସ୍ୱାସ୍ଥ୍ୟ ଏବଂ ପୃଷ୍ଟିସାର ଇ-ଆବର୍ଜନା ପରିଚାଳନା, ପରିବେଶ ଅନୁକୂଳ କୃଷି ପ୍ରକଳ୍ପ ମାଧ୍ୟମରେ ସେମାନଙ୍କର ବୈଜ୍ଞାନିକ ଚିନ୍ତାଧାରାର ପ୍ରଦର୍ଶନ କରିଥିଲେ। ବହୁରିଆ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ବୁଲି ଦେଖିବାରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ। ସେମାନଙ୍କ ସହିତ ପ୍ରକଳ୍ପ ବିଷୟରେ ମତ ମତବିନିମୟ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ୨୦୦ ଜଣ ଛାତ୍ରୀଛାତ୍ର। ୧୦୦ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏହି ପ୍ରଦର୍ଶନୀରେ ୧୨ଟି ବିଦ୍ୟାଳୟର ୮୦ ଜଣ ଅଂଶଗ୍ରହଣକାରୀଙ୍କ ପାଇଁ ବିଷୟବସ୍ତୁ ଥିଲା ରଥଯାତ୍ରା ଏବଂ ହସ୍ତଶିଳ୍ପ ପାଇଁ ଫୁଲଦାନୀ ଓ କାଗଜ ଫୁଲଗଛ।

# ସମ୍ବିଧାନ ଗୌରବ ଅଭିଯାନ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ

**ରାଉରକେଲା,୨୨ା୧(ବିପ୍ଲବ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାଉରକେଲା ହକି ଭିଲେଜଠାରେ ଭାଜପା ପକ୍ଷରୁ ସମ୍ବିଧାନ ଗୌରବ ଅଭିଯାନ ଉପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ମଧ୍ୟପ୍ରଦେଶ ସରକାରଙ୍କ ନଗର ବିକାଶ ଓ ଆବାସ, ସଂସଦୀୟ ବ୍ୟାପର ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପାର ବରିଷ୍ଠ ନେତା ତଥା ଭଟଲି ବିଧାୟକ ଇରାଶୀଷ ଆଚାର୍ଯ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଜିଲା ଭାଜପା ସଭାପତି ଲତିକା ପଟ୍ଟନାୟକ, ରାଜ୍ୟ ଭାଜପା ନେତ୍ରୀ ସୁକେଶୀ ଓରାମ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି କୈଳାସ ବିଜୟବର୍ଗୀୟ ନିଜ ବକ୍ତବ୍ୟରେ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ଥିବା ସମସ୍ତ ବିଷୟକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସମ୍ବିଧାନ ଗଠନ ସଭାରେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଜୁନାଗଡ, କାଶ୍ମୀର ଏବଂ ହାଇଦ୍ରାବାଦ ଭଳି ରାଜ୍ୟ ସମ୍ବିଧାନ ସଭାରେ ସମ୍ମିଳିତ ହୋଇନଥିଲେ। ସେତେବେଳେ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହମନ୍ତ୍ରୀ ଥିଲେ। ଜାମ୍ମୁ ଓ କାଶ୍ମୀର ପାଇଁ ୩୭୦ ଧାରା ଲାଗୁ କରାଯିବା ଏକ ବଡ ଭୁଲ ଥିଲା ଏବଂ ସମ୍ବିଧାନର ହତ୍ୟା କରାଯାଇଥିଲା ବୋଲି ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟବର୍ଗୀୟ କହିଥିଲେ। ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ବିଷୟରେ ଉଲ୍ଲେଖ କରି ବିଜୟବର୍ଗୀୟ କହିଥିଲେ, ରାଜନୀତି କରିବା ପାଇଁ ଜଣେ ସୁସ୍ଥ ମସ୍ତିଷ୍କ ବ୍ୟକ୍ତି ହେବା ଦରକାର। ବିରୋଧୀ ଦଳର ନେତା ହୋଇ ବିଦେଶ ଭ୍ରମଣରେ ଯାଇ ଭାରତ ବରୋଧରେ କହିବା ଭାରତୀୟ ସମ୍ବିଧାନର ଅବମାନନା ହୋଇଥିଲା ବୋଲି କହିଥିଲେ। ସମ୍ବିଧାନ ଗୌରବ ଅଭିଯାନ ଉପରେ ବୁଦ୍ଧିଜୀବୀ ସମ୍ମିଳନୀରେ ଭାଜପାର ବରିଷ୍ଠ ନେତା ଇରାଶୀଷ ଆଚାର୍ଯ୍ୟ ଏବଂ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମଧ ଭାରତୀୟ ସମ୍ବିଧାନର ଗୌରବକୁ ପ୍ରଶଂସା କରିବା ସହିତ ରାହୁଲ ଗାନ୍ଧୀ ଓ କଂଗ୍ରେସ ଉପରେ ଆରୋପ କରିଥିଲେ।

# ୭ବର୍ଷ ବିତିଲା, କାମ ସରିଲାନି

**ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)**

## ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ

ସମ୍ବଲପୁର ସହରରୁ ଆଧୁନିକ ବୈଷୟିକ ପଦ୍ଧତିରେ ଘରମାନଙ୍କରୁ ନିର୍ଗତ ନର୍ଦ୍ଦମା ଜଳ ସୁପରିଚାଳନା ପାଇଁ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା ସ୍ୱେରେଜ ପ୍ରକଳ୍ପ। ଏହି ବୃହତ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ସ୍ୱେରେଜ ବୋର୍ଡ ପକ୍ଷରୁ ପୁଣେର ଏକ ଠିକାସଂସ୍ଥାକୁ ନିୟୋଜିତ କରାଯାଇଥିଲା। ଇତିମଧ୍ୟରେ ୭ବର୍ଷ ବିତି ଯାଇଥିଲେ ବି ସ୍ୱେରେଜ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇ ପଡିରହିଛି। ମାତ୍ର ୩୦ପ୍ରତିଶତ କାମ ସରିଛି। ଭତରାଠାରେ ଏକ ବିଶୋଧନ କେନ୍ଦ୍ର ଭବ୍ୟ ପ୍ରଶାସନିକ କୋଠା ଓ କର୍ମଚାରୀ କ୍ୱାର୍ଟର୍ସରେ ସୀମିତ ରହିଛି। ଅପରପକ୍ଷରେ ସହରର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତସବୁ ଖୋଳି ମାସମାସ ଧରି ପକାଇ ରଖାଯାଉଛି। ଏଥିରେ ପାଇପ୍ ବିଛାଇ ଠିକ୍ ଭାବେ ପୋତା ଯାଉନାହିଁ କି ରାସ୍ତାର ମରାମତି ମଧ୍ୟ କରାଯାଉନାହିଁ। ଫଳରେ ସମସ୍ତ ରାସ୍ତା ବିଶେଷ କରି ବର୍ଷାଋତୁରେ କର୍ଦ୍ଦମାକ୍ତ ହୋଇ ଯାତାୟାତ ଉପଯୋଗୀ ହୋଇ ରହୁନାହିଁ। ଯଦ୍ୱାରା ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଯେଉଁ ଗତିରେ କାର୍ଯ୍ୟ ଚାଲିଛି ସେହି



ସମ୍ବଲପୁର ଭତରାସ୍ଥିତ ସ୍ୱେରେଜ ପ୍ରକଳ୍ପ ବିଶୋଧନ କେନ୍ଦ୍ର।

କାର୍ଯ୍ୟ ଆସନ୍ତା ୨୦୨୯ ସୁଦ୍ଧା ଶେଷ ହୋଇ ପରିବ ନା ନାହିଁ ସେ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ଇତିମଧ୍ୟରେ ସ୍ୱେରେଜ ବୋର୍ଡର ବିଲୋପ ଘଟି ଏହି କାର୍ଯ୍ୟ ୱାଟକୋ(ୱାଟର କରପୋରେଶନ ଅଫ ଓଡ଼ିଶା) ହାତକୁ ଯାଇଛି। ବାକି ରହିଥିବା ୭୦ପ୍ରତିଶତ କାମକୁ ଆଗାମୀ ୨ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ୱାଟକୋ ଡିଭିଜନ ପ୍ରକଳ୍ପ ମୁଖ୍ୟ ପ୍ରବନ୍ଧକ ରାଜେଶ କୁମାର ନାୟକ। ତାଙ୍କ କହିବାନୁସାରେ ଇତିମଧ୍ୟରେ ଧନୁପାଲି, ଭତରା, ଗୋବିନ୍ଦତୋଲା, କୁଲୁଥକାନି, ଚାରଭାଟି ଆଦି କେତେକ ଅଞ୍ଚଳରେ

### ୨ବର୍ଷରେ କାମ ସାରିବା ଲକ୍ଷ୍ୟ: ଡିଭିଜନ ପ୍ରକଳ୍ପ ମୁଖ୍ୟ ପ୍ରବନ୍ଧକ

୩୫୦ଘରକୁ ଏହି ଭୂତଳ ପାଇପ୍ ସହ ସଂଯୋଗ କରାଯାଇ ସାରିଛି। ପ୍ରକଳ୍ପ କାମ ବିଳମ୍ବ ପାଇଁ ସମ୍ବଲପୁର ସହରର ଭୌଗୋଳିକ ସ୍ଥିତିକୁ ସେ ଦାୟି କରିଛନ୍ତି। ବିଭିନ୍ନ ରାସ୍ତାରେ ପାଇପ ବିଛାଇବା ପାଇଁ ମାଟି ଖୋଳିବାବେଳେ ବଡ଼ ବଡ଼ ଚଟାଣ ଓ ପଥର ପ୍ରତିବନ୍ଧକ ସୃଷ୍ଟି କରୁଛି। ବୁଢ଼ାରଜା ଓ ବ୍ରକହିଲ୍ ପାହାଡ଼ ସମୀପ ଅଞ୍ଚଳରେ ଜମି ସମତଳ ନାହିଁ। ଯଦ୍ୱାରା ଭୂତଳ ସ୍ୱେରେଜ ପାଇପ ବିଛାଇବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଛି। ଏହାବ୍ୟତୀତ ସହରର କେତେକ ସ୍ଥାନରେ ଆବଶ୍ୟକ ହେଉଥିବା ଘରୋଇ ଜମି ଅଧିଗ୍ରହଣ ଅନ୍ୟ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ସମ୍ବଲପୁରରେ ଯୋଜନାବଦ୍ଧ ଭାବେ ନିର୍ମାଣ ହୋଇ ନ ଥିବା ରାସ୍ତା ଓ ବିଛା ଯାଇ ନ ଥିବା ଆବଶ୍ୟକ ପରିମାଣର ଭୂତଳ ପାନୀୟ ଜଳଯୋଗାଣ ପାଇପ ସ୍ୱେରେଜ ପ୍ରକଳ୍ପ ବିଳମ୍ବ ପାଇଁ ମୁଖ୍ୟତଃ ଦାୟି ବୋଲି କହିଛନ୍ତି ମୁଖ୍ୟ ପ୍ରବନ୍ଧକ ନାୟକ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୭ ମସିହାରେ ସ୍ୱେରେଜ ବୋର୍ଡ ଅଧୀନରେ ସମ୍ବଲପୁର ସହରାଞ୍ଚଳରେ ଭୂତଳ ନର୍ଦ୍ଦମା ଜଳ ନିଷ୍କାସନ ଓ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସ୍ୱେରେଜ୍ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଏଥିପାଇଁ ୨୯୪.୯୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ୨୦୨୦ ମସିହା ଶେଷସୁଦ୍ଧା କାମ ସମ୍ପର୍ଣ୍ଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଏହି ପ୍ରକଳ୍ପରେ ଭତରାଠାରେ ଦୈନିକ ୪୦ଏମଏଲଡି(ନିୟୁତ ଲିଟର) କ୍ଷମତା ବିଶିଷ୍ଟ ବିଶୋଧନ କେନ୍ଦ୍ର ସହିତ ସମଗ୍ର ସହରର ନର୍ଦ୍ଦମା ଜଳକୁ ବିଶୋଧନ କେନ୍ଦ୍ରରେ ପହଞ୍ଚାଇବାକୁ ସହର ମଧ୍ୟରେ ୮ଟି ପମ୍ପ ଷ୍ଟେଶନ ସ୍ଥାପନ ଓ ୨୫୩କିଲୋମିଟର ଭୂତଳ ପାଇପ୍ ଲାଇନ ବିଛାଇବା କାମ ଆରମ୍ଭ ହୋଇଥିଲା। ଏହାଦ୍ୱାରା ସମ୍ବଲପୁର ସହରାଞ୍ଚଳର ପ୍ରତ୍ୟେକ ଘରୁ ନିର୍ଗତ ନର୍ଦ୍ଦମା ଜଳ ଡ୍ରେନ୍ ପରିବର୍ତ୍ତେ ସ୍ୱେରେଜ ପ୍ରକଳ୍ପ ପାଇଁ ବିଛାଯାଇଥିବା ଭୂତଳ ପାଇପ୍ ମାଧ୍ୟମରେ ବିଶୋଧନ କେନ୍ଦ୍ରକୁ ଯାଇ ସେଠାରେ ଇଟିପି ମାଧ୍ୟମରେ ପୁନଃ ବ୍ୟବହାର ଉପଯୋଗୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

# ସରପଞ୍ଚଙ୍କ ହସ୍ତକ୍ଷେପ, ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ



ବିବାହ ପରେ ସନ୍ତୋଷିନୀଙ୍କୁ ଶଙ୍ଖା ପିନ୍ଧାଉଛନ୍ତି ତୋଫାନ।

**ନାକଟିଦେଉଳ,୨୨।୧(ବୈକୁଣ୍ଠନାଥ ସାହୁ)**

ଦୀର୍ଘ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ। ହେଲେ ଉଭୟଙ୍କ ବାହାଘରେ ବାଧକ ସାଜିଥିଲେ ଉଭୟଙ୍କ ପରିବାର ଲୋକେ। ତେବେ ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମକ୍ରମେ ବୁଧବାର ଅପରାହ୍ନ ୫ଟାରେ ଶିବ ମନ୍ଦିରରେ ଏହି ପ୍ରେମୀ ଯୁଗଳଙ୍କ ବିବାହ ହୋଇଛି। ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିଗ୍ରାହୀପାଲି ଗ୍ରାମରେ। ଗ୍ରାମର ତୋଫାନ ରାଉଳ ଏବଂ ସନ୍ତୋଷିନୀ ପ୍ରଧାନ ଦୀର୍ଘବର୍ଷ ହେଲା ପରସ୍ପରକୁ ଭଲ ପାଇ ଆସୁଥିଲେ। ହେଲେ ଏଥିରେ ଉଭୟ ପରିବାରର ଲୋକେ ରାଜି ହେଉ ନ ଥିଲେ। ସନ୍ତୋଷିନୀଙ୍କ ପରିବାର ଲୋକେ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନଙ୍କୁ ଘଟଣାରେ ହସ୍ତକ୍ଷେପ କରି ସମାଧାନ କରିବାକୁ ଅନୁରୋଧ କରିଥିଲେ। ସରପଞ୍ଚ ପ୍ରଧାନ ବୁଧବାର ଉଭୟ ପରିବାରକୁ ଗିରିଶଚନ୍ଦ୍ରପୁର ଶିବ ମନ୍ଦିର ପ୍ରାଙ୍ଗଣକୁ ଡକାଇ ଆଲୋଚନା କରିଥିଲେ। ବୁଝାଶୁଝା ପରେ ଶେଷରେ ପୁଅ ଝିଅଙ୍କୁ ବାହାଘର କରିବାକୁ ଉଭୟ ପରିବାର ରାଜି ହୋଇଥିଲେ। ଶିବ ମନ୍ଦିରରେ ପୂଜକଙ୍କ ମନ୍ତ୍ର ପାଠରେ ତୋଫାନ ଏବଂ ସନ୍ତୋଷିନୀ ପରସ୍ପରକୁ ବରଣ ମାଳା ପିନ୍ଧାଇଥିଲେ। ତୋଫାନ ସନ୍ତୋଷିନୀଙ୍କ ହାତରେ ଶଙ୍ଖା ଏବଂ ମଥାରେ ସିନ୍ଦୁର ଦେଇ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହାପରେ ସ୍ୱାମୀ ସହିତ ଶାଶୁ ଘରକୁ ଚାଲି ଯାଇଥିଲେ ପତ୍ନୀ ସନ୍ତୋଷିନୀ। ମନ୍ଦିର୍‌ରେ ଏହି ବିବାହ କାର୍ଯ୍ୟକ୍ରମ ସମୟରେ ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନଙ୍କ ସମେତ ଉଭୟ ପରିବାରର ସଦସ୍ୟ, ମନ୍ଦିର କମିଟି ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀକୃଷ୍ଣ ଗୋଶାଳାର ସ୍ଥାପନା ଦିବସ

**ସମ୍ବଲପୁର,୨୨।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ପୋତାପାଲିସ୍ଥିତ ଶ୍ରୀକୃଷ୍ଣ ଗୋଶାଳାର ୧୨୫ତମ ସ୍ଥାପନା ଦିବସ ତଥା ଗୋଶାଳା ପରିସରରେ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ସନାତନୀ ହିନ୍ଦୁ ସମାଜର ଆସ୍ଥାର ପ୍ରତୀକ ହେଉଛନ୍ତି ଗୋମାତା। ତେଣୁ ସେମାନଙ୍କ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ଦୀର୍ଘ ୧୨୫ ବର୍ଷ ଧରି ଗୋମାତାଙ୍କ ଲାଳନପାଳନ ସହ ସେମାନଙ୍କ ସୁରକ୍ଷା ଦିଗରେ ଶ୍ରୀକୃଷ୍ଣ ଗୌଶାଳାର କାର୍ଯ୍ୟ ପ୍ରଶଂସନୀୟ। ଏଥିସହ ଗୋଶାଳାରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରି କେନ୍ଦ୍ରମନ୍ତ୍ରୀ ଘାସ ଖୁଆଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ୧୯୪୦ ମସିହାରେ କାମଠିବାଲା ପରିବାର ପକ୍ଷରୁ ଜମି ପ୍ରଦାନ ପରେ ସ୍ଥାପିତ ଶ୍ରୀକୃଷ୍ଣ ଗୋଶାଳା ସମଲେଶ୍ୱରୀ ମନ୍ଦିର ବିକାଶ ଯୋଗୁ ସ୍ଥାନାନ୍ତର ହୋଇ ପୋତାପାଲିରେ ୨ବର୍ଷ ସ୍ଥାପିତ ହୋଇଛି। ରାଜ୍ୟ ସରକାର ଗୋ ସୁରକ୍ଷା ନେଇ ପଦକ୍ଷେପ ନେଉଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ରାଧାକୃଷ୍ଣଙ୍କ ନୂତନ ମନ୍ଦିର ଦର୍ଶନ କରିବା ସହ ନାମ ସଂକୀର୍ତ୍ତନ ଏବଂ ହୋମଯଜ୍ଞରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ନାଉରୀ ନାୟକ, ଡ ପ୍ରମୋଦ ରଥ ପ୍ରମୁଖ ସାମିଲ ହୋଇଥିଲେ।

# ଦୃଢ଼ ସଙ୍କଳ୍ପ ରଖି କାର୍ଯ୍ୟ କଲେ ସଫଳତା ନିଶ୍ଚିତ

**ଜମନକିରା,୨୨।୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନ ୫ଟା୩୦ରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋସ୍ନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ଉପ ଜିଲାପାଳ ଗୌରବମୟ ପ୍ରଧାନ ଯୋଗଦେଇ କ'ଣ କଲେ ଛାତ୍ରୀଛାତ୍ର ଜୀବନରେ ସଫଳତା ମଳିବ ତାହା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତାଭାବେ ସମ୍ବଲପୁରସ୍ଥିତ କାଉନସିଲ ଅଫ ହାୟର ସେକେଣ୍ଡାରୀ ଏଜୁକେଶନ(ସିଏଚ୍ଏସ୍ଇ)ଡେପୁଟି ସେକ୍ରେଟାରୀ ମହେନ୍ଦ୍ର ବେହେରା ଯୋଗଦେଇ ଦୃଢ଼ ସଂକଳ୍ପ ରଖି କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ।

ସମ୍ମାନୀତ ଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଛୋଟବେଳୁ ମା'ବାପାଙ୍କୁ ହରାଇ



ସମାରୋହରେ ଉପସ୍ଥିତ ଅତିଥି ବୃନ୍ଦ।

ବଡକଷ୍ଟରେ ବୈଜ୍ଞାନିକ ହୋଇ ପାରିଥିବା ଏହି ଜିଲାର ଶେଷ କିଷାନ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିଥିବା କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଳିନି ସିଂ, ଡିଡିଏ ରାଜେନ୍ଦ୍ର ଜଗତ, ସଦର ଏଡିଡବ୍ଲୁଇଓ ଟିକେଶ୍ୱର ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲୀପ ଦାସ ଯୋଗଦେଇ କାକ, ବକ, ସୱାନ ଆଦି ସଂସ୍କୃତ ଉଦ୍ଧୃତ କେତେକ ଗଳ୍ପର ଉଦାହରଣ ଦେଇ ଛାତ୍ରୀଛାତ୍ରମାନେ ଏହାକୁ ଗ୍ରହଣ କରି ଲକ୍ଷ୍ୟ ସ୍ଥିର କଲେ ଭବିଷ୍ୟତରେ ସଫଳତା ମିଳିବ ବୋଲି କହିଥିଲେ। ସଭା କାର୍ଯ୍ୟକୁ ସହକାରୀ ବରିଷ୍ଠ ଅଧ୍ୟାପିକା ସମଲେଶରୀ ତନ୍ତୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଏବଂ ଅଧ୍ୟାପିକା ଉପମା ନାଏକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସୁନୀତା ବେହେରା

### ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ତୃପ୍ତି ପଟେଲ ଏବଂ ଅଧ୍ୟାପକ ରାକେଶ ପ୍ରଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଭା କାର୍ଯ୍ୟକ୍ରମ ମଝିରେ ଜମି ଦାନ କରିଥିବା ୧୬ ଜଣଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ ସହ ସମ୍ମାନୀତ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୁଚିଣ୍ଡା ଏଡିଡବ୍ଲୁଇଓ ଅନିଭା ନାଏକ ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଭାବେ ଡବ୍ଲୁଇଓ ଐଶ୍ୱର୍ଯ୍ୟା ନାୟକ ଯୋଗଦେଇ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୨ ଚୋରି ଘଟଣାରେ ୯ ଗିରଫ

**ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)**

ଗତ ମାସକ ମଧ୍ୟରେ ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଥିବା ୨ଟି ଚୋରି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଅଇଁଠାପାଲି ଥାନା ଅନୁଗୁଳିଆପଡ଼ାର ନରେନ୍ଦ୍ର ନାଏକ, ତାଙ୍କ ସାନଭାଇ ଦେବେନ୍ଦ୍ର ନାଏକ, ଦେହେରୀପାଲିର ସାଗର ବାଗ, କଟରଧୁଆ ଉପରପଡ଼ାର ରମାକାନ୍ତ ଓରାମ, ବାଦଲ ମୁଣ୍ଡା, ଚେକଗେଟ୍‌ପଡ଼ାର କାର୍ତ୍ତିକ ବେହେରା, ବୁଢ଼ାରଜା ଗିରିଶ କଲୋନୀର ମନୋଜ ମେହେର, ଶାନ୍ତିନଗରର ଭାରତ ବାଗ, ଟାଙ୍ଗରପାଲିର ବିଜୁ ମଲ୍ଲିକ। ସେମାନଙ୍କ ନିକଟରୁ ଗୋଟିଏ ରେଫ୍ରିଜେରେଟର, ୨ଟି ଟିଭି, ଇଣ୍ଡକ୍ସନ କୁକର, ୩ଟି ସୋନି ସ୍ପିକର, ଗୀତାର, ଓଜନ ମେଶିନ, ଟ୍ରଲି ବ୍ୟାଗ, ସୁନା ଚେନ, ସୁନା ମାଳି, ୧୧ଟି ସୁନା ମୁଦି, ୯ଟି ସୁନା ଚୁଡ଼ି, ୪ ଯୋଡ଼ା ସୁନା କାନଫୁଲ, ସୁନା ଲକେଟ୍, ୫ଟି ରୂପା କଏନ୍ ଜବତ ହୋଇଛି। ସମ୍ବଲପୁର ଅଇଁଠାପାଲି ଥାନା ପରିସରରେ ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ଜେମ୍ସ ଟୋପ୍ପୋ ଏ ନେଇ ସୂଚନା ଦେଇଛନ୍ତି। ଅଇଁଠାପାଲି ଆୟକର ଅଫିସ ପଛପଟ ସୌରଭ ବିହାରସ୍ଥିତ ଶିଭୋମ କଲୋନୀର ଫଗିନ୍ ପାତ୍ର ପରିବାର ସହିତ ବାଙ୍ଗାଲୁର ଯାଇ ଗତ ଡିସେମ୍ବର ୧୬ ସକାଳେ ଫେରି ଘର ତାଲା ଭାଙ୍ଗି ପଡ଼ିଥିବା ଦେଖିଥିଲେ। ଘର ଭିତରେ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ.୪୩୭/୨୫)ରୁଜୁ ହୋଇଥିଲା। ଜାନୁଆରୀ ୧୫ରେ ବୁଢ଼ାରଜା ଫାଟକରେ ରହୁଥିବା ଅବିନାଶ ପଣ୍ଡାଙ୍କ ଘରୁ ମଧ୍ୟ ଅନୁରୂପ ଭାବେ ତାଙ୍କ ପରିବାର ଘରେ ନ ଥିବା ବେଳେ ଚୋରମାନେ ରାତିରେ ଗ୍ରୀଲଗେଟ୍ ତାଲା ଭାଙ୍ଗି ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିଲେ। ତାଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୧୯/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ନରେନ୍ଦ୍ର ନାଏକ, ସାଗର ବାଗ ଓ ବିଜୁ ମଲ୍ଲିକଙ୍କୁ ଟାଙ୍ଗରପାଲିରୁ ଗିରଫ କରିଥିଲା। ସେମାନଙ୍କୁ ଥାନାକୁ ଆଣି ଜେରା କରାଯିବା ପରେ ଚୋରିରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେମାନଙ୍କ ସୂଚନା ଆଧାରରେ ଅନ୍ୟ ୬ ଜଣଙ୍କୁ ଗିରଫ କରି ପୋଲିସ ବୁଧବାର କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାର ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

**ଚୋରି ସାମଗ୍ରୀ ଜବତ**

# ସିଏମ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ମେହେର ଆସୋସିଏଶନ, ଅଫତାବ କ୍ଲବ୍ ଫାଇନାଲ ମୁକାବିଲା

**ସମ୍ବଲପୁର,୨୨।୧(ବି.ଶଙ୍କର)**

ଜିଲା ପ୍ରଶାସନ ଆୟୋଜିତ ୧୫ ବର୍ଷରୁ କମ୍ ବର୍ଗର ସିଏମ କପ ଫୁଟବଲ ଟୁର୍ନାମେଣ୍ଟ-୨୫ ବୁଧବାର ମ୍ୟାଚରେ ମେହେର ଆସୋସିଏଶନ ଓ ଅଫତାବ କ୍ଲବ ବିଜୟୀ ହୋଇ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ବୁଧବାର ଅପରାହ୍ନ ସାଢ଼େ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରେଲବାଇ ମିନି ଷ୍ଟାଡିୟମରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମ ସେମିଫାଇାଲ ମ୍ୟାଚ ମେହେର ଆସୋସିଏଶନ ବନାମ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ



ସିଏମ କପ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

ମଧ୍ୟରେ ହୋଇଥିଲା। ଏଥିରେ ମେହେର ଆସୋସିଏଶନ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇାଲ ଅଫତାବ କ୍ଲବ ଓ ଏମସିସି ମଧ୍ୟରେ ଏକତରଫା ହୋଇଥିଲା। ଅଫତାବ କ୍ଲବ ଖେଳାଳିମାନେ ମ୍ୟାଚର ପ୍ରାରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳ ସ୍ୱରୂପ ଦଳ ୪-୦ ଗୋଲରେ ବିଜୟୀ ହୋଇ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ମ୍ୟାଚକୁ ରେଫରୀ ଜୟନ୍ତ କୁମାର ପିଙ୍ଗ, ପରେଶ ଭୋଇ, ଭାରତୀ ଓରାମ, ପରେଶ ପ୍ରଧାନ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂଘ ଖେଳ ସମ୍ପାଦକ ରଜେଶ ସେଠ, ହକି ସମ୍ପାଦକ ବିନୋଦ ଟପ୍ପୋ, ଅବସରପ୍ରାପ୍ତ ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ପୁରୁଖା ଫୁଟବଲ ଖେଳାଳି ଅଫତାବ ଆଲାମ ଓ ରାଜା ଚାନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କୃଷ୍ଣ ଶତପଥୀ, ଅଜୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁରୁ ନାନକଙ୍କ ବାର୍ତ୍ତାରୁ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା

**ସମ୍ବଲପୁର,୨୨।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ପୂଜ୍ୟ ଗୁରୁ ନାନକ ଦେବଙ୍କ ନାମରେ ନାମିତ ଏହି ସ୍କୁଲ ୫୦ବର୍ଷରେ ପଦାର୍ପଣ କରିବା ଏକ ଗୌରବମୟ ଉପଲବ୍ଧି। ଗୁରୁ ନାନକଙ୍କ ଆଦର୍ଶ, ବିଚାର, ସିଦ୍ଧାନ୍ତ ସେବା ମନୋଭାବର ସମର୍ପଣ ଥିଲା। ତାଙ୍କ ସଂସ୍କାର ଆଧାରରେ ସ୍କୁଲ ପରିଚାଳିତ ହେବା ଆନନ୍ଦର ବିଷୟ। ଯେତେବେଳେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିଲା ସେହି ସମୟରେ ଗୁରୁ ନାନକ ସମାଜକୁ ଏକାଠି କରି ଭାରତର ସଂସ୍କୃତିର ସୁରକ୍ଷା ପାଇଁ ଦାୟିତ୍ୱ ନେଇଥିଲେ। ସେ ସମାଜରେ ସମାନତା, ଭାଇଚାରା ଓ ଏକତାର ଶିକ୍ଷା ଦେଇଥିଲେ। ବିଭିନ୍ନ ସାମାଜିକ କଳୁଷତାକୁ ଦୂର କରିବା ଲାଗି ସଂଘର୍ଷ କରିଥିଲେ। ଶିଖ ପରମ୍ପରାରେ ଗୁରୁ ପରମ୍ପରାର ଆଦର୍ଶ ଓ ବଳିଦାନକୁ ଭୁଲି ହେବନାହିଁ। ଶିଖ ବନ୍ଧୁମାନେ ସମ୍ବଲପୁର ଅଞ୍ଚଳରେ ବିକାଶ ପାଇଁ ପ୍ରଶଂସନୀୟ କାମ କରୁଛନ୍ତି। ଏହାବ୍ୟତୀତ ଆମ ଶିଖ ସମାଜ ସହ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି। ପ୍ରଧାନ କହିଛନ୍ତି, ଶିଖ ସମ୍ପ୍ରଦାୟର ଅନେକ ଗୁରୁଙ୍କ ସହିତ ଅବିଭକ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ, ଉଜଳ ସାଏ, ଛବିଳ ସାଏ, ଯାଜ୍ଜଳ ସାଏ, ମେଦିନୀ ସାଏ, କରୁଣାକର ସିଂହ ନାଏକ, ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆ ଦେଶ ପାଇଁ ବଳିଦାନ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର, ବିଦ୍ୟାଳୟ ଅଧ୍ୟକ୍ଷ ରବିନ୍ଦ୍ରନାଥ ଦାସ ଏବଂ ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରସ୍କୃତ କରୁଛନ୍ତି।

### ଗୁରୁ ନାନକ ପବ୍ଲିକ୍ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ଚାପମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତି କର

**ସମ୍ବଲପୁର,୨୨।୧(ବି.ଶଙ୍କର)**

ଜିଲା ଶିକ୍ଷା ବିଭାଗ ଆୟୋଜିତ ସମ୍ଭାବ୍ୟ ଏ-୧ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ ଶିବିର ବୁଧବାର ଅପରାହ୍ନ ୫ଟା୩୦ରେ ସମ୍ବଲପୁର ସହରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ଉଦ୍‌ଯାପିତ ହୋଇଯାଇଛି। ଦଶମ ଶ୍ରେଣୀର ସମ୍ଭାବ୍ୟ ଏ-୧ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଓ ମାର୍ଗଦର୍ଶନ ଶିବିର 'ଲକ୍ଷ୍ୟ : ଶିଖର ବିନ୍ଦୁ' କାର୍ଯ୍ୟକ୍ରମ ଦୁଇଦିନ ବ୍ୟାପି ହୋଇଥିଲା। ଏହି ଶିବିରରେ ଜିଲାର ବିଭିନ୍ନ ହାଇସ୍କୁଲରୁ ୧୩୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱ କରି ସମୟର ସଦୁପଯୋଗ କଲେ ସଫଳତା ନିଶ୍ଚିତ ମିଳିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ପରୀକ୍ଷାରେ ସଫଳତା ଲାଭ କରିବାକୁ ହେଲେ ମାନସିକ ଚାପମୁକ୍ତ ହେଇ ପରୀକ୍ଷା ପ୍ରସ୍ତୁତି କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା ଶିବିର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଦୁଇଦିନିଆ ଶିବିରରେ ସାହିତ୍ୟ, ଇଂରାଜୀ, ଗଣିତ, ଭୌତିକ ବିଜ୍ଞାନ, ଜୀବ ବିଜ୍ଞାନ, ଇତିହାସ, ଭୂଗୋଳ ବିଷୟରେ ସାଧନ କର୍ମୀ ଅଭିଜ୍ଞ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ସହ ପରୀକ୍ଷା ସମୟରେ ମାନସିକ ଚାପର ନିରାକରଣ ଶିକ୍ଷକ ପାଇଁ ଯୋଗ, ବ୍ୟାୟାମ ଉପରେ ତାଲିମ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଏ-୧ ଶିବିରକୁ ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ରାଖି ମହାପାତ୍ର, ସୁମିତା ପତ୍ରୀ, ପ୍ରଧାନ ଶିକ୍ଷକ ସୁଜିତ ଲୁହା, ସୁରେନ ପ୍ରଧାନ, ସନ୍ଦୀପ ସାହୁ, ବନବାସ ପ୍ରଧାନ, ବିଶ୍ୱାମିତ୍ର ଦୀପ ସହଯୋଗ କରିଥିଲେ।




ବୁଧବାର ମାର୍ଗଦର୍ଶନ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରଶିକ୍ଷକମାନେ।

### ଦଶମ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ ଶିବିର ଉଦ୍‌ଯାପିତ

## ସଂକ୍ଷେପରେ

### କୃଷି ସମବାୟ ସମିତିର ଅଫିସ ଗୃହ ଉଦ୍‌ଘାଟିତ




**ରିଷିଡ଼ା,୨୨।୧(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପ୍ରାଥମିକ କୃଷି ସମବାୟ ସମିତିର ନବନିର୍ମିତ ଅଫିସ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ସମିତି ସଭାପତି ଗୋକୁଳ ଚନ୍ଦ୍ର ମାଝୀ ଅଧକ୍ଷତା କରିଥିଲେ। ସମବାୟ ସମିତି ସମୂହ ଭୁବନେଶ୍ୱରର ନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟଅତିଥି ଓ କଳାହାଣ୍ଡି ସମବାୟ ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରା, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ବନଲତା ଧଳ, ସମବାୟ ସମିତି ଭବାନୀପାଟଣାର ସହକାରୀ ନିବନ୍ଧକ ମଧୁସୂଦନ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମବାୟ ନିରୀକ୍ଷକ ଭବନାଥ ରାୟଗୁରୁ ସଭା ସଂଯୋଜନା କରିଥିବା ବେଳେ ସମିତିର ଉପସଭାପତି ସୁଶାନ୍ତ ରଣା ସ୍ୱାଗତ ଭାଷଣ ଦେଇଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ନୂଆପଡ଼ା,୨୨।୧ (ମକାରୁ ବେମାଲ):** ନେହେରୁ ଯୁବକେନ୍ଦ୍ର ନୂଆପଡ଼ା ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ବୁଧବାର ନୂଆପଡା ଓ ଖରିଆର ରୋଡ଼ଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମାନ ସିଂଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ନିୟମିତ ରକ୍ତଦାତା କିଶୋର କୁମାର ପରିଡା, କଦମ ଅନୁଷ୍ଠାନ ସମ୍ପାଦକ ଯାଜ୍ଞସିନୀ ମହାପାତ୍ର, ଶାରଳା ସଙ୍ଗୀତ ଅନୁଷ୍ଠାନର ଶଙ୍କର୍ଷଣ ପୁରୋହିତ, ଶାସ୍ତ୍ରୀ ଜୀ ଯୁବକ ସଂଘ କର୍ମକର୍ତ୍ତା ଭାଗ ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ବିନା ହେଲ୍‌ମେଟରେ ବାଇକ୍ ଧରି ଆସୁଥିବା ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ହେଲ୍‌ମେଟ ପିନ୍ଧିବା ପାଇଁ ସଚେତନ କରିଥିଲେ। ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ପଛରେ ବସିଥିବା ଯାତ୍ରୀ ବେଲ୍‌ଟ ପରିଧାନ କରିବାକୁ ପ୍ରବର୍ତ୍ତାଇଥିଲେ। ନେହେରୁ ଯୁବକେନ୍ଦ୍ର ଏମ୍‌ଟିଏସ୍ ମୁକେଶ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆବାସ ଗୃହ ଆବେଦନ ପାଇଁ ବୁଲିଲା ସଚେତନତା ରଥ



**ଖଡ଼ିଆଳ,୨୨।୧ (ସୁଜିତ କୁମାର ପ୍ରଧାନ):** ପ୍ରଧାନମନ୍ତ୍ରୀ ଆବାସ ଗୃହ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ସଚେତନତା ରଥ ନୂଆପଡ଼ା ଜିଲା ଖଡିଆଳ ସହର ପରିକ୍ରମା କରିଛି। ଖଡିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ରଥକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଛନ୍ତି। ଏହାସହ ଯୋଗ୍ୟ ହିତାଧିକାରୀ ନିଜ କାଗଜାତ ସହ ଅନ୍‌ଲାଇନ ଆବେଦନ କରିବାକୁ ଅନୁରୋଧ କରିଛନ୍ତି। ନିଜ ନାମରେ ଥିବା ଜମିପଟ୍ଟା, ଆର୍ଥିକ ରୋଜଗାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ବ୍ୟାଙ୍କ ପାସ୍‌ବହି ଆଦି ଦେଇ ଆବେଦନ କରିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଉପାଧ୍ୟକ୍ଷ ଶକୁନ୍ତଳା ଭୋଇ, ମମତା ଥାପା, ବିଭାଗୀୟ କର୍ମଚାରୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଦେଓଗାଁ,୨୨।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ଥାନା ଭୂଟିଆରବାହାଲ ଛକଠାରେ ସ୍ଥାନୀୟ ପୋଲିସ ଚଢାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଲରମ୍ବା ଥାନା ଅନ୍ତର୍ଗତ ରେଙ୍ଗାଳି ଗାଁର ଜଗ ବିଭାର(୨୭)ଙ୍କୁ ଗିରଫ କରାଯାଇଛି । ତାଙ୍କଠାରୁ ୧୧କେଜି ୪୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି। ବୁଧବାର ସକାଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସ୍ଥାନୀୟ ପୋଲିସ ଅଭିଯୁକ୍ତ ଯାଉଥିବା ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ସମୟରେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା।

# ହାଇଦ୍ରାବାଦରେ ୨୭ ଦାଦନ ଶ୍ରମିକ ନିର୍ଯାତିତ

**ନୂଆପଡ଼ା,୨୨।୧ (ମକାରୁ ବେମାଲ)**




ଶ୍ରମ ଅଧିକାରୀଙ୍କୁ ନିବେଦନ କରିବା ପାଇଁ ଆସିଥିବା ଶ୍ରମିକ ପରିବାରବର୍ଗ।

ନୂଆପଡ଼ା ଜିଲାର କୋମନା ଥାନା ଓ ଲଖନା ଥାନା ଅଞ୍ଚଳର ୨୭ ଶ୍ରମିକ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇ ନିର୍ଯାତନାର ଶିକାର ହେଉଛନ୍ତି। ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି ଖବର ପାଇବା ପରେ ପରିବାର ଲୋକେ ବୁଧବାର ଜିଲା ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲା ଶ୍ରମ ଅଧିକାରୀ କ୍ୟାପ୍‌ଟେନ ମନୋରଞ୍ଜନ ନାୟକ ଖୁବ୍‌ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ମୁତାବକ ପଳସିପାଣି ପଞ୍ଚାୟତର କାଶିପଲା, ଟିକ୍ରାପଡ଼ା ଓ କୁରୁମପୁରି ପଞ୍ଚାୟତ କୁଶଦହନା ଗାଁର ୨୭ ଜଣ ଶ୍ରମିକ ସିଆଲଲଟି ପଞ୍ଚାୟତର ଜଣେ ଦାଦନ ସର୍ଦ୍ଦାରଙ୍କଠାରୁ ୨୫ ହଜାର ଟଙ୍କା ଅଗ୍ରିମ ନେଇ ଦୀପାବଳି ସମୟରେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ସେମାନେ ମହେଶରମ ଏମ୍‌ପିଏସ୍ ଇଟାଭାଟିରେ ଇଟା ତିଆରି କାର୍ଯ୍ୟରେ ନିୟୋଜିତ ଥିଲେ। କିଛିମାସ

**ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ପରିବାର**

କାମ କରିବା ଭିତରେ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ଖାଇବା ଖର୍ଚ୍ଚ କମ୍ ଦେଇ ଦିନରାତି ଖଟାଇଥିଲେ। ପ୍ରତିବାଦ କରିବାରୁ ଶାରୀରିକ, ମାନସିକ ନିର୍ଯାତନା ଦେବା ସହ ନିସ୍ଥୁକ ମାଡ ମାରିଥିଲେ। ଅସହ୍ୟ ହେବାରୁ ଶ୍ରମିକମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି । ଅସହାୟ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାରକରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ଗୁହାରି କରିଛନ୍ତି । ଏହି ସମୟରେ ଶ୍ରମିକ ନେତା ଧରୁଆ ସମେତ ଶୁକ୍ଳାମ୍ବର ନିଆଲ, ଅନିରୁଦ୍ଧ ନାଗ, ବିରସିଂ ସାହୁ, କୁଶଳ ସାହୁ ଓ ଦାଦନ ଶ୍ରମିକଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।

# ୨ମାସ ହେଲା ଚାଉଳ ଯୋଗାଣ ବନ୍ଦ

**ଲାଞ୍ଜିଗଡ଼,୨୨।୧(ରମେଶ ଚନ୍ଦ୍ର ନାୟକ)**

**ଅଙ୍ଗନଓ୍ୱାଡି କେନ୍ଦ୍ରରେ ଶିଶୁଙ୍କୁ ମିଳୁନି ରନ୍ଧାଖାଦ୍ୟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ୍‌ରେ ଥିବା ସମସ୍ତ ଅଙ୍ଗନଓ୍ୱାଡି କେନ୍ଦ୍ରରେ ପ୍ରାୟ ୨ ମାସ ହେବ ଚାଉଳ ଯୋଗାଣ ବନ୍ଦ ଥିବା ହେତୁ ପିଲାଙ୍କୁ ରନ୍ଧା ଖାଦ୍ୟ ଖାଇବାକୁ ମିଳୁନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ରାଜ୍ୟର ସମସ୍ତ ପଞ୍ଚାୟତରେ ଅଙ୍ଗନଓ୍ୱାଡି କେନ୍ଦ୍ର ଖୋଲିଛନ୍ତି। ଲାଞ୍ଜିଗଡ ବ୍ଲକ୍‌ରେ ୨୨୬ ଅଙ୍ଗନଓ୍ୱାଡି କେନ୍ଦ୍ର ଥିବାବେଳେ ୫ ହଜାରରୁ ଊର୍ଦ୍ଧ୍ୱ ୩ ବର୍ଷରୁ ୬ବର୍ଷ ଶିଶୁ ଶିକ୍ଷା ଗ୍ରହଣ କରୁଛନ୍ତି । ସବୁ କେନ୍ଦ୍ରରେ ଶିଶୁଙ୍କ ପ୍ରିସ୍କୁଲ ଶିକ୍ଷା ପାଇଁ ଜଣେ ଲେଖାଏ ଅଙ୍ଗନଓ୍ୱାଡି କର୍ମୀ ନିଯୁକ୍ତ ହୋଇଛନ୍ତି। ହେଲେ ଲାଞ୍ଜିଗଡ଼ ବ୍ଲକ୍‌ର କେନ୍ଦ୍ରଗୁଡ଼ିକରେ ଚାଉଳ ନ ଥିବାରୁ କେବଳ ସିଝା ଅଣ୍ଡା କିମ୍ବା ବିସ୍କୁଟ ଖାଇ ଫେରୁଛନ୍ତି କୋମଳମତି ଶିଶୁ। ୨ମାସ ହେଲା କେନ୍ଦ୍ରଗୁଡ଼ିକୁ କାହିଁକି ଚାଉଳ ଯୋଗାଣ ହେଉନାହିଁ ସେ ନେଇ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଲାଞ୍ଜିଗଡ ବ୍ଲକ ଶିଶୁ ବିକାଶ ଅଧିକାରୀଣି ବିଜୟଶ୍ରୀ ସିଂଙ୍କୁ ପଚାରିବାରୁ ସେ ଟ୍ରାନ୍ସପୋର୍ଟିଂ ଏଜେଣ୍ଟଙ୍କୁ ବାରମ୍ବାର ଚାଉଳ ଯୋଗାଇଦେବା ପାଇଁ କୁହାଯାଉଛି, ହେଲେ ସେ କର୍ଣ୍ଣପାତ କରୁ ନ ଥିବା ବେଳେ ଏହାକୁ ନେଇ ଜିଲା ଶିଶୁ ବିକାଶ ଅଧିକାରିଣୀ ଓ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପରେ ଘରକୁ ଫେରିଲେ ଯୁବକ

**ନୂଆପଡ଼ା,୨୨।୧ (ମକାରୁ ବେମାଲ)**



ବୈଷ୍ଣବ ଶବର।

ନୂଆପଡ଼ା ଜିଲା କୋମନା ଥାନା କାଶିପଲା ଗାଁ ବନ୍ଧପଡାର ଜଣେ ଯୁବକ କାମ କରିବାକୁ ହାଇଦ୍ରାବାଦ ଯାଇ ନିର୍ଯାତନାର ଶିକାର ହୋଇଥିଲେ। ଏ ନେଇ ପରିବାର ଲୋକେ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲାଙ୍କୁ ଜଣାଇଥିଲେ। ଅତିରିକ୍ତ ଜିଲା ଶ୍ରମ ଅଧିକାରୀ କ୍ୟାପଟେନ ମନୋରଞ୍ଜନ ନାୟକଙ୍କ ହସ୍ତକ୍ଷେପ ପରେ ଯୁବକ ଘରକୁ ଫେରିଛନ୍ତି। ସୂଚନା ଅନୁସାରେ ବନ୍ଧପଡାର ବୈଷ୍ଣବ ଶବର (୨୨) ସ୍ଥାନୀୟ ଜଣେ ଦାଦନ ସର୍ଦ୍ଦାରଙ୍କ ସହାୟତାରେ ୧୫ ହଜାର ଟଙ୍କା ଅଗ୍ରିମ ନେଇ ଗତ ଅକ୍ଟୋବରରେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ସେ ଏକ ଇଟାଭାଟିରେ ଜେସିବି ଚାଳକ ଭାବେ କାମ କରୁଥିଲେ। ୩ ମାସ ଜେସିବି ଚଳାଇବା ପରେ ବୈଷ୍ଣବ ମାଲିକଙ୍କୁ କିଛି ଟଙ୍କା ମାଗିଥିଲେ। ଟଙ୍କା ଦେବି ହେଲେ ୨୪ ଘଣ୍ଟା କାମ କରିବାକୁ ପଡିବ ବୋଲି କହି ଖଟାଉଥିଲେ। ଗତ ୧୯ ତାରିଖ ରାତିରେ ବୈଷ୍ଣବଙ୍କୁ ମାଲିକ ଉଠାଇ କାହିଁକି ଡେରି କଲୁ ବୋଲି କହି ଲୁହା ରଡରେ ନିସ୍ଥୁକ ମାଡ ମାରିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ପରିବାର ଲୋକେ ଜାଣିବା ପରେ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଅତିରିକ୍ତ ଶ୍ରମ ଅଧିକାରୀ ନାୟକ ସେଠାକାର ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଶ୍ରମିକଙ୍କୁ ପଠାଇବାକୁ କହିଥିଲେ। ତଦନୁଯାୟୀ ଇଟାଭାଟି ମାଲିକ ବସ୍ ଟିକେଟ କରି ସନ୍ଧ୍ୟାରେ ବସ୍‌ରେ ବସାଇ ଘରକୁ ଯିବା ପାଇଁ କହିଥିଲେ। ଶେଷରେ ବୈଷ୍ଣବ ସୋମବାର ରାତି ପ୍ରାୟ ୧୦ଟାରେ ନିଜ ଗାଁରେ ପହଞ୍ଚିଛନ୍ତି । ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ସମ୍ବିଧାନର ଅବଧାରଣା ପ୍ରତ୍ୟେକ ଆଇନଜୀବୀର ଧ୍ୟେୟ ହେଉ



କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦଙ୍କ ସହ ଅନ୍ୟମାନେ।

**ଭବାନୀପାଟଣା, ୨୨।୧(ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଆଇନ ମହାବିଦ୍ୟାଳୟ ପରିଦର୍ଶନରେ ରାଜ୍ୟ ସଭା ସାଂସଦ**

ଆଜିର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଯୁଗରେ ଜଣେ ଯୁଗପଯୋଗୀ ହେବାକୁ ହେଲେ ପ୍ରଯୁକ୍ତି ବିଦ୍ୟାର ସଠିକ ଉପଯୋଗ, ଏଆଇର ସଦ୍ ବ୍ୟବହାର ସହିତ ସମ୍ବିଧାନର ନିଶ୍ଚିତ ଅବଧାରଣା ପ୍ରତ୍ୟେକ ଆଇନଜୀବୀଙ୍କ ଧ୍ୟେୟ ହେବା ଉଚିତ ବୋଲି ଆଇନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ କହିଛନ୍ତି ସୁପ୍ରିମକୋର୍ଟର ବିଶିଷ୍ଟ ଅଧିବକ୍ତା ତଥା ରାଜ୍ୟ ସଭା ସାଂସଦ ସୁଜିତ କୁମାର। କଳାହାଣ୍ଡି ଆଇନ ମହାବିଦ୍ୟାଳୟ ପରିଦର୍ଶନ କରି ସେ ଆଇନ ଛାତ୍ରୀଛାତ୍ରଙ୍କ ସହିତ ମତ ବିନିମୟ କରିଥିଲେ। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଂସଦ କୁମାରଙ୍କ ସହିତ ମତ ବିନିମୟ ସମୟରେ ମହାବିଦ୍ୟାଳୟ ଅଧକ୍ଷ ସୁନୀଲ କୁମାର ମୁଣ୍ଡ, ଅଧ୍ୟାପକ ସତ୍ୟେନ ଚୌଧୁରୀ, ହରିଶ ବେହେରା, ଦୀପ୍ତିରାଣୀ ପଟ୍ଟନାୟକ, ଅବିନାଶ ପୁରୋହିତ, ନରେନ୍ଦ୍ର ମାହାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସ୍ୱପ୍ନିଳା ଶୁଭଦର୍ଶିନୀ ମହାପାତ୍ର, ରାଜୀବ ଶତପଥି, ସୁଶୀଲ କୁମାର ବାଗ, ସୁନୀଲ କୁମାର ନାଏକ, ଏମ୍. ବାସବୀ, ସରସ୍ୱତୀ ନାଏକ, ମିଳନ ମୁଣ୍ଡ, ଗିରିଶ ଭୋଇ ଓ ଅନ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ରିଷିଡ଼ା କପ୍ ଫୁଟ୍‌ବଲ: ବଲାଙ୍ଗୀର ବିଜୟୀ

**ରିଷିଡ଼ା,୨୨।୧ (ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜୀ ମିନି ଷ୍ଟାଡିୟମଠାରେ ଚାଲିଥିବା ରିଷିଡ଼ା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ତୃତୀୟ ଦିବସରେ ସୋନପୁର ଓ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ଲଳିତ ମୋହନ ସାହୁ, ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ଓ ଲଳିତ ମୋହନ ଦାସ, ପ୍ରଶାନ୍ତ ସାହୁ ଲାଇନ୍‌ରେ ସହାୟତା କରିଥିଲେ। ସମାଜସେବୀ ସୁନିଲ କେଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଳା ସରପଞ୍ଚ ଯୋଶୋସିନୀ ଧରୁଆ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ନରୋତ୍ତମ ସେଲମା ସଭାପତିତ୍ୱ କରିଥିଲେ।

## ରକ୍ତଦାନ ଶିବିର, ୩୦ ୟୁନିଟ ରକ୍ତ ସଂଗ୍ରହ

**ବଲାଙ୍ଗୀର,୨୨।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବଲାଙ୍ଗୀର ନୂଆ ବସ ଟର୍ମିନାଲଠାରେ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଆରଟିଓ ମାନସ ରଞ୍ଜନ ମିଶ୍ର ଏବଂ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ଦୁର୍ଗା ଚରଣ ବେହେରା ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟଅତିଥି ଏସ୍‌ଡିପିଓ ସାହୁ ଏବଂ ଆରଟିଓ ମିଶ୍ର ମଧ୍ୟ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ ମାଲିକ ସଂଘ ଉପସଭାପତି ପଞ୍ଚାନନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଶିବ ଶଙ୍କର ପଟେଲ, ସହସମ୍ପାଦକ ଶଙ୍କର କୁମାର ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ପ୍ରତାପ ଚନ୍ଦ୍ର ଦାଶଙ୍କୁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ପୁରସ୍କାର




ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରତାପଙ୍କୁ ପୁରସ୍କୃତ କରୁଛନ୍ତି।

**ଭବାନୀପାଟଣା, ୨୨।୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାତୀୟ ସେବା ଯୋଜନାର ରାଜ୍ୟସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଓ ୟୁନିଟ୍ ଭାବରେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ ସଭାଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୀତାଞ୍ଜଳି ଦାସ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସୁଶ୍ରୀ ସରିତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶିକା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଓ ଡ. ରମେଶ ଚନ୍ଦ୍ର ବେହେରା ରାଜ୍ୟ ଜାତୀୟସେବା ଯୋଜନା ଅଧିକାରୀ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ସେ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଛବିଲାଲ ସାହୁ ଓ ସହକର୍ମୀ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଞ୍ଜୟ ଶତପଥି, ବର୍ତ୍ତମାନର କୁଳପତି ଡ. ନିବେଦିତା ନାଥ, କୁଳସଚିବ ପୀତାମ୍ବର ଭୋଇ, କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ସମସ୍ତ ମିଡିଆ ବନ୍ଧୁଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ଏହି ପୁରସ୍କାର ଆହୁରି ପ୍ରେରଣା ଦେବବୋଲି ପ୍ରତାପ କହିଛନ୍ତି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

**ଭବାନୀପାଟଣା,୨୨।୧(ଉତ୍ତମ କୁମାର ଦାଶ)**



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

ଭବାନୀପାଟଣାସ୍ଥିତ ଜିଲା ପ୍ରାଥମିକ ଶିକ୍ଷକ ଭବନରେ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସଭାପତି ବୀରେନ୍ଦ୍ର ବାଗ ଅଧକ୍ଷତା କରିଥିଲେ। ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ପରେ ସ୍ମୃତି ଚାରଣ ସଭା ଆରମ୍ଭ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାଏକ ଯୋଗଦେଇଥିବା ବେଳେ ଜିଲା କର୍ମକର୍ତ୍ତା, ଉପଦେଷ୍ଟା ତଥା ବ୍ଲକ୍‌ର କର୍ମକର୍ତ୍ତା ସହ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମଙ୍କ କରକମଳରେ ଶିକ୍ଷକ ଭବନ ଉଦ୍‌ଘାଟନ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା କୈଳାସ ଦାସ, ଯୋଗେଶ୍ୱର ମିଶ୍ର, ଅମରେନ୍ଦ୍ର ପଟ୍ଟନାଏକ, ଶ୍ରୀନିବାସ ଆଚାରୀ, ଶିବ ଦାସ, ତପନ ବେହେରା, ପ୍ରେମଚାନ୍ଦ ମହାପାତ୍ର, ପ୍ରଭାତ ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ। ଶେଷରେ ଅଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼,୨୨।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମୁଖ୍ୟ ବକ୍ତା ଭାବେ ଯୁବ ସମାଜସେବୀ ଚନ୍ଦ୍ରଚୁଡ ମହାଖୁଡ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ରଘୁନାଥ ମହାଖୁଡ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ସୁଶ୍ରୀ ମଣି ମାଝୀ,ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିନୋଦ ବାତ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ଶିକ୍ଷକ ନାଗେଶ୍ୱର ସା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବିନୋଦ ବାତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।




ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବି

**ଭବାନୀପାଟଣା, ୨୨।୧(ଉତ୍ତମ କୁମାର ଦାଶ)**



ବୈଠକରେ ଯୋଗଦେଇଥିବା ଫୋରମର କର୍ମକର୍ତ୍ତା।

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମୃତ ଛାତ୍ରୀ ତୋଫାଲୀ ନାଏକଙ୍କ ପରିବାରକୁ ନ୍ୟାୟ ଦାବିରେ ଆଗକୁ ବାହାରିଛି ଜଷ୍ଟିସ ଫର ତୋଫାଲୀ ନାଏକ ଫୋରମ। କଳାହାଣ୍ଡି ଜିଲାର ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଗଠିତ ଏହି ଫୋରମ ତୋଫାଲୀଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସହିତ ଆବଶ୍ୟକ ହେଲେ କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଦାବି କରିଛି। ତେବେ ଏହି ଘଟଣାକୁ ନେଇ ଓଡ଼ିଶାର ଏକ ଅଗ୍ରଣୀ ସାମାଜିକ ସଂଗଠନର ପୂର୍ବତନ କର୍ମକର୍ତ୍ତା ଫେଡେରେଶନ ନାମକୁ ବେଆଇନ ଭାବେ ବ୍ୟବହାର କରି ଆସନ୍ତା ୨୪ ତାରିଖରେ ଏସ୍‌ପି ଅଫିସ ଘେରାଉ କରିବାକୁ ମସୁଧା ଚଳାଇଥିବାରୁ ଏହାକୁ ଫୋରମ ସମେତ ଜିଲାର ସମସ୍ତ ସଂଗଠନ ନିନ୍ଦା କରିଛନ୍ତି। ଏହାସହ ଫେଡରେଶନର ନାମ ଅପବ୍ୟବହାର

**ଆଗକୁ ବାହାରିଲା ଜଷ୍ଟିସ ଫର ତୋଫାଲୀ ନାଏକ ଫୋରମ**

କରି ସମସ୍ତ ବହୁଜନ ସମାଜକୁ ବିଭ୍ରାନ୍ତ ନ କରିବାକୁ ଫୋରମ ତରଫରୁ ଚେତାବନୀ ଦିଆଯାଇଛି। ଭବାନୀପାଟଣା ନକଟିଗୁଡ଼ା ସ୍ଥିତ ଆମ୍ବେଡକର ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଏହା ସ୍ପଷ୍ଟ କରାଯାଇଛି। ମୃତ ଛାତ୍ରୀ ଓ ସେମାନଙ୍କ ପରିବାର ପ୍ରତି ଫୋରମ ଏବଂ ଜିଲାର ସମସ୍ତ ବହୁଜନ ସଂଗଠନ ସମ୍ବେଦନଶୀଳ ଅଛନ୍ତି। ନିରପେକ୍ଷ ତଦନ୍ତ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଓ ତଦନ୍ତକାରୀ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମୂଳ ନିବାସୀ ବହୁଜନ କର୍ମଚାରୀ ସଂଘର ରାଜ୍ୟ ସଭାପତି ଡମ୍ବରୁଧର ମାଝୀ, ବହୁଜନ ମୁକ୍ତି ପାର୍ଟିର ରାଜ୍ୟ ସଭାପତି ଗଙ୍ଗାଧର ଜାଲ, ବିଶିଷ୍ଟ ସମାଜସେବୀ ଲିଙ୍ଗରାଜ ଆଜାଦ, ଭୀମ ଆର୍ମୀ ଜିଲା ସଭାପତି ରଜନୀକାନ୍ତ ସମର୍ଲିଆ, ବିଏସ୍‌ପି କଳାହାଣ୍ଡି ଲୋକ ସଭା ମଣ୍ଡଳୀ ସଂଯୋଜକ ଯୋଗେଶ୍ୱର ସାଗର, ମାତା ସାବିତ୍ରୀ ବାଈ ଫୁଲେ ସଂଗଠନର ସଭାନେତ୍ରୀ ରମଣୀ ଦୁରିଆ ପ୍ରମୁଖ ଉପସ୍ଥିତ ରହି ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସୂଚନାଯୋଗ୍ୟ ଗତ ଡିସେମ୍ବର ୧୯ରେ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରୁ ତୋଫାଲୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା।

## ସଂକ୍ଷେପରେ

### ଶିବିରରେ ୮୧ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ବୁଧବାର ସ୍ଥାନୀୟ ଭଟଲି ଛକସ୍ଥିତ ନିଶାନ୍ତ ଦେବତା ପୋଲି କ୍ଲିନିକରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ ଏହି ଶିବିରକୁ ଡା. ନିଶାନ୍ତ ଦେବତା ଉଦ୍‌ଘାଟନ କରିଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି. ରମେଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ସ୍ୱେଚ୍ଛାସେବୀ ପିଙ୍କୁ ପଣ୍ଡା, ଆକାଶ ପାଣ୍ଡେ, ଅନନ୍ଦ ସାହୁ, ନବୀନ ବୁଡ଼େକ, ଯଶୋବନ୍ତୀ ପୋଡ଼, ସୁରେନ ଭୁଏ, ରାଜକୁମାର ବନଛୋର, ବିକାଶ ପାଣିଗ୍ରାହୀ, ହିମାଂଶୁ ପଣ୍ଡା, ଟୁନା ଦେବତା, ବିଶ୍ୱଜିତ ସ୍ୱାଇଁ, ପ୍ରମୋଦ ଶର୍ମା, ଅବଦେଶ ଗୁପ୍ତା, ଅରୁଣ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରିକ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କେଶରିପାଲିରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍‌ଡ୍ରପ୍ ମାରାଥନ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ଏହି ଶିବିରରେ ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହୁଲପାଲି ସରପଞ୍ଚ ବିଜୟ କର୍ମୀ ଏବଂ ନିଷ୍ଠା ପରିବାରର ଉପଦେଷ୍ଟା ଉମେଶ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

### ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ

**ସୋହେଲା,୨୨।୧ (ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ଗୋଷ୍ଠୀ ପ୍ରାଣୀଧନ କାର୍ଯ୍ୟାଳୟରେ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୀବ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ଭାଜପା ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର, ଦଶ ମାଇଲ ମଣ୍ଡଳ ସଭାପତି ଭବାନୀ ଶଙ୍କର ପଧାନ, ବରିଷ୍ଠ ନେତା ପାରେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇ ୧୦୮ ଜଣ ହିତାଧିକାରୀଙ୍କୁ ଚିଆଁ ବଣ୍ଟନ କରିଥିଲେ। ଚାଷୀମାନଙ୍କୁ ୨୮ ଦିନିଆଁ ଚିଆଁ ବଣ୍ଟନ କରାଯାଇଥିଲା। ସୋହେଲା ବ୍ଲକର ୯ ପଞ୍ଚାୟତର ହିତାଧିକାରୀଙ୍କୁ ଚିଆଁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ପ୍ରାଣୀଧନ ସଚିବ କୁମାର ବାରିକ, ପ୍ରାଣୀଧନ ନିରୀକ୍ଷକ ଅଶୋକ ସେଠ, ଡାକ୍ତର ମିଶ୍ର, ରୋହିତ ସାହୁ, କୁଳଦୀପ ବାରିକ, ଅହଲ୍ୟା ପଧାନ ସହଯୋଗ କରିଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏଶନ

**ଧନୁଯାତ୍ରାରୁ ନିଖୋଜ ଯୁବତୀ ଉଦ୍ଧାର ଘଟଣା**

- ଅଭିଯୁକ୍ତ ଧରାପଡ଼ିଲେ, ଖିଅ ପାଉନି ପୋଲିସ
- ପୀଡ଼ିତାଙ୍କ ସହ ପ୍ରେମସମ୍ପର୍କ ଥିବା କହିଲେ ମୁଖ୍ୟ ଅଭିଯୁକ୍ତ
- ଘଟଣାର ପ୍ରକୃତ କାରଣ ନେଇ ପୋଲିସ ଏବେ ବି ଅନ୍ଧାରରେ
- ହଠାତ୍ ଉତ୍ତେଜନାରୁ ଘଟଣା ଘଟିଥିବା କହିଲେ ବରଗଡ଼ ଏସ୍‌ପି


ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ପୋଲିସର ସିନ୍ ରିକ୍ରିଏଶନ।

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**

ଧନୁଯାତ୍ରାରୁ ନିଖୋଜ ଯୁବତୀଙ୍କୁ ଜଙ୍ଗଲକୁ ଅପହରଣ କରି ନେଇ ବଳାତ୍କାର, ହତ୍ୟା ଉଦ୍ୟମ ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଶିବିଲ ଓରଫ୍ ରାକେଶ ଡନସନା(୨୨)ଙ୍କ ସମେତ ୫ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରି ସାରିଛି। ଏଭଳି ସମ୍ବେଦନଶୀଳ ଘଟଣାର ରହସ୍ୟ ଜଣାପଡ଼ି ନ ଥିବାରୁ ବୁଧବାର ମଧ୍ୟାହ୍ନ ୧୨ଟାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କୁ ଘଟଣାର ସିନ୍ ରିକ୍ରିଏଟ୍ ପାଇଁ ବରଗଡ଼ ସହର ଉପକଣ୍ଠ କୁର୍ଲା ଜଙ୍ଗଲକୁ ନେଇଥିଲା। ସେଠାରେ ରାକେଶଙ୍କୁ ପଚରାଯିବାରୁ ପୀଡ଼ିତାଙ୍କ ସହିତ ୩ବର୍ଷ ଧରି ତାଙ୍କର ପ୍ରେମସମ୍ପର୍କ ରହିଥିବା ସେ କହିଥିଲେ। ଘଟଣାର କାରଣ ସମ୍ପର୍କରେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କୁ ପଚାରିବାରୁ ସେ ନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ମଧ୍ୟରେ ହଠାତ୍ ଉତ୍ତେଜନା ହେବାରୁ ସେହି ଘଟଣା ଘଟିଥିବା ଏସ୍‌ପି କହିଛନ୍ତି। ମାତ୍ର କେଉଁ କାରଣରୁ ସେମାନଙ୍କ ମଧ୍ୟରେ ହଠାତ୍ ଉତ୍ତେଜନା ସୃଷ୍ଟି ହେଲା ତାହା ଏସ୍‌ପି ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିପାରି ନ ଥିଲେ। ପୀଡ଼ିତା ଏବଂ ମୁଖ୍ୟ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଓ ଆକ୍ରମଣରେ ବ୍ୟବହୃତ ପଥର, ବାଇକ୍‌କୁ ମଧ୍ୟ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପିଙ୍କ ସୂଚନା ପ୍ରକାରେ, ବରଗଡ଼ ଟାଉନ ଥାନା ପୋଲିସ ଗତ ୧୩ତାରିଖରେ ଏକ ନିଖୋଜ ମାମଲା ପଞ୍ଜୀକୃତ କରିଥିଲା। ଗତ ୧୨ତାରିଖରୁ ପୀଡ଼ିତା ନିଖୋଜ ନେଇ ତାଙ୍କ ମା' ଅଭିଯୋଗ କରିଥିଲେ। ଗତ ୧୪ତାରିଖ ପୀଡ଼ିତା ଉଦ୍ଧାର ହୋଇଥିଲେ। ଏହି ଘଟଣାକୁ ନେଇ ଟାଉନ ଥାନାରେ ଏକ ମାମଲା(ନଂ-୨୫/୨୫) ରୁଜୁ ହୋଇଥିଲା। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜିଲାର ପୋଲିସ ଅଫିସରଙ୍କୁ ନେଇ ୭ଟି ଟିମ୍ ଗଠନ କରାଯାଇଥିଲା। ଫେରାର୍ ହେବା ପାଇଁ ମୁଖ୍ୟ ଅଭିଯୁକ୍ତ ନୂଆଦିଲ୍ଲୀ, ହାଇଦ୍ରାବାଦ, ସିକନ୍ଦରାବାଦ, ବିଜୟୱାଡା ଆଦି ସ୍ଥାନକୁ ଯାଇ ଲୁଚିଥିଲେ। କିନ୍ତୁ ତାଙ୍କୁ ଧରିବା ପାଇଁ ଗଠିତ ଟିମ୍ ବିଭିନ୍ନ ଦିଗ, ସୂତ୍ରକୁ ଆଧାର କରି ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କୁ ଟିଟିଲାଗଡ଼ ରେଳ ଷ୍ଟେଶନରୁ ଧରିଥିଲେ। ତେବେ କେଉଁ କାରଣ ପାଇଁ ସେହି ଘଟଣା ଘଟିଲା, ସେ ନେଇ ବାରମ୍ବାର ପଚରାଯିବା ସତ୍ତ୍ୱେ ଏସ୍‌ପି ତାହା ସ୍ପଷ୍ଟ କରି ନ ପାରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ସିନ୍ ରିକ୍ରିଏଟ୍ ସମୟରେ ପୋଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ପଥର, ପୀଡ଼ିତାଙ୍କ ଜୋତା ଏବଂ କିଛି ସାମଗ୍ରୀ ଜବତ କରି ଆଣିଥିବା ଦେଖିବାକୁ ମିଳିଥିଲା। ପ୍ରକାଶଥାଉ କି, ଗତ ୧୨ତାରିଖ ଧନୁଯାତ୍ରା ଦେଖିବାକୁ ଆସିଥିବା ସମୟରେ ପୀଡ଼ିତା ନିଖୋଜ ଥିଲେ। ନିଖୋଜ ହେବାର ପ୍ରାୟ ୪୮ଘଣ୍ଟା ପରେ ପୀଡ଼ିତାଙ୍କୁ ବରଗଡ଼ ସହର ଉପକଣ୍ଠ କୁର୍ଲା ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୋଲିସର ଅବହେଳା ପ୍ରତିବାଦରେ ମଙ୍ଗଳବାର ବରଗଡ଼ରେ ୧୨ଘଣ୍ଟିଆ ବନ୍ଦ ପାଳନ ହୋଇଥିଲା ଏବଂ ବନ୍ଦ ପାଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା।

## ୨୪ରେ ହେବ ବିଦ୍ୟୁତ୍ କାଟ୍

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍(ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି ଭଟଲି ଏବଂ ଘେଁସ୍ ଗ୍ରୀଡ୍ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଆସନ୍ତା ୨୪ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ବରଗଡ଼ ଜିଲା ଅନ୍ତର୍ଗତ ବିଜେପୁର, ଚାଉଁରପାଲି, ଦୁଲସେରା, ଘେଁସ୍, ଜାମକାନି, ଜାମୁଟପାଲି, ଜାରିଂ, ଖରମୁଣ୍ଡା, ଲେଖାପଦର, ମେଲଛାମୁଣ୍ଡା, ସର୍ଗିବାହାଲ, ସୋହେଲା, ପଦ୍ମପୁର, ଅମ୍ବାଭୋନା, ବଡ଼ମାଳ, ଭୁକ୍ତା, ହାତୀସର, କପାଶିରା, ଲଖନପୁର ଆଦି ଅଞ୍ଚଳ ଏବଂ ଏହା ଆଖପାଖ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେଉଥିବା ଯୋଗୁ ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିଛନ୍ତି ଏବଂ ଏଥିରେ ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ ଗ୍ରାହକ, ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଉଚ୍ଚ ଶିକ୍ଷିତା, ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ



ବେଟି ବଚାଓ, ବେଟି ପଢ଼ାଓ ଯୋଜନାର ଜିଲାସ୍ତରୀୟ ଉତ୍ସବରେ ଅତିଥିବୃନ୍ଦ।

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**

**ବେଟି ବଚାଓ, ବେଟି ପଢ଼ାଓ ଯୋଜନାର ୧୦ବର୍ଷ**

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବେଟି ବଚାଓ, ବେଟି ପଢ଼ାଓ ଯୋଜନାର ୧୦ବର୍ଷ ପୂର୍ତ୍ତି ଅବସରରେ ଜିଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କିଶୋରୀ ବାଳିକାମାନଙ୍କ ଦ୍ୱାରା ଜନ ସଚେତନତା ପାଇଁ ଏକ ସାଇକେଲ ରାଲି କରାଯାଇଥିଲା। ବରଗଡ଼ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ତାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଅଙ୍ଗନୱାଡ଼ କର୍ମୀ ରାଲିରେ ସାମିଲ ହୋଇଥିଲେ। ରାଲିରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାରଣା ଉପସ୍ଥିତ ରହିଥିଲେ।

ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ସୁରକ୍ଷା ଅଧିକାରୀ ମାଙ୍ଗଳିକା ଦାଶ ଉପସ୍ଥିତ ରହି ବେଟି ବଚାଓ, ବେଟି ପଢ଼ାଓ ଯୋଜନାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଚ୍ଚ ଶିକ୍ଷିତା ଏବଂ ଆତ୍ମ ନିର୍ଭରଶୀଳ ହେବା ପାଇଁ ବିଧାୟକ ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁରକ୍ଷା ଅଧିକାରୀ(ଆନୁଷ୍ଠାନିକ ଯତ୍ନ) ତପନ କୁମାର ପାତ୍ର କବିତା ପାଠ କରିଥିଲେ। କଲାପାଣି ଗାନ୍ଧୀ ସ୍ମାରକୀ ମହାବିଦ୍ୟାଳୟର ଅଧ୍ୟାପିକା ସୁଷମା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ଦେବକୀ ପଟେଲ, ପରିଯୋଜନା ଅଧିକାରୀ ନିମିଷୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଡ୍ଏଟ୍ ଆକ୍ସନ ଏବଂ ୟୁନିସେଫ୍‌ର ତରୁଣସେନ ପୃଷେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୋହେଲା, ୨୨।୧(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାସ୍ଥିତ ଜୁଡିସିଆଲ ମାଜିଷ୍ଟ୍ରେଟ ଫାର୍ଷ୍ଟ କ୍ଲାସ କୋର୍ଟର ମାଜିଷ୍ଟ୍ରେଟ ରୋହିତ ରଞ୍ଜନ ମିଶ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ଭୁବନେଶ୍ୱରକୁ ବଦଳି ହୋଇଛି। ଓକିଲ ସଂଘ ହଲ୍‌ରେ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ସଂଘର ଉପସଭାପତି ରୋହିତ ଦେବତା ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଯୋଗ ଦେଇଥିବା ସବ୍‌ଜଜ୍ ଚିନ୍ମୟୀ ରଥ ମଧ୍ୟ ଜେଏମ୍ଏଫ୍‌ସି ମିଶ୍ରଙ୍କ କାର୍ଯ୍ୟକାଳ ସମୟର ସ୍ମୃତିଚାରଣ କରିଥିଲେ। ଶେଷରେ ସଂଘର ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବୀରେନ୍ଦ୍ର ପଣ୍ଡା, ବିକାଶ ଚନ୍ଦ୍ର ନାୟକ ଓ ଚୂଡ଼ାମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ବୀରେନ୍ଦ୍ର ପଣ୍ଡା ସଂଘ ପକ୍ଷରୁ ବିଦାୟୀ ବିଚାରପତି ମିଶ୍ରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭ୍ୟମାନେ ଯୋଗଦାନ ଥିଲେ।

## ବଡ଼ ମଣିଷ ନ ହୋଇ ଭଲ ମଣିଷ ପାଇଁ ଚେଷ୍ଟାକର

**ପାଇକମାଳ,୨୨।୧(ବଡ ଶତପଥି)**

**ନୃସିଂହନାଥ ଏସ୍ଏସ୍‌ଡି ହାଇ ସ୍କୁଲରେ ବାର୍ଷିକ ଉତ୍ସବ**

ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଏସ୍ଏସ୍‌ଡି ହାଇସ୍କୁଲରେ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଏଡିଦବଲୁଓ ଇପ୍ସିତା ନନ୍ଦ, ମୁଖ୍ୟବକ୍ତା ବିନ୍ଧ୍ୟବାସିନୀ ହାୟର ସେକେଣ୍ଡରୀ ସ୍କୁଲର ଓଡ଼ିଆ ଅଧ୍ୟାପିକା ରଞ୍ଜିତା ମହାନ୍ତି, ସମ୍ମାନିତ ଅତିଥି ପାଇକମାଳ ବ୍ଲକ ଶିକ୍ଷାଅଧିକାରୀ ଚୂଡ଼ାମଣି ବାରିକ, ସ୍କୁଲର ଉପଦେଷ୍ଟା ବଡ଼ ଶତପଥି, ପ୍ରକୃତି ବନ୍ଧୁ ବିଭୁତି ମୁଣ୍ଡ, ଶିକ୍ଷକ ସୁରେନ୍ଦ୍ର କୁମାର ପ୍ରଧାନ, କମିଟି ସଭାପତି ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ପ୍ରଥମେ ନୃସିଂହନାଥ ଭଗବାନଙ୍କ ଫୋଟୋରେ ପୁଷ୍ପ ପ୍ରଦାନ କରିଥିଲେ। ଆଶୁତୋଷ ସାହୁ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ସଭା ପରିଚାଳନା ବିଜୟ ଶଙ୍କର ଦେହୁରୀ କରିଥିଲେ। ବଡ ମଣିଷ ନ ହେଲେ ମଧ୍ୟ ଭଲ ମଣିଷ ହେବା ପାଇଁଚେଷ୍ଟା କର, ପରିଶ୍ରମ କରି ମନଦେଇ ପାଠ ପଢି ସ୍କୁଲର ନାମ ରଖି ପିତାମାତାଙ୍କର ଇଚ୍ଛା ପୂରଣ କରିବା ପାଇଁ ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ଦଳପତି, ଏହାପରେ ବାଳିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କୃତୀ ପ୍ରତିଯୋଗୀଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

## ଶିବ ମନ୍ଦିରର ରତ୍ନମୁଦ, ନବକଳେବର କାର୍ଯ୍ୟକ୍ରମ

**ଝାରବନ୍ଧ,୨୨।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ବିଜାଢୋଲ ଗ୍ରାମର ବାବା ସପ୍ତେଶର ଶିବମନ୍ଦିରର ରତ୍ନମୁଦ ଓ ନବେକଳେବର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରର ସମସ୍ତ ପରିଚାଳନା ଦାଇତ୍ୱ ବିଜାଢୋଲ ରାୟ ପରିବାର ବିଗତ ଚାରି ପିଢ଼ିରୁ ବହନ କରିଆସୁଛନ୍ତି। ଏହି କ୍ରମରେ ରମେଶ ଚନ୍ଦ୍ର ରାୟ ବର୍ତ୍ତମାନ ସମସ୍ତ ଦାଇତ୍ୱ ବହନ କରୁଛନ୍ତି। ବର୍ତ୍ତମାନ ମନ୍ଦିରକୁ ପୁନଃ ନିର୍ମାଣ କରାଯାଇ ତାର ରତ୍ନମୁଦ କରାଯାଇଛି। ସିଦ୍ଧାର୍ଥ ଦାସ ପୂଜାର୍ଚ୍ଚନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଜାତୀୟ ବାଳିକା ଦିବସ

**ବରପାଲି,୨୨।୧(ଚିତ୍ତରଞ୍ଜନ ସାହୁ)**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଜାତୀୟ ବାଳିକା ଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବ୍ଲକ ଚେୟାରମ୍ୟାନ ରୀନା ଥଇତ୍, ସମ୍ମାନୀତ ଅତିଥି ସିଡିପିଓ ସଂଯୁକ୍ତା ଲେଙ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ସିଂ, ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାରାୟଣ ଭୁଏ, ପ୍ରଧାନ ଶିକ୍ଷକ ମନୋଜ ବାରିକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ନାଚ,ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମୁକୁନ୍ଦ ମେହେର, ଶ୍ରୀନିବାସ ପଧାନ, ଅନୀଲ ଦାଶ,ସରୋଜ ଦାଶ, ଅଶୋକ ସାହୁ, ମିଥୁନ ସାହୁ , ନିମାଇଁଚରଣ ଦାଶ, ରାଜେନ୍ଦ୍ର ମେହେର, ରବିନାରାୟଣ ମହାପାତ୍ର, ବୃନ୍ଦାବନ ଦେହୁରୀ, ଉତ୍ତମ ଦେହୁରୀ ସହଯୋଗ କରିଥିଲେ।

**ପାଇକମାଳ (ବଡ଼ ଶତପଥି):** ପାଇକମାଳ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଜାତୀୟ ବାଳିକା ଦିବସ ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ ଅଧିକାରୀ ବାସନ୍ତୀ ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦଲାଲ ନାୟକ, ସହ ଶିକ୍ଷା ଅଧିକାରୀ ଢ଼ଲେନ୍ଦ୍ର ବାରିକ, ରାଧେଶ୍ୟାମ ମେହେର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଡ.ନିରୁପମା ନାୟକ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ କାଳିପ୍ରସନ୍ନ ବେହେରା ଓ କର୍ମୁ ବିଶାଳ ମଞ୍ଚାସୀନ ଥିଲେ। ଶିକ୍ଷକ ସେବକ ସେଠ ସଭା ପରିଚାଳନା କରିଥଲେ। ଢଲେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥଲେ ।



ପାଇକମାଳ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜାତୀୟ ବାଳିକା ଦିବସ ଅବସରରେ କୃତୀ ପ୍ରତିଯୋଗଙ୍କ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

# ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ଦାବିରେ ବିକ୍ଷୋଭ


ସ୍ଥାନୀୟ ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**

- ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା
- ଜିଲାରେ ହାତଗଣତି ନିଯୁକ୍ତି
- ଶତାଧିକ ନିଯୁକ୍ତି ରାଜ୍ୟ ବାହାରେ

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ ବୁଧବାର ମଧ୍ୟାହ୍ନ ୧୨ଟାରେ ଜିଲାର ଶତାଧିକ ଯୁବକ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ଦାବିରେ ସେମାନେ ନାରାବାଜି କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ବାହ୍ୟ ନିଯୁକ୍ତିକୁ ସୁଯୋଗ ଦିଆଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ, ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ୨୦୨୨ରୁ ଭାରତୀୟ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍) ପକ୍ଷରୁ ବାଉଲସିଂହାଠାରେ ଉକ୍ତ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତରେ ପେଟ୍ରୋଲିୟମ ବିଭାଗ ଥିବାବେଳେ ତାଙ୍କ ଉଦ୍ୟମରେ ଏହି ପ୍ରକଳ୍ପ ହୋଇଛି। ପ୍ରକଳ୍ପର ବ୍ୟୟ ଅଟକଳ ୧୫୫୭ କୋଟି ଟଙ୍କା ରହିଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ବର୍ତ୍ତମାନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବରଗଡ଼ରେ ଥିବା ଇଥାନଲ ପ୍ଲାଣ୍ଟର ବିଭିନ୍ନ ପଦବୀ ପାଇଁ ଗତ କିଛିଦିନ ତଳେ ରାଜ୍ୟ ବାହାରେ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା। ଏଥିପାଇଁ ଅସନ୍ତୋଷ ବଢ଼ିବା ପରେ ପ୍ଲାଣ୍ଟ ପକ୍ଷରୁ ହାତଗଣତି କିଛି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଏଭଳି ପାତରଅନ୍ତର ନୀତି ଯୋଗୁ ଜିଲାରେ ଅସନ୍ତୋଷ ଲାଗି ରହିଛି। ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବିଭିନ୍ନ ସଂଗଠନ ପ୍ରସ୍ତୁତି ଚଳାଇଛି। ଅନ୍ୟପଟେ ବୁଧବାର କୋଶଲ ଛାତ୍ର ୟୁନିୟନ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର ତାଲିମପ୍ରାପ୍ତ ଶତାଧିକ ଯୁବତୀ, ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସ୍ଥାନୀୟ ଗାନ୍ଧିଛକରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସ୍ଥାନୀୟ ନିଯୁକ୍ତି ଦାବିରେ ଧାରଣାରେ ବସି ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲାରେ ପ୍ଲାଣ୍ଟ ଥିବାବେଳେ ରାଜ୍ୟ ବାହାରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ସେମାନେ ଦୃଢ଼ ବିରୋଧ କରିଥିଲେ। ରମଣୀ ଦନ୍ତା, ହିମାଂଶୁ ମହାକୁର, ରବି ସେଠ, ଅନନ୍ତ ମହାକୁର, ଅଲେଖ ଭୋଇ, ଶୁଭମ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ପ୍ରକାଶଥାଉ କି, ପ୍ଲାଣ୍ଟ ନିର୍ମାଣ ସମୟରେ ଜିଲା ବାହାର ଶ୍ରମିକଙ୍କୁ ନିୟୋଜନ ନେଇ ପୂର୍ବରୁ ପ୍ଲାଣ୍ଟ ସମ୍ମୁଖରେ ଅନେକଥର ଆନ୍ଦୋଳନ ମଧ୍ୟ ହୋଇଥିଲା। ସ୍ଥାନୀୟ ଶ୍ରମିକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଥିଲେ। ଏହାସତ୍ତ୍ୱେ ଆଗକୁ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ଏହା ବଡ଼ ଆନ୍ଦୋଳନ ରୂପ ନେବାର ଆଶଙ୍କା ରହିଛି। ତେବେ ଏହି ପ୍ରକଳ୍ପ ହେବା ଦ୍ୱାରା ନିଯୁକ୍ତି ସୁଯୋଗ ମିଳିବା ସହିତ ଚାଷୀମାନେ କଞ୍ଚାମାଲ(ଧାନର ନଡ଼ା) ବିକ୍ରି କରି ଲାଭବାନ ହେବେ ବୋଲି ପ୍ରକଳ୍ପ ନିର୍ମାଣ ହେବା ଦିନଠାରୁ ବିଭାଗୀୟ ମନ୍ତ୍ରୀମାନେ କହି ଆସୁଛନ୍ତି।

### ସ୍ଥାନୀୟ ନିଯୁକ୍ତି ଦାବିକଲା ଏଏପି

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**




ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ବଦଳରେ ବାହ୍ୟରାଜ୍ୟର ଲୋକଙ୍କ ନିଯୁକ୍ତିକୁ ନେଇ ଆମ ଆଦମୀ ପାର୍ଟି(ଏଏପି) ଉଦ୍‌ବେଗ ପ୍ରକାଶ କରିଛି। ଗୁରୁବାର ଅପରାହ୍ନ ୪ଟାରେ ବରଗଡ଼ ଗୋବିନ୍ଦପାଲିସ୍ଥିତ ପଲ୍ଲବ ପେଲେସ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଏପି ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି, ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ଲୋକ ବଦଳରେ ଅଣଓଡ଼ିଆଙ୍କୁ ନିଯୁକ୍ତି ଦେବା ଦୁର୍ଭାଗ୍ୟଜନକ। ଗତ ୧୧ ଏବଂ ୧୨ତାରିଖ ଏହି ପ୍ଲାଣ୍ଟର ୨୦୦ରୁ ଅଧିକ ପଦବୀ ପାଇଁ ଝାରଖଣ୍ଡ ରାଜ୍ୟ ରାଞ୍ଚିରେ ସିଧାସଳଖ ସାକ୍ଷାତକାର ହୋଇଥିଲା। ବରଗଡ଼ ଜିଲାରେ ପ୍ଲାଣ୍ଟ ଥିବାବେଳେ ଝାରଖଣ୍ଡରେ ନିଯୁକ୍ତି ପ୍ରକ୍ରିୟା ଏବଂ ଏ ନେଇ ବରଗଡ଼ ଜିଲାବାସୀଙ୍କୁ ଆଗୁଆ କିଛି ସୂଚନା ଦିଆ ଯାଇ ନଥିବାରୁ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିରୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ଦୂରେଇ ଯାଇଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କ ବଦଳରେ ଅଣଓଡ଼ିଆଙ୍କୁ ନିଯୁକ୍ତି ଦେବା ଶାସକ ଭାଜପା ଦଳର ଏକ ଷଡ଼ଜନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଏଏପିର ଅନ୍ୟଜଣେ ନେତା ଶାହରୁଖ୍ ଲୋଧିଆ ବାଉଲସିଂହା ଇଥାନଲ ପ୍ଲାଣ୍ଟରେ କର୍ତ୍ତୃପକ୍ଷଙ୍କ ନିଯୁକ୍ତି ପ୍ରକ୍ରିୟାରୁ ଶାସକ ଭାଜପା ଦଳର ଓଡ଼ିଆ ଅସ୍ମିତା ଆପେ ବାରି ହୋଇ ପଡ଼ିଛି ବୋଲି କହିଛନ୍ତି। ଝାରଖଣ୍ଡରେ ଯେଉଁ ୨୦୦ରୁ ଅଧିକ ପଦବୀ ପାଇଁ ସାକ୍ଷାତକାର ସରିଛି, ତାକୁ ରଦ୍ଦ କରାଯାଉ ଏବଂ ସେହି ସାକ୍ଷାତକାର ବରଗଡ଼ରେ କରାଯାଇ ସେଥିରେ କେବଳ ବରଗଡ଼ ଜିଲାବାସୀଙ୍କୁ ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା

**ନୂଆପଡ଼ା,୨୨।୧ (ମକାରୁ ବେମାଲ):** ନେହେରୁ ଯୁବକେନ୍ଦ୍ର ନୂଆପଡ଼ା ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ବୁଧବାର ନୂଆପଡା ଓ ଖରିଆର ରୋଡ୍‌ଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମାନ ସିଂଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ନିୟମିତ ରକ୍ତଦାତା କିଶୋର କୁମାର ପରିଡା, କଦମ ଅନୁଷ୍ଠାନ ସମ୍ପାଦକ ଯାଜ୍ଞସିନୀ ମହାପାତ୍ର, ଶାରଳା ସଙ୍ଗୀତ ଅନୁଷ୍ଠାନର ଶଙ୍କର୍ଷଣ ପୁରୋହିତ, ଶାସ୍ତ୍ରୀ ଜୀ ଯୁବକ ସଂଘ କର୍ମକର୍ତ୍ତା ଭାଗ ନେଇ ସଚେତନତା ବାର୍ତ୍ତା ଦେଇଥିଲେ । ବିନା ହେଲ୍‌ମେଟରେ ବାଇକ୍ ଧରି ଆସୁଥିବା ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ହେଲ୍‌ମେଟ ପିନ୍ଧିବା ପାଇଁ ସଚେତନ କରିଥିଲେ । ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ପଛରେ ବସିଥିବା ଯାତ୍ରୀ ବେଲ୍‌ଟ ପରିଧାନ କରିବାକୁ ପ୍ରବର୍ତ୍ତାଇଥିଲେ । ନେହେରୁ ଯୁବକେନ୍ଦ୍ର ଏମ୍‌ଟିଏସ୍ ମୁକେଶ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆବାସ ଗୃହ ଆବେଦନ ପାଇଁ ବୁଲିଲା ସଚେତନତା ରଥ



**ଖଡ଼ିଆଳ,୨୨।୧ (ସୁଜିତ କୁମାର ପ୍ରଧାନ):** ପ୍ରଧାନମନ୍ତ୍ରୀ ଆବାସ ଗୃହ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ସଚେତନତା ରଥ ନୂଆପଡ଼ା ଜିଲା ଖଡିଆଳ ସହର ପରିକ୍ରମା କରିଛି । ଖଡିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ରଥକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଛନ୍ତି । ଏହାସହ ଯୋଗ୍ୟ ହିତାଧିକାରୀ ନିଜ କାଗଜାତ ସହ ଅନ୍‌ଲାଇନ ଆବେଦନ କରିବାକୁ ଅନୁରୋଧ କରିଛନ୍ତି । ନିଜ ନାମରେ ଥିବା ଜମିପଟ୍ଟା, ଆର୍ଥିକ ରୋଜଗାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ବ୍ୟାଙ୍କ ପାସ୍‌ବହି ଆଦି ଦେଇ ଆବେଦନ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଉପାଧ୍ୟକ୍ଷ ଶକୁନ୍ତଳା ଭୋଇ, ମମତା ଥାପା, ବିଭାଗୀୟ କର୍ମଚାରୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଦେଓଗାଁ,୨୨।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ଥାନା ଭୂତିଆରବାହାଲ ଛକଠାରେ ସ୍ଥାନୀୟ ପୋଲିସ ଚଢାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଲରମ୍ଭା ଥାନା ଅନ୍ତର୍ଗତ ରେଙ୍ଗାଲି ଗାଁର ଜଗ ବିଭାର(୨୭)ଙ୍କୁ ଗିରଫ କରାଯାଇଛି । ତାଙ୍କଠାରୁ ୧୧କେଜି ୪୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି । ବୁଧବାର ସକାଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସ୍ଥାନୀୟ ପୋଲିସ ଅଭିଯୁକ୍ତ ଯାଉଥିବା ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ସମୟରେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା ।




ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି ।

# ୧୨ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ପାଳନ

**ସୁନ୍ଦରଗଡ଼,୨୨।୧ (ଜୟ ନାରାୟଣ ମେଣ୍ଡୁଲି)**

**ତାଲିମ ନାଁରେ ତାମିଲନାଡୁ ପଠାଯାଇଥିବା ୯୦ ଝିଅଙ୍କୁ ଫେରାଇ ଆଣିବା ଦାବି**

ତାଲିମ ଓ ନିଯୁକ୍ତି ନାଁରେ ତାମିଲନାଡୁ ପଠାଯାଇଥିବା ୯୦ଜଣ ଝିଅଙ୍କୁ ଫେରାଇ ଆଣିବା ଦାବିରେ ବୁଧବାର ସୁନ୍ଦରଗଡ଼ ବନ୍ଦ ପାଳନ ପ୍ରଭାବ ଦେଖିବାକୁ ମିଳିଥିଲା । ଏଥିଯୋଗୁ ଗାଡି ଚଳାଚଳ ପ୍ରଭାବିତ ହେବା ସହ ଦୋକାନ ବଜାର ବନ୍ଦ ରହିଥିଲା । ଏହି ଝିଅ ମାନଙ୍କୁ ଫେରାଇ ଆଣିବା ଦାବିରେ କୋଶଳ ସମାଜ ନେତୃତ୍ୱରେ ଲେଫ୍ରିପଡାର ଝିଅମାନଙ୍କ ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୯ଦିନ ଧାରଣାରେ ବସିବାସହ ୪ଥର ଜିଲା ପ୍ରଶାସନ ସହିତ ଆଲୋଚନା ପରେ ମଧ୍ୟ ସେମାନଙ୍କୁ ଫେରାଇ ଆଣିବାବାରେ ପ୍ରଶାସନର ବିଫଳତା ପରେ ବୁଧବାର ଏହି ବନ୍ଦ ଡାକରା ଦିଆଯାଇଥିଲା । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଥିଲା । ଆନ୍ଦୋଳନକାରୀ କୋଶଳ ସମାଜ ଓ ଝିଅମାନଙ୍କ ଅଭିଭାବକମାନେ ସହରଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେର ପତ୍ରାପାଲି ଛକରେ ରାସ୍ତା ଅବରୋଧ କରିଥିଲେ । ଫଳରେ ରାଉରକେଲା-ସମ୍ବଲପୁର ମଧ୍ୟରେ ଚଳାଚଳ କରୁଥିବା ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ବନ୍ଦ ଯୋଗୁ ସକାଳୁ ଦୋକାନ ବଜାର, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା ବେଳେ ବିଭିନ୍ନ ସ୍କୁଲ କଲେଜ ବସ ଓ ଯାତ୍ରୀବାହୀ ବସ ଚଳାଚଳ ଦେଖିବାକୁ ମିଳି ନ ଥିଲା । ଆନ୍ଦୋଳନକାରୀମାନେ ବିଭିନ୍ନ ବ୍ୟାଙ୍କ ଗୁଡିକ ଆଗରେ ପିକେଟିଂ କରି ବନ୍ଦ କରିବାସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଅଭିଭାବକଙ୍କ ଅଭିଯୋଗରୁ ପ୍ରକାଶ ଯେ, ଲେଫ୍ରିପଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ୯୦ଜଣ ତଥା ସୁନ୍ଦରଗଡ଼ ଜିଲାରୁ ଶହଶହ ଝିଅଙ୍କୁ କମ୍ପ୍ୟୁଟର ତାଲିମ ନାଁରେ କଟକର ଏକ ତାଲିମ କେନ୍ଦ୍ରକୁ ନେଇ ୪୫ଦିନିଆ ସିଲେଇ ଟ୍ରେନିଂ ଦିଆଯାଇଥିଲା । ଏହାପରେ ଅଭିଭାବକଙ୍କୁ ନ ଜଣାଇ ତାମିଲନାଡୁ ନିଆଯାଇ ସେଠାରେ ଏକ ପୋଷାକ ତିଆରି କାରଖାନାରେ ନିୟୋଜିତ କରାଯାଇଛି । ସେଠାରେ ସେହି ଝିଅ ମାନଙ୍କୁ ଅଧିକ ସମୟ ଖଟାଇବା ସହ ଅଶ୍ଳୀଳଭାଷାରେ ଗାଳିଗୁଲଜକରି ନିର୍ଯ୍ୟାତନା ଦିଆଯାଉଛି । ଏପରିକି କାହାରି ଦେହ ଖରାପ ହେଲେ ମଧ୍ୟ ଜୋରଜବରଦସ୍ତ କାର୍ଯ୍ୟ କରାଯାଉଛି ଓ ଘରକୁ ଆସିବାକୁ ଚାହିଁଲେ ମଧ୍ୟ ଛାଡୁ ନଥିବା ନେଇ ସେମାନେ ତାଙ୍କ ପରିବାରକୁ ଫୋନ ଯୋଗେ ଜଣାଉଛନ୍ତି । ଏହି ଝିଅଙ୍କୁ ଫେରାଇ ଅଣାଯିବା ପାଇଁ ଅଭିଭାବକମାନେ ଗତ ଡିସେମ୍ବରରୁ ବାରମ୍ବାର ଜିଲାପ୍ରଶାସନର ଦ୍ୱାରସ୍ଥ ହେବା ସହ ପରେ ଗତ ୬ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଧାରଣା ଦେଇଥିଲେ । ୭ଦିନ ମଧ୍ୟରେ ଝିଅଙ୍କୁ ଫେରାଇ ନ ଆଣିଲେ ସୁନ୍ଦରଗଡ ବନ୍ଦ ପାଇଁ ଡାକରା ଦିଆଯାଇଥିଲା । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା କୌଶଳ ଅଧିକାରୀ ରମେଶ କିସାନଙ୍କ ନେତୃତ୍ୱରେ ଏକ ଟିମ ଝିଅମାନଙ୍କୁ ଆଣିବା ପାଇଁ ତାମିଲନାଡୁର କୋଟିୟାରକୁ ଯାଇଥିଲା । ହେଲେ ଏହି ଟିମ ଝିଅ ମାନଙ୍କୁ ଫେରାଇ ନ ଆଣି ପର୍ଯ୍ୟାୟ କ୍ରମେ ଫେରିବେ ବୋଲି କହିବା ପରେ ଅଭିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଖବର ଲେଖା ହେବା ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ଭବରେ ଏ ନେଇ ଜିଲାପ୍ରଶାସନର ଏକ ବୈଠକ ଚାଲିଛି । ଆନ୍ଦୋଳନକାରୀ ଅଭିଭାବକ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିରହିଛନ୍ତି । କୋଶଳ ସମାଜର ମହାସଚିବ ଦିଲିପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିଲା । ଆଲୋଚନା ବୈଠକ ପରେ ଜିଲା କୌଶଳ ଅଧିକାରୀ ରମେଶ କିସାନ ଆନ୍ଦୋଳନକାରୀଙ୍କ ନିକଟକୁ ଆସି ତାମିଲନାଡୁରୁ ଝିଅଙ୍କୁ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ । ଏହିସହ ଅଭିଭାବକମାନଙ୍କୁ ଝିଅଙ୍କ ଏକ ତାଲିକା ପ୍ରଦାନ ପାଇଁ କୌଶଳ ବିକାଶ ଅଧିକାରୀ କିସାନ କହିଛନ୍ତି ।

## ପୋଲିସ ହେପାଜତରୁ ଫେରାର ମହିଳା ଗିରଫ

**ବଣାଇଁ,୨୨।୧ (ପ୍ରଦୀପ ତ୍ରିପାଠୀ)**

**୪ ବର୍ଷ ଶିଶୁକୁ ଅପହରଣ, ହତ୍ୟା ମାମଲା**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ଜଡା ଗ୍ରାମରେ ୭ଦିନ ତଳେ ୪ବର୍ଷ ଶିଶୁକୁ ଅପହରଣ ଓ ହତ୍ୟା ମାମଲାରେ ଏକ ଦମ୍ପତିଙ୍କ ସମ୍ପୃକ୍ତି ସନ୍ଦେହ କରାଯାଉଥିଲା । ଏଥିନେଇ ଗୁରୁଣ୍ଡିଆ ଥାନାରେ ଏକ ଅପହରଣ ଓ ହତ୍ୟା ମାମଲା ନଂ. ୫/୨୦୨୫ ରୁଜୁ ହୋଇ ଥିଲା । ଏପରିକି ଗାଁ ଲୋକଙ୍କ ମାଡରେ ଆହତ ଅଭିଯୁକ୍ତ ଦମ୍ପତି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ପୋଲିସ ହେପାଜତରେ ଚିକିତ୍ସାଧୀନ ଥିଲେ । ଗତ ୩ଦିନ ତଳେ ସ୍ତ୍ରୀ ଲୁଚି ଚମ୍ପଟ ମାରିଥିଲା । ବୁଧବାର ଭୋରରେ ବଣାଇଁ ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମରୁ ଲୁଚିଥିବା ଅବସ୍ଥାରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ପୋଲିସ କୌଣସି ନାମ ପ୍ରକାଶ କରିବାକୁ ମନା କରିବା ସହିତ ତଦନ୍ତ ପରେ ସବିଶେଷ ବିବରଣୀ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି ।

## ପ୍ରତାପ ଚନ୍ଦ୍ର ଦାଶଙ୍କୁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ପୁରସ୍କାର



ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରତାପଙ୍କୁ ପୁରସ୍କୃତ କରୁଛନ୍ତି ।

**ଭବାନୀପାଟଣା, ୨୨।୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାତୀୟ ସେବା ଯୋଜନାର ରାଜ୍ୟସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଓ ୟୁନିଟ୍ ଭାବରେ ପୁରସ୍କୃତ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ ସଭାଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୀତାଞ୍ଜଳି ଦାସ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସୁଶ୍ରୀ ସରିତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶିକା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଓ ଡ. ରମେଶ ଚନ୍ଦ୍ର ବେହେରା ରାଜ୍ୟ ଜାତୀୟସେବା ଯୋଜନା ଅଧିକାରୀ ଉପସ୍ଥିତ ଥିଲେ । ଏହି ସଫଳତା ପାଇଁ ସେ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ ଓ ସହକର୍ମୀ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଞ୍ଜୟ ଶତପଥି, ବର୍ତ୍ତମାନର କୁଳପତି ଡ. ନିବେଦିତା ନାଥ, କୁଳସଚିବ ପୀତାମ୍ବର ଭୋଇ, କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ସମସ୍ତ ମିଡିଆ ବନ୍ଧୁଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହାସହ ଏହି ପୁରସ୍କାର ଆହୁରି ପ୍ରେରଣା ଦେବବୋଲି ପ୍ରତାପ କହିଛନ୍ତି ।

## ବିଏନ୍‌ସିର ପ୍ରତିଷ୍ଠା ସମାରୋହ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବଡ଼ଗାଁ,୨୨।୧ (ଅଶୋକ ଷଡ଼ଙ୍ଗୀ)**



କାର୍ଯ୍ୟକ୍ରମରେ ବିଏନସି ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି ।

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ନର୍ସିଂ କଲେଜ, ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କୁ ନିଃସ୍ୱାର୍ଥପର ଭାବେ ନିଜକୁ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବଡ଼ଗାଁ ନର୍ସିଂ କଲେଜର ଚେୟାରମେନ ଡ. ଅରୁଣ କୁମାର ନାୟକ ପରିଚାଳନା କରିଥିଲେ । ଏହି ଅବସରରେ କଲେଜ ପରିସରରେ ସିଦ୍ଧି ବିନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । କର୍ତ୍ତା ଦାୟିତ୍ୱ ବଡ଼ଗାଁ ଆଇଟିଆଇର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ତୁଲାଇଥିଲାବେଳେ ଶାଶ୍ୱତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ । ଆୟୋଜିତ ସଭାରେ ଡ. ଚିନ୍ମୟ ସାହୁ, ଡ. ଆଶୁତୋଷ ମିଶ୍ର, ଡ.ଏଲଆଇ ଆଚାର୍ଯ୍ୟ, ଡ. ଗୀତାଞ୍ଜଳି ଆଚାର୍ଯ୍ୟ, ଆଶୁତୋଷ ରଥ, ଶକ୍ତିମାନ ପଣ୍ଡା, ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା, ଆଇଟିଆଇ ଅଧ୍ୟକ୍ଷା ସାଗରିକା ନାଏକ, ଘରୋଇ ଆଇଟିଆଇ ସଂଘର ଯୁଗ୍ମ ସମ୍ପାଦକ ସ୍ୱାଧିନ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା, ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଲେଜ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ୨୪୦ ଜଣ ସ୍ଥାନୀୟ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ । ଏହାପରେ ସମାବର୍ତ୍ତନ ସମାରୋହ ଆୟୋଜିତ ହୋଇଥିଲା । ଉତ୍ସବରେ ଅନୁଷ୍ଠାନର କମ୍ପ୍ୟୁଟର ବିଭାଗରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ନର୍ସିଂ କଲେଜର ଅଧ୍ୟକ୍ଷା ସମାପିକା ରାଉତ, ଉପାଧ୍ୟକ୍ଷା ବବିତା ପ୍ରଧାନ, ସରିତା କୁଲୁ, ନିର୍ଦ୍ଦେଶକ ସୁବ୍ରତ ବିଶାଳ, କେଶବ ସାହୁ ସହଯୋଗ କରିଥିଲେ । ଏଥିରେ ନର୍ସିଂ କଲେଜର ବିଏସସି ନର୍ସିଂ, ଏଏନଏମ ଜିଏନଏମ ଛାତ୍ରୀଛାତ୍ରମାନେ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼,୨୨।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସ୍କୁଲ ପ୍ରଧାନ ଶିକ୍ଷକ ଜନ୍ମେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମୁଖ୍ୟ ବକ୍ତା ଭାବେ ଯୁବ ସମାଜସେବୀ ଚନ୍ଦ୍ରଚୁଡ ମହାଖୁଡ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ରଘୁନାଥ ମହାଖୁଡ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ସୁଶ୍ରୀ ମଣି ମାଝୀ,ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିନୋଦ ବାତ୍ରା ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସ୍କୁଲର ଶିକ୍ଷକ ନାଗେଶ୍ୱର ସା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବିନୋଦ ବାତ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପରେ ଘରକୁ ଫେରିଲେ ଯୁବକ

**ନୂଆପଡ଼ା,୨୨।୧ (ମକାରୁ ବେମାଲ)**



ବୈଷ୍ଣବ ଶବର ।

ନୂଆପଡ଼ା ଜିଲା କୋମନା ଥାନା କାଶିପଲା ଗାଁ ବନ୍ଧପଡାର ଜଣେ ଯୁବକ କାମ କରିବାକୁ ହାଇଦ୍ରାବାଦ ଯାଇ ନିର୍ଯାତନାର ଶିକାର ହୋଇଥିଲେ । ଏ ନେଇ ପରିବାର ଲୋକେ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲାଙ୍କୁ ଜଣାଇଥିଲେ । ଅତିରିକ୍ତ ଜିଲା ଶ୍ରମ ଅଧିକାରୀ କ୍ୟାପଟେନ ମନୋରଞ୍ଜନ ନାୟକଙ୍କ ହସ୍ତକ୍ଷେପ ପରେ ଯୁବକ ଘରକୁ ଫେରିଛନ୍ତି । ସୂଚନା ଅନୁସାରେ ବନ୍ଧପଡାର ବୈଷ୍ଣବ ଶବର (୨୨) ସ୍ଥାନୀୟ ଜଣେ ଦାଦନ ସର୍ଦ୍ଦାରଙ୍କ ସହାୟତାରେ ୧୫ ହଜାର ଟଙ୍କା ଅଗ୍ରିମ ନେଇ ଗତ ଅକ୍ଟୋବରରେ ହାଇଦ୍ରାବାଦ ଯାଇଥିଲେ । ସେଠାରେ ସେ ଏକ ଇଟାଭାଟିରେ ଜେସିବି ଚାଳକ ଭାବେ କାମ କରୁଥିଲେ । ୩ ମାସ ଜେସିବି ଚଳାଇବା ପରେ ବୈଷ୍ଣବ ମାଲିକଙ୍କୁ କିଛି ଟଙ୍କା ମାଗିଥିଲେ । ଟଙ୍କା ଦେବି ହେଲେ ୨୪ ଘଣ୍ଟା କାମ କରିବାକୁ ପଡିବ ବୋଲି କହି ଖଟାଉଥିଲେ । ଗତ ୧୯ ତାରିଖ ରାତିରେ ବୈଷ୍ଣବଙ୍କୁ ମାଲିକ ଉଠାଇ କାହିଁକି ଡେରି କଲୁ ବୋଲି କହି ଲୁହା ରଡରେ ନିସ୍ତୁକ ମାଡ ମାରିଥିଲେ । ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଏ ନେଇ ପରିବାର ଲୋକେ ଜାଣିବା ପରେ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ପରେ ଅତିରିକ୍ତ ଶ୍ରମ ଅଧିକାରୀ ନାୟକ ସେଠାକାର ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଶ୍ରମିକଙ୍କୁ ପଠାଇବାକୁ କହିଥିଲେ । ତଦନୁଯାୟୀ ଇଟାଭାଟି ମାଲିକ ବସ୍ ଟିକେଟ କରି ସନ୍ଧ୍ୟାରେ ବସ୍‌ରେ ବସାଇ ଘରକୁ ଯିବା ପାଇଁ କହିଥିଲେ । ଶେଷରେ ବୈଷ୍ଣବ ସୋମବାର ରାତି ପ୍ରାୟ ୧୦ଟାରେ ନିଜ ଗାଁରେ ପହଞ୍ଚିଛନ୍ତି । ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

## ଗ୍ରାମସଭାକୁ ବିରୋଧ: ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ/ହେମଗିର,୨୨।୧ (ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଝାରପଲମ ପଞ୍ଚାୟତ ଅନ୍ତର୍ଗତ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ ପ୍ରାଇଭେଟ ଲିମିଟେଡକୁ ଆବଣ୍ଟିତ କରାଯାଇଥିବା ବିଜାହାନ କୋଲ ବ୍ଲକ ପାଇଁ ବିଜାହାନ ସ୍ଥିତ ଜୁନାଡିବିଠାରେ ବିଜାହାନ ଓ ଭୋଗ୍ରାକଛାର ଗ୍ରାମକୁ ନେଇ ବୁଧବାର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ହେଲେ ସଭାକୁ ଗ୍ରାମବାସୀମାନେ ସମ୍ପୂର୍ଣ୍ଣଭାବେ ବିରୋଧ କରିବା ସହିତ ବର୍ଜନ କରିଥିଲେ । ଏହି ସଭାରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ଉପସ୍ଥିତ ରହି କମ୍ପାନୀ ତରଫରୁ ଗ୍ରାମବାସୀଙ୍କୁ ଉଚିତ କ୍ଷତିପୂରଣ ବାବଦକୁ କୌଣସି ଲିଖିତ ସୂଚନା ପ୍ରଦାନ ନ କରିବା ସହିତ ଗ୍ରାମସଭାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଗ୍ରାମବାସୀଙ୍କ ସହିତ ଆଲୋଚନାକରି ଏହି ଗ୍ରାମସଭା ବିରୋଧକୁ ସମର୍ଥନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ବାରମ୍ବାର ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଗ୍ରାମସଭା କରିବା ପାଇ ଅନୁରୋଧ କରିଥିଲେ ହେଁ ସଭା ହୋଇପାରିଲା ନାହିଁ । ଝାରପଲମ ସରପଞ୍ଚ ଚନ୍ଦ୍ରଭ ମାଝି ୪ଦଫା ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରି ଏହି ଗ୍ରାମ ସଭାକୁ ବିରୋଧ କରିଥିଲେ । ଗ୍ରାମସଭା ସ୍ଥାନ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ ଓ ଗ୍ରାମଠାରୁ ଦୂରରେ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶପାଇଥିଲା । କମ୍ପାନୀ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ନେଇ ଦ୍ୱନ୍ଦ କାରଣରୁ ଅସନ୍ତୋଷ, ବିଜାହାଣ୍ଡି କୋଲ ବ୍ଲକରେ ଅଧିଗ୍ରହଣ ହେଉଥିବା ସମସ୍ତ ଗ୍ରାମକୁ ଗ୍ରାମ ସଭାରେ ସାମିଲ ନ କରିବା, ସୁନ୍ଦରଗଡ ଜିଲା ଝିଅମାନେ ତାମିଲନାଡୁରେ ଫଶି ରହିଥିବା ପ୍ରତିବାଦରେ ସୁନ୍ଦରଗଡ ବନ୍ଦ ଡାକରାକୁ ବିସ୍ଥାପିତ ଗ୍ରାମବାସୀଙ୍କ ସମର୍ଥନ ଯୋଗୁ ଗ୍ରାମ ସଭାକୁ ସ୍ଥଗିତ କରିବା ପାଇ ଝାରପଲମ ସରପଞ୍ଚ ହେମଗିର ବିଡିଓ ରିନା ନାଏକଙ୍କୁ ଲିଖିତ ଭାବରେ ଜଣାଇ ଗ୍ରାମ ସଭାକୁ ସ୍ଥଗିତ କରିଥିଲେ ।

# ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ପ୍ରତିବାଦ

**ପ୍ରତିଶ୍ରୁତି ପରେ ତାଲା ଖୋଲିଲା**

**ବଣାଇଁ,୨୨।୧ (ପ୍ରଦୀପ ତ୍ରିପାଠୀ)**



ବିଦ୍ୟାଳୟ ବାହାରେ ତାଲା ପକାଇ ବାହାରରେ ବସିଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ର ।

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ଝିଙ୍ଗାପାଲୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ୫ଟି ଶ୍ରେଣୀ ସାଙ୍ଗକୁ ଆଦିବାସୀ ଛାତ୍ରାବାସ ଥିବା ଉକ୍ତ ବିଦ୍ୟାଳୟରେ ଏବେ ୭୮ ଜଣ ଛାତ୍ରୀଛାତ୍ର ରହିଛନ୍ତି । ହେଲେ ବିଦ୍ୟାଳୟରେ ଅଛନ୍ତି ମାତ୍ର ୨ ଜଣ ଶିକ୍ଷୟିତ୍ରୀ । ଫଳରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ବାରମ୍ବାର ବଣାଇଁ ଉପଖଣ୍ଡ ପ୍ରଶାସନ ସମେତ ଶିକ୍ଷା ଅଧିକାରୀଙ୍କୁ ଅବଗତ କରି ବିଫଳ ହେବା ପରେ ବୁଧବାର ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୫ ଘଣ୍ଟା ଧରି ଗ୍ରାମବାସୀ ଜିଦରେ ଅଟଳ ରହିଥିଲେ । ପରିଶେଷରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ବିଇଓ ସୁନୀଲ ମୁଣ୍ଡା ବୁଝା ଶୁଝା କରି ଗୁରୁବାର ବିଦ୍ୟାଳୟରେ ଅଧିକ ଜଣକୁ ନିଯୁକ୍ତି ଦେବେ ଓ ପରେ ଧୀରେ ଧୀରେ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିଲା । ଅପରପକ୍ଷରେ ପୁଣି ଯଦିଶିକ୍ଷା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ପୁନର୍ବାର ବିଦ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ୧୯୧୩ ମସିହା ଅର୍ଥାତ ସ୍ୱାଧୀନତାର ୩୫ ବର୍ଷ ପୂର୍ବରୁ ସ୍ଥାପିତ ଝିଙ୍ଗାପାଲୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅଚଳାବସ୍ଥା ଉପୁଜିଥିଲା ।

## ସଂକ୍ଷେପରେ

### ରେଲୱେ ଜିଏମ୍‌ଙ୍କ ସହ ବିଧାୟକଙ୍କ ଆଲୋଚନା

**ଝାରସୁଗୁଡ଼ା,୨୨।୧(ଆଶିଷ ରଞ୍ଜନ ଦାଶ)**

ଦକ୍ଷିଣ ପୂର୍ବ ରେଲୱେ ଜିଏମ୍‌ଙ୍କ ସହ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ରେଳ ଷ୍ଟେଶନରେ ଆଧୁନିକୀକରଣ ନିର୍ମାଣ କାର୍ଯ୍ୟ ଚାଲିଛି। ବୁଧବାର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ଦକ୍ଷିଣ ପୂର୍ବ ରେଲୱେ ଜିଏମ୍ ଅନୀଲ କୁମାର ମିଶ୍ର ଝାରସୁଗୁଡ଼ା ଆସିଥିଲେ। ରେଳ ଷ୍ଟେଶନ ଉନ୍ନତିକରଣ, ଟ୍ରାଫିକ ସମସ୍ୟା ତଥା ଝାରସୁଗୁଡ଼ା ସହରର ବିକାଶ ପାଇଁ ଜିଏମ୍ ମିଶ୍ରଙ୍କ ସହ ବିଧାୟକ ତ୍ରିପାଠୀ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଚକ୍ରଧରପୁର ଡିଆରଏମ୍ ତରୁଣ ହୁରିଆ, ଜିଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ପ୍ରମୁଖଙ୍କ ସହ ରେଳ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ାରୁ ପ୍ରୟାଗରାଜକୁ ଗଡ଼ିଲା ବସ୍

**ଝାରସୁଗୁଡ଼ା,୨୨।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାରୁ ପ୍ରୟାଗରାଜକୁ ବସ ସେବା ବୁଧବାରରୁ ଆରମ୍ଭ ହୋଇଛି। ସହରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଅପରାହ୍ନ ୫ଟା ସମୟରେ ଝାରସୁଗୁଡ଼ାରୁ ପ୍ରୟାଗରାଜକୁ ବସ ସେବା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଆରମ୍ଭ ହୋଇଯାଇଛି। ଏହା ଦ୍ୱାରା ଝାରସୁଗୁଡ଼ା ଜିଲାର ଜନ ସାଧାରଣ ପ୍ରୟାଗରାଜକୁ ସିଧା ବସରେ ଯିବାର ସୁଯୋଗ ପାଇବେ। ଏହି ବସ ଚଳାଚଳ ଦ୍ୱାରା ଜନସାଧାରଣ ମହଲରେ ଖୁସିର ଲହରୀ ଖେଳିଯାଇଛି।

### ରାମ ଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ

**ଝାରସୁଗୁଡ଼ା,୨୨।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ରରେ ବିଶ୍ୱଶାନ୍ତି ମଙ୍ଗଳ କାମନାର୍ଥେ ଏମ୍‌ସିଏଲ୍ ଲଖନପୁର ଏରିଆ ମହାପ୍ରବନ୍ଧକ ସଞ୍ଜୟ କୁମାର ଝାଙ୍କ ତ୍ୱବାବଧାନରେ ସୋମବାର ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହୋଇଛି। ଶତାଧିକ ମହିଳା ଜଳ ଭରା କଳସ ନେଇ ବନ୍ଧବାହାଲ ଦୀନ ବାନ୍ଧବ କ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀଠାରୁ ବାନ୍ଧବାହାଲ ବାସିନୀ ମା' ମଙ୍ଗଳାଙ୍କ ପୀଠରେ ପୂଜା ଅର୍ଚ୍ଚନା ଶୋଭାଯାତ୍ରା ପରେ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିରେ ମୁଖ୍ୟ ପୂଜକ ଓ ଭକ୍ତ ପ୍ରଫୁଲ୍ଲ ପଣ୍ଡା, ପଣ୍ଡିତ ଡୋଲାମଣି ନାଏକ ସହ ପୂଜକ ପ୍ରଫୁଲ୍ଲ ପାଢ଼ୀ, ରମାକାନ୍ତ ନାଏକ, ବିଭୂତି ମହାପାତ୍ର ପୂଜା ଅର୍ଚ୍ଚନା ରେ ସହଯୋଗ କରିଥିଲେ। ଏମ୍‌ସିଏଲ ଲଖନପୁର ଏରିଆ ପର୍ସନାଲ୍ ଅଧିକାରୀ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ୍, ବନ୍ଧବାହାଲ ଟ୍ରକ୍ ମାଲିକ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ବନ୍ଧବାହାଲ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାୟକ, ଅରବିନ୍ଦ ଗୁପ୍ତା, ସତପାଲ ସିଂହଙ୍କ ସମେତ ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣ, ଏମ୍‌ସିଏଲ ଲଖନପୁର ଏରିଆ ଶ୍ରମିକ ଓ ଅଧିକାରୀ ସହଯୋଗ କରୁଛନ୍ତି।

# ଭେଦଭାବଶୂନ୍ୟ, ଆତ୍ମନିର୍ଭରଶୀଳ ଉପରେ ଗୁରୁତ୍ୱ

**ଝାରସୁଗୁଡ଼ା/ବ୍ରଜରାଜନଗର, ୨୨।୧ (ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)**

## ଏନ୍‌ଏଚ୍‌ଆର୍‌ସିର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ୨ଦିନିଆ ଝାରସୁଗୁଡ଼ା ଗସ୍ତ

ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପ୍ରଦୀପ୍ତ କୁମାର ନାୟକ ୨୧ ଓ ୨୨ ତାରିଖ ୨ଦିନିଆ ଝାରସୁଗୁଡ଼ା ଗସ୍ତରେ ଆସିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟଠାରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ କୁଷ୍ଠ ରୋଗାକ୍ରାନ୍ତ ଓ ଦିବ୍ୟାଙ୍ଗମାନଙ୍କୁ ସମସ୍ତ ସରକାରୀ ସୁବିଧା ତଥା ବିଭିନ୍ନ ଜନହିତକାରୀ ଯୋଜନା ପାଇ ପାରୁଛନ୍ତି କି ନାହିଁ ଅଥବା ବଞ୍ଚିତ ହେଉଛନ୍ତି ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହା ସହିତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିଶୁ କଲ୍ୟାଣ ଅଧିକାରୀ, ଝାରସୁଗୁଡା ଓ ଲଖନପୁର ତହସିଲଦାରଙ୍କ ସହିତ ଝାରସୁଗୁଡା, ବ୍ରଜରାଜନଗରନ୍ ଓ ବେଲପାହାଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଏବଂ ଅନ୍ୟ ଜିଲା ଅଧିକାରୀ ଉପସ୍ଥିତ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱନ୍ତ୍ରତ ପର୍ଯ୍ୟବେକ୍ଷକ ନାୟକ ସମୀକ୍ଷା କରିବା ସହ କୁଷ୍ଠ ରୋଗାକ୍ରାନ୍ତମାନେ କିପରି ସମାଜରେ ଭେଦଭାବଶୂନ୍ୟ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଜିଲାର ସମସ୍ତ କୁଷ୍ଠଜନିତ ଓ ଦିବ୍ୟାଙ୍ଗ ବାସ କରୁଥିବା କଲୋନୀ ଯାଇ ଅନ୍ତେବାସୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସମସ୍ତ କଲୋନୀର ନାମରୁ କୁଷ୍ଠ ଶବ୍ଦକୁ ହଟେଇବା ପାଇଁ ଉପଦେଶ ଦେଇଥିଲେ। ଜିଲାରେ କୁଷ୍ଠ ରୋଗୀଙ୍କ ପାଇଁ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ଗୁଡିକୁ ସମୀକ୍ଷା କରିବା ପରେ ସନ୍ତୋଷ ପ୍ରକାଶ କରିଥିଲେ। ବୁଧବାର ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ନରସିଂହ କୃଷ୍ଣ କଲୋନୀ ଏନ୍‌ଏଚ୍‌ଆର୍‌ସି ନାୟକ ପରିଦର୍ଶନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ କୋଷାଧ୍ୟକ୍ଷ ମନୋଜ ବେରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଜିଲା ଯୋଜନା ସଂଯୋଜକ ଜୀବୀକା ମିଶନ ପୁଷ୍ପଶ୍ରୀ ନାୟକ, ଜିଲା କୃଷ୍ଠ ପରାମର୍ଶ ଦାତା ହରପ୍ରସାଦ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଜିଲା କୁଷ୍ଠ ଅଧିକାରୀ ଡ ଲକ୍ଷ୍ମଣ କର୍ମୀ, ବ୍ରଜରାନଜଗର ପୌରପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବ୍ଲକ ପବ୍ଲିକ ହେଲଥ ଅଫିସର୍ ଜୟପ୍ରକାଶ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଳୟ କୋଷାଧ୍ୟକ୍ଷ ମନୋଜ ବେରିହା, ଜିଲା କନିଷ୍ଠ ସହାୟକ ଆଦିତ୍ୟ ବାଦି ପ୍ରମୁଖ ଉପସ୍ଥିତ ଥିଲେ। କଲୋନୀବାସୀ ବୃନ୍ଦାବନ ଦିପ, ଆଲେଖ ବଘାର, ଭୋଲା ତାଣ୍ଡିଆ, ଗୌରାଙ୍ଗ ବହିଦାର, ତାରିଣୀ ପ୍ରଧାନ, ନରୋତ୍ତମ ଭୋଇ, ମହାଦେବ ବଗର୍ତ୍ତି ପ୍ରମୁଖଙ୍କ ସହ କୃଷ୍ଣ କଲୋନୀବାସୀ ଏନ୍‌ଏଚ୍‌ଆର୍‌ସି ସ୍ପେଶାଲ ମନିଟର୍ ଡ. ନାୟକଙ୍କୁ ସ୍ୱାଗତ କରିବା ସହ କଲୋନୀବାସୀ ତାଙ୍କ ସମସ୍ୟା ଅଭିଯୋଗ କରିଥିଲେ।



ମାନବାଧିକାର ପର୍ଯ୍ୟବେକ୍ଷକ ଲୋକଙ୍କୁ ଭେଟୁଛନ୍ତି।

## ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା



ସଡ଼କ ସୁରକ୍ଷା ନେଇ ଛାତ୍ରୀଛାତ୍ରମାନଙ୍କୁ ବୁଝାଯାଉଛି।

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ତଥା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବୁଢାପାଲ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଏବଂ ପଳସମା ସ୍ନାତକ ମହାବିଦ୍ୟାଳୟରେ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଣ୍ଢେଇଗୋଳା ଥାନା ଅଧିକାରୀଣୀ ସରସ୍ୱତୀ ଟୁଡୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସୌମ୍ୟରଞ୍ଜନ ମଲ୍ଲିକ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଗାଡ଼ି ଚଳାଇବା ବେଳେ ହେଲ୍‌ମେଟ୍ ଏବଂ ସିଟବେଲ୍ଟ ନିୟମିତ ବ୍ୟବହାର କରିବା, ଟ୍ରାଫିକ୍ ନିୟମ ମାନିବା, ସାଙ୍କେତିକ ଚିହ୍ନର ବ୍ୟବହାର, ଅମାନିଆ ଚାଳକଙ୍କ ବିରୋଧରେ ଥିବା ଦଣ୍ଡବିଧାନ, ଗୁଡ୍ ସାମାରିଟନ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ରାସ୍ତାରେ ଯାଉଥିବା ବେଳେ କୌଣସି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇବା ସହିତ ପୋଲିସକୁ ସୂଚନା ଦେଲେ ଗୁଡ୍ ସାମାରିଟନ ପୁରସ୍କାର ପ୍ରଦାନ ବ୍ୟବସ୍ଥା ଥିବା କହିଥିଲେ। ଏହି ଅବସରରେ ଉଭୟ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସଡ଼କ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା। ବୁଢାପାଳ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଅନୁଷ୍ଠାନ ଅଧକ୍ଷ ଡିଲେଶ୍ୱର ପ୍ରଧାନ, ଡାକ୍ତର ଭାରତ ଭୂଷଣ ନନ୍ଦ, ଡାକ୍ତର ନିର୍ମଳ ଚନ୍ଦ୍ର ଦାଶ ଏବଂ କୁଣ୍ଢେଇଗୋଳା ଥାନା ସବଇନ୍ସପେକ୍ଟର ସନାତନ ମହାରଣା ପ୍ରମୁଖ ମଞ୍ଚାସୀନ ରହିଥିଲେ।

## ୨୭ରୁ ହେବ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆଠାରେ ଆୟୋଜିତ ହେବ ଉଭୟ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ପୁରୁଷ କବାଡି ପ୍ରତିଯୋଗିତା। ଇତିମଧ୍ୟରେ ପ୍ରସ୍ତୁତି ପ୍ରାୟତଃ ଚୂଡାନ୍ତ ପାର୍ଯ୍ୟାୟରେ ପହଞ୍ଚିଛି। ଆୟୋଜକ ଅନୁଷ୍ଠାନ ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟ ରାଜା ବାସୁଦେବ ହାଇସ୍କୁଲର ପୁରାତନ ଛାତ୍ରାବାସରେ ଅନୁଷ୍ଠାନ ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ସଭାପତିତ୍ୱରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୂଡାନ୍ତ ରୂପରେଖ ସମ୍ପର୍କରେ ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦେବଗଡ଼ କବାଡ଼ି ଦଳ ସମେତ ରାଜ୍ୟର ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ସୁନ୍ଦରଗଡ଼, ରାଉରକେଲା, ଅନୁଗୋଳ, ଯାଜପୁର, କଟକ ଓ ଭୁବନେଶ୍ୱର ଆଦି ୧୦ଟି ଦଳ ଅଂଶଗ୍ରହଣ କରିବେ। ସେହିପରି ଜିଲାସ୍ତରରେ ଦେବଗଡ଼ ଜିଲାର ୧୦ଟି ଦଳ ଅଂଶଗ୍ରହଣ କରିବେ।



ଚୂଡାନ୍ତ ରୂପରେଖ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

### ଅଂଶଗ୍ରହଣ କରିବେ ୧୦ଟି କବାଡ଼ି ଦଳ

୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ସମ୍ବଲପୁର ମହିଳା ଓ ରାଉରକେଲା ମହିଳା କବାଡ଼ି ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡିକ ଅନୁଷ୍ଠିତ ହେବ। ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନ ସମ୍ପାଦକ ସୁଶୀଳ କୁମାର ନାୟକ, ସହ ସମ୍ପାଦକ ଶୁକଦେବ ଭଞ୍ଜ ଓ କୋଷାଧ୍ୟକ୍ଷ ସୁରେନ କୁମାର ନାୟକଙ୍କ ସମେତ ଡାକ୍ତର ସୁଶୀଳ କୁମାର ମହାପାତ୍ର, ପ୍ରାକ୍ତନ କବାଡ଼ି ଖେଳାଳି ତଥା ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ, କ୍ରୀଡ଼ାବିତ ପ୍ରଦୀପ କୁମାର ଅମାନ୍ତ, କିଶୋର ଚନ୍ଦ୍ର ଦାସ, ପ୍ରମୋଦ କୁମାର ପ୍ରଧାନ, ଦିଲୀପ କୁମାର ବେହେରା, ସୁନୀଲ କୁମାର କପରଦାର, ପ୍ରଭାତ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ଭୋଇ ଓ ରାଘବ ମହାରଣାଙ୍କ ସମେତ ଦେବଗଡ଼ ସେବା ସଂଘର ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଟ୍ରେଲର ଚାପାରେ ଜଣେ ମୃତ, ଜଣେ ଗୁରୁତର

**ଝାରସୁଗୁଡ଼ା,୨୨।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କନକତୋରା ଏନ୍‌ଏଚ୍ ୪୯ଠାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଟ୍ରେଲର ଚାପାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଫାକ୍ରପଡ଼ାର ମୂଳବାସିନ୍ଦା ସୁରଜ ଗଙ୍ଗାଧର (୪୦) ଏବଂ ଗୁରୁତରଙ୍କ ପରିଚୟ ଜଣାପଡ଼ିନାହିଁ। ଖବର ପାଇ ରେଙ୍ଗାଲି ଥାନା ଇନଚାର୍ଜ ସମରେନ୍ଦ୍ର ନାୟକ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତକଙ୍କ ସମ୍ପର୍କୀୟ ସୁରେନ୍ଦ୍ର ତାଣ୍ଡିଙ୍କ ଲିଖିତ ଅଭିଯୋଗ ଅନୁସାରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଓ ବାଇକ୍ ଜବତ କରି ଟ୍ରେଲର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଥିବା ଥାନା ଇନଚାର୍ଜ ନାୟକ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଛତିଶଗଡ଼ର ରାୟଗଡ଼ ଜିଲା ଝଲମଲା ଗାଁରେ ଥିବା ଏକ ଇଟା ଭାଟିରେ ସୁରଜ କାମ କରୁଥିଲେ। ପୂର୍ବାହ୍ନ ୧୦ଟାରେ ବାଇକ୍ (ନଂ.ସିଜି୧୩-୪ସି-୧୧୧୮)ରେ ସୁରଜ ଏବଂ ଅନ୍ୟ ଜଣେ କନକତୋରାକୁ କୌଣସି କାମରେ ଆସୁଥିଲେ। ଏହି ସମୟରେ ଝାରସୁଗୁଡା ପଟୁ ଛତିଶଗଡ଼ ଅଭିମୁଖେ ଯାଉଥିବା ଟ୍ରଲର (ନଂ.ସିଜି୧୩-ଏଜେଡ୍-୧୦୩୫) କନକତୋରା ଛକ ଅନତି ଦୂର ଏକ ଢ଼ାବା ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ସୁରଜ ରାସ୍ତାରେ ଛିଟିକି ପଡିବାରୁ ଟ୍ରଲର ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକ୍ ପଛରେ ବସିଥିବା ଜଣେ ଗୁରୁତର ଆହତ ହୋଇଥିଲେ।

## ଲଇକେରା ପଞ୍ଚାୟତ ସମିତିର ସାଧାରଣ ବୈଠକ

**ଝାରସୁଗୁଡ଼ା,୨୨।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତିର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ସଭପତିତ୍ୱ କରିଥିବା ବେଳେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ କୃଷି, ସ୍ୱାସ୍ଥ୍ୟ ଶିକ୍ଷା, ପାନୀୟଜଳ ଓ ଗ୍ରାମ୍ୟ ପରିମଳ, ପ୍ରାଣୀ ସମ୍ପଦ, ଜଙ୍ଗଲ ସମ୍ପଦ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ୧୫, ୧୬ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପଞ୍ଚାୟତ ସମିତିର ଉନ୍ନତି ମୂଳକକାର୍ଯ୍ୟ ଏବଂ ଅନ୍ୟାନ୍ୟ ବିଷୟରେ ଜିଲା ପ୍ରଶାସନ ଓ ବ୍ଲକ ଅଧିକାରୀଙ୍କ ଉପସ୍ଥିତରେ ଆଲୋଚନା କରାଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ସଞ୍ଜିତ ନାୟକ, ସମସ୍ତ ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ ତଥା ସମିତିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## କ୍ରିକେଟ ପ୍ରତିଯୋଗିତା: କଲା କ୍ରିକେଟ କ୍ଲବ୍ ଚାମ୍ପିୟନ




ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଉଖୁଁରା ଗ୍ରାମରେ ବଜରଙ୍ଗବଲୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କାଦୋପଡ଼ା କ୍ରିକେଟ କ୍ଲବକୁ ପରାସ୍ତ କରି କଲା କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। କଲା କ୍ରିକେଟ କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ୭୩ ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ କାଦୋପଡ଼ା କ୍ରିକେଟ କ୍ଲବ୍ ୭୪ ରନର ବିଜୟ ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୫୮ ରନ ସଗ୍ରହ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟର ଭାବେ ବାବୁ ଏବଂ ବିପିନ ପାତ୍ର ପରିଚାଳନା କରିଥିଲେ। ତାପସ ସାହୁ, ରେକେଶ ପ୍ରଧାନ, ଶୁଭମ ସାହୁ ଓ ସୁବ୍ରତ ପ୍ରଧାନ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ବଜରଙ୍ଗବଲୀ କ୍ରିକେଟ ଆସୋସିଏଶନ ସଭାପତି ସିକୁନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

## ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆପଡ଼ା ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପଣ୍ଡିତ ରୋହିତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ପରମେଶ୍ୱର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଅଧିକାରୀ ତଥା ସଂସ୍କୃତ ସାହିତ୍ୟ ଅଧାପକ ସତୀଶ କୁମାର ମହାପାତ୍ର ସଂଯୋଜନା କରିଥିବା ବେଳେ ବେଦ ଅଧାପକ ତନୋଜ କୁମାର ମହାପାତ୍ର ଓ ଶ୍ରୀରାମେଶ୍ୱର ପୂଜକ ସଞ୍ଜିତ କୁମାର ଶତପଥି ଉତ୍ସବ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସମୟରେ ବୈଦିକ ମଙ୍ଗଳାଚରଣ କରିଥିଲେ। ଉତ୍ସବରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୨୮ଟି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ଅଧାପକ ଅଭୟ କୁମାର ସାହୁ, ଡ. ଉମାକାନ୍ତ ସାହୁ, ଯଦୁମଣି ସାହୁ, ରଘୁନାଥ ରାଉତ, ସନ୍ତୋଷ କୁମାର ରାଉଳ, ଅଣଶିକ୍ଷକ କର୍ମଚାରୀ ନରୋତ୍ତମ ସାହୁ, ତ୍ରିପୁରା ମୋହନ ମାଝି, ମନୋଜ କୁମାର ସାହୁ, ଇନ୍ଦ୍ରମଣି ମାଝି, ଶରତ ବେହେରା, ପ୍ରମୋଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମା' ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଲଣ୍ଡା ଗ୍ରାମ ପଞ୍ଚାୟତ ବାହାଡାପୋଶି ଗ୍ରାମରେ ମୋଟ ୧୬ଟି ଦଳକୁ ନେଇ ମା' ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ବାରକୋଟ ବ୍ଲକ ପ୍ରତିନିଧି ହରମୋହନ ପାଣି ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠିତ ବ୍ୟବସାୟୀ ଦେବବ୍ରତ ସାହୁ ଯୋଗଦେଇ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅକ୍ଷରଶୀଳା କ୍ରିକେଟ କ୍ଲବକୁ ୩୭ ରନରେ ପରାସ୍ତ କରି ଝରବାହାଲ କ୍ରିକେଟ କ୍ଲବ ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌କୁ ଅମ୍ପାୟର ଭାବେ ସରୋଜ କୁମାର ପ୍ରଧାନ ଓ ବିଶିକେଶନ ମାଝି ପରିଚାଳନା କରିଥିବା ବେଳେ ନିତେଶ ମାଝି ଓ ସିପୁନ ମାଝି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜଗା ସାହୁ ଓ ଦୀନେଶ ମାହାର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ଅନୁଷ୍ଠାନ ସଭାପତି ସରୋଜ କୁମାର ପ୍ରଧାନ, ସମ୍ପାଦକ ଛବିଳ ମାଝି, କୋଷାଧ୍ୟକ୍ଷ ଲୁଲୁ ପ୍ରଧାନ, ସଦସ୍ୟ ଶିବୁ ବାଘ, ମଳୟ ବାଘ, ସାନୁ ମାଝି ଓ ଦୀପକ ବଣିଚୂଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ରମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## କଟନି ଛଟନି, ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ

**ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)**

- ମଣ୍ଡି ପରିଦର୍ଶନ ପରେ ପ୍ରଶାସନ ଉପରେ ବର୍ଷିଲେ କୃଷକ ନେତା
- ଦାବି ପୂରଣ ନ ହେଲେ କୃଷକ ସଂଘର୍ଷ ସଂଘ ଆନ୍ଦୋଳନ ଚେତାବନୀ

ମିଲରଙ୍କ ମନମାନିରେ ଚାଲିଛି ଧାନମଣ୍ଡି। କଟନି ଛଟନି ନ ହେଲେ ମଣ୍ଡିରୁ ଧାନ ଉଠାଯାଉନାହିଁ। ଏଫ୍‌ଏକ୍ୟୁ ମାନର ଧାନ ଆଣିଲେ ବି କୁଇଣ୍ଟାଲ ପ୍ରତି ସାଢେ ୪ କିଲୋରୁ ଅଧିକ କଟନି କରାଯାଉଛି। ଜାଣିଶୁଣି ମଣ୍ଡିକୁ ମିଲର ଗାଡ଼ି ପଠାଉ ନ ଥିବା ବେଳେ ଦିନରାତି ମଣ୍ଡିରେ ଚାଷୀ ପଡି ରହୁଛନ୍ତି। ଦେବଗଡ଼ ଜିଲାରେ ମଣ୍ଡି ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଉଛି। ଅନ୍ୟପଟେ ମଙ୍ଗଳବାର ଜିଲା କୃଷକ ସଂଘର୍ଷ ସଂଘ ତଥା ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଧାନ ମଣ୍ଡି ପରିଦର୍ଶନ କରିବା ପରେ ଏଭଳି ଅବ୍ୟବସ୍ଥାକୁ ନେଇ ପ୍ରଶାସନ ଉପରେ ବର୍ଷିବା ସହିତ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ପ୍ରଶାସନ ଏବଂ ମିଲର ହାତ ମିଶାଇ କଟନି ଛଟନି ମାଧ୍ୟମରେ ଚାଷୀଙ୍କଠାରୁ ଦିନ ଦ୍ୱିପହରରେ ଶୋଷଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ ମିଲକୁ ଧାନ ଆଣିବା ପାଇଁ ଚାଷୀଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି। ଚାଷୀ ନିଜ ଖର୍ଚ୍ଚରେ ମିଲକୁ ଧାନ ଆଣୁଥିବା ବେଳେ ଗାଡି ଭଡା ବାବଦରେ ଟଙ୍କାଟିଏ ମଧ ଦିଆଯାଉ ନ ଥିବା ବେଳେ ଓଲଟି କଟନି ଛଟନିର ଭୟ ଦେଖାଯାଉଛି। ରିଆମାଳ ବ୍ଲକ ଖିଲେଇ ଧାନମଣ୍ଡିକୁ ହେମ୍ବ୍ରମ ପରିଦର୍ଶନ କରିଥିଲେ। ଗତ ଶନିବାରଠାରୁ ଚାଷୀ ଧାନ ଆଣିଥିବା ବେଳେ ବିକ୍ରି କରି ନ ପାରି ମଣ୍ଡିରେ ପଡି ରହିଛନ୍ତି। ମିଲର ଜାଣିଶୁଣି ଉକ୍ତ ମଣ୍ଡିକୁ ଗାଡି ପଠାଉ ନ ଥିବା ବେଳେ ଚାଷୀ ହତାଶ ହୋଇ ପଡିଛନ୍ତି। ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖି ହେମ୍ବ୍ରମ ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରାଙ୍କୁ ଫୋନରେ କଥା ହୋଇ ସନ୍ଧ୍ୟା ସୁଦ୍ଧା ବିନା କଟନି ଛଟନିରେ ଚାଷୀଙ୍କ ଧାନ ଉଠାଇବାକୁ କହିଥିଲେ। ରାଜ୍ୟ ସରକାର ମଣ୍ଡିରେ କଟନି ଛଟନିକୁ ବିରୋଧ କରୁଥିବା ବେଳେ ଜିଲା ପ୍ରଶାସନ କାହା ଶାହସରେ ଚାଷୀଙ୍କୁ ଶୋଷଣ କରୁଛି ବୋଲି ପ୍ରଶ୍ନ ଉଠାଇଥିଲେ। ଏଥିସହ ଦାବି ପୂରଣ ନ ହେଲେ କୃଷକ ସଂଘର୍ଷ ସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବ ବୋଲି ହେମ୍ବ୍ରମ ଚେତାବନୀ ଦେଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ଅଳ୍ପ କିଛି ଧାନ ଉଠିଥିବା ବେଳେ କୁଇଣ୍ଟାଲ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଏଥିପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ସହିତ ମିଲରଙ୍କ ମନମାନିରେ ରୋକ ଲଗାଇବାକୁ ଦାବି ହେଉଛି।



# ଅନୁବାଦକଙ୍କ ପାଇଁ ସ୍ୱାଧୀନତା ରହିବା ଦରକାର

**ସମ୍ବଲପୁର ପୁସ୍ତକ ମେଳାରେ ଅନୁବାଦ ସାହିତ୍ୟରେ ସାମ୍ପ୍ରତିକ ଧାରା ଶୀର୍ଷକ ଆଲୋଚନା**

ସମ୍ବଲପୁର,୨୨।୧(ବି.ଶଙ୍କର)



ଅତିଥିମାନେ କ୍ଷୁଦ୍ରଗଳ୍ପ ସଙ୍କଳନ 'ସୁଲତାର ସୁଖ' ଉନ୍ମୋଚନ କରୁଛନ୍ତି।

ଅନୁବାଦ ସାହିତ୍ୟରେ ସାମ୍ପ୍ରତିକ ଧାରା ଶୀର୍ଷକ ଆଲୋଚନାଚକ୍ର ବୁଧବାର ସନ୍ଧ୍ୟା ୬ଟାରେ ଅଇଁଠାପାଲିସ୍ଥିତ ସମ୍ବଲପୁର ପୁସ୍ତକ ମେଳା ପରିସରରେ ପ୍ରଫେସର ସୁଦର୍ଶନ ପୂଜାରୀ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏନବିଟି ଓ ସେଣ୍ଟୁ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ଡ.ରମାବଲ୍ଲଭ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ମିଶ୍ର କହିଲେ ଯେ, ଇଲେକ୍ଟ୍ରୋନିକ ଯୁଗରେ ସାମ୍ପ୍ରତିକ ପରିସ୍ଥିତିରେ ପୁସ୍ତକ ପଠନ ପ୍ରତି ମଧ୍ୟ ଆଗ୍ରହୀ ହେବ ଉଚିତ। ଯାହା ପୁସ୍ତକ ଭିତରେ ମିଳିଥାଏ, ତାହା ସାଧାରଣତଃ ଅନ୍ୟ କୋଣସି ମାଧ୍ୟମରେ ମିଳ ନ ଥାଏ। ତତ୍‌ସଙ୍ଗେ ମ୍ୟାନେଜମେଣ୍ଟ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ବିଶିଷ୍ଟ ବକ୍ତାଭାବେ ପ୍ରଫେସର କାଳିଦାସ ମିଶ୍ର ଓ ସାହିତ୍ୟିକ ବଙ୍ଗାଳୀ ନନ୍ଦ ଯୋଗଦାନ କରି ଅନୁବାଦ ସାହିତ୍ୟରେ ସାମ୍ପ୍ରତିକ ଧାରା ଉପରେ ନିଜର ମତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ମିଶ୍ର କହିଲେ ଯେ, ଆମେ ଯେଉଁ ପୃଥିବୀରେ ବଞ୍ଚୁଛୁ, ଏହା ଏକ ଅନୁଦିତ ପୃଥିବୀ। ଅନେକ ସମୟରେ ଅନୁବାଦକମାନେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଅନୁବାଦ ସମୟରେ ଅନୁବାଦକଙ୍କ ପାଇଁ ସ୍ୱାଧୀନତା ରହିବା ଦରକାର। ମୂଳ ଲେଖାର ଶାବ୍ଦିକ ରୂପ ଉପରେ ବିଶେଷ ଗୁରୁତ୍ୱ ଦେବା ଅନାବଶ୍ୟକ। ଲେଖକ ଓ ଅନୁବାଦକ ଭିତରେ ଅନେକ ସଂଘାତ ରହିଥାଏ। ଯେଉଁ ସ୍ଥାନରେ ଆକ୍ଷରିକ ଅନୁବାଦ ସମ୍ଭବପର ନୁହେଁ, ସେହି ସ୍ଥାନରେ ଭାବଗତ ଅନୁବାଦ ଗ୍ରହଣୀୟ। ଅନ୍ୟତମ ଆଲୋଚକ ନନ୍ଦ କହିଲେ ଯେ, ଅନୁବାଦକର ମୂଳଭାଷା ଓ ଅନୁବାଦ କରାଯାଉଥିବା ଭାଷା ଉପରେ ଯଥେଷ୍ଟ ଦକ୍ଷତା ରହିବା ଆବଶ୍ୟକ। ଅନୁବାଦ ସମୟରେ ବିଷୟ ବସ୍ତୁର ମୌଳିକତା ଉପରେ ଗୁରୁତ୍ୱାରୋପ କରିବା ଜରୁରୀ। ଅନୁବାଦ ସମୟରେ ଆଞ୍ଚଳିକ ଭାଷା ଓ ମୂଳଭାଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ଏଥିସହ ମୂଳ ଲେଖାର ଶାବ୍ଦିକ ଅର୍ଥକୁ ମଧ୍ୟ ବୁଝିବା ନିହାତି ଜରୁରୀ। ଗଦ୍ୟ ଅନୁବାଦରୁ କବିତା ଅନୁବାଦ କଷ୍ଟକର। ଏହି କାର୍ଯ୍ୟକ୍ରମରେ ଗାଙ୍ଗିଲା ଡ.ସନ୍ତୋଷିନୀ ବାବୁଙ୍କ ଦ୍ୱାରା ରଚିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ସୁଲତାର ସୁଖ' ଉନ୍ମୋଚିତ ହୋଇଥିଲା। ଶେଷରେ ସେଣ୍ଟୁର ଯୁଗ୍ମ ସମ୍ପାଦିକା ଗୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ଅଭିଯୁକ୍ତ କୋର୍ଟ ଚାଲାଣ



ଗିରଫ ୬ ଅଭିଯୁକ୍ତ।

**ନୂଆପାଲି ଗ୍ରାମରେ ଶ୍ରୀଧର ହତ୍ୟା ଘଟଣା**

ବୌଦ୍ଧ/ବଘିଆପଡା,୨୨।୧ (ଅଜିତ କୁମାର ବାରିକ/ ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତର ନୂଆପାଲି ଗ୍ରାମରେ ଘଟିଥିବା ଶ୍ରୀଧର ବେହେରା ହତ୍ୟା ଘଟଣାରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସୁରେଶ ଦୀପ, ବିଭୀଷଣ ଦୀପ, ଲକ୍ଷ୍ମଣ ଦୀପ, ସୁବାସ ଦୀପ, ହର୍ଷ ଦୀପ ଓ ବିଶ୍ୱନାଥ ବାଦୀ ।

ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ନୂଆପାଲି ଗ୍ରାମର ଶ୍ରୀଧର(୨୫)ଙ୍କୁ ପୂର୍ବ ଶତ୍ରୁତାରୁ ଗ୍ରାମର କେତେଜଣ ବ୍ୟକ୍ତି ଘରେ ପଶି ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଦିନ ବୁର୍ଲା ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଶ୍ରୀଧରଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରା ବୌଦ୍ଧ ଥାନାରେ ଲିଖିତ ଅଭିଯାଗ କରିଥିଲେ । ବୌଦ୍ଧ ପୋଲିସ ନଂ ୩୯/୨୫ରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ନୂଆପାଲି ଗ୍ରାମର ୫ ଜଣ ଓ ଭୁକ୍ତାପଡା ଗ୍ରାମର ଜଣଙ୍କୁ ମଙ୍ଗଳବାର ଦିନ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା ଓ ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଥିଲା। ପ୍ରେମଜନିତ ଘଟଣାକୁ ନେଇ ରହିଥିବା ପୂର୍ବ ଶତ୍ରୁତାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଏ ସମ୍ପର୍କରେ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ପଚାରିବାରେ ଶ୍ରୀଧର ୨୦୧୯ ମସିହାରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଥିଲେ। ଏହି ଘଟଣାରେ ଥାନାରେ ମାମଲା ହେବା ପରେ ଶ୍ରୀଧରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ ପରେ ସେ ଜାମିନରେ ଆସିଥିଲେ। ଆସନ୍ତା ଫେବୃଆରୀ ମାସରେ ଶ୍ରୀଧରଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିବା ବେଳେ ପରିବାର ଲୋକେ ବିବାହ ପ୍ରସ୍ତୁତିରେ ଲାଗି ପଡିଥିଲେ। ଏହାକୁ ନେଇ ନୂଆପାଲି ଗ୍ରାମର ସୁରେଶ, ବିଭୀଷଣ, ଲକ୍ଷ୍ମଣ, ସୁବାସ, ହର୍ଷ ଓ ଭୁକ୍ତାପଡା ଗ୍ରାମର ବିଶ୍ୱନାଥ ଶ୍ରୀଧରଙ୍କ ଘରେ ପଶି ଆକ୍ରମଣ କରିଥିଲେ।

# ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଅଭିଯୋଗ

**ପରିବାର ବର୍ଗ ଏସ୍‌ଡିପିଓ ଏବଂ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ**

ପାଟଣାଗଡ,୨୨।୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣଗଡ ଉପଖଣ୍ଡ ଖପ୍ରାଖୋଲ ଥାନା ଦର୍ଲୀପାଲି ପଞ୍ଚାୟତ ଗୋଡଭଙ୍ଗା ଗାଁର ୬ ଜଣ ପୁରୁଷ ଓ ୪ ଜଣ ମହିଳା ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେମାନେ ମାଲିକଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ନେଇ ପରିବାରବର୍ଗ ବୁଧବାର ପାଟଣାଗଡ ଏସ୍‌ଡିପିଓ ଏବଂ ଜିଲା ଶ୍ରମଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, କାର୍ତ୍ତିକ ମାସରେ ଗୋଡଭଙ୍ଗା ଗାଁର ଶୁକ୍ରୁ କରୁଆଁ, ଜଗଦୀଶ ବାଗ ଓ ଗଣେଶ ବାଗ ତାଙ୍କ ପରିବାର ବର୍ଗଙ୍କ ସହ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ ଇଟା ଗଢିବା ପାଇଁ ଯାଇଥିଲେ। ବେଲପଡା ଥାନା ଅଞ୍ଚଳର ଜଣେ ଦଲାଲ ସେମାନଙ୍କୁ କିଛି ଟଙ୍କା ବଇନା ଦେଇ ବାକିତକ ଟଙ୍କା ସେଠାରେ ଦେବାର ପ୍ରତିଶ୍ରୁତି ଦେଇ ଭାଟିକୁ ନେଇଥିଲେ। କିନ୍ତୁ ଶ୍ରମିକମାନେ ସେଠାରେ ପହଞ୍ଚି କାମ କଲାପରେ ଭାଟି ମାଲିକ ସେମାନଙ୍କୁ ଟଙ୍କା ଦେବା ପରିବର୍ତ୍ତେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ନିର୍ଯାତନା ସହି ନ ପାରି ଶୁକ୍ରୁ ସେଠାରୁ କୌଶଳକ୍ରମେ ଖସି ପଳାଇ ଆସିଥିଲେ। ଗାଁରେ ପହଞ୍ଚି ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ସେ ତାଙ୍କ ପରିବାରବର୍ଗଙ୍କ ସହ ପ୍ରଥମେ ପାଟଣାଗଡ ଏସଡିପିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସେ ଜିଲା ଶ୍ରମଅଧିକାରୀ ସୁକାନ୍ତ ସେଠୀଙ୍କୁ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଜିଲା ଶ୍ରମଅଧିକାରୀ ସେଠୀ ତାଙ୍କ କାର୍ଯ୍ୟାଳୟକୁ ଖପ୍ରାଖୋଲ ବ୍ଲକ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକଙ୍କୁ ଡାକି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ବ୍ଲକ ଶ୍ରମ ଅଧିକାରୀ ମଲ୍ଲିକଙ୍କୁ ପଚାରିବାରେ ନିର୍ଯାତିତ ହେଉଥିବା ଶ୍ରମିକମାନଙ୍କୁ ଖୁବଶୀଘ୍ର ଉଦ୍ଧାର କରାଯିବ ବୋଲି କହିଛନ୍ତି ।

# ଏକ-ଆଶା ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ

**୨ଦିନିଆ ଚିତ୍ତାକର୍ଷକ କ୍ରୀଡ଼ା ଉତ୍ସବ, ବିଜ୍ଞାନ ପ୍ରଦର୍ଶନୀ**

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବନି ବ୍ଲକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଝରାଗୋଗୁଆ ଗ୍ରାମରେ ଏକ-ଆଶା ଟ୍ରଷ୍ଟ ଦ୍ୱାରା ଦୁଇଦିନିଆ ଅଗ୍ରଣୀ ଦାତବ୍ୟ ଓ ସାମାଜିକ ଅନୁଷ୍ଠାନ ଏକ-ଆଶା ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଯାଇଛି। ସମାବେଶରେ ଏକ-ଆଶା ବିଦ୍ୟା ବନମ ଓ ଥିଙ୍କ ସେଣ୍ଟରର ୨୦୦ଜଣ ଛାତ୍ରୀଛାତ୍ର, ୧୫୦ରୁ ଉର୍ଦ୍ଧ୍ୱ ଅଭିଭାବକ, ୨୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ, ବହୁ ସ୍ୱେଚ୍ଛାସେବୀ, ନିକଟସ୍ଥ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ୫୦ଜଣ ସମ୍ମାନିତ ଅତିଥିଙ୍କୁ ମିଶାଇ ମୋଟ ୬୦୦ରୁ ଉର୍ଦ୍ଧ୍ୱ ଆଗନ୍ତୁକ ଯୋଗଦେଇଥିଲେ। ଦେବଗଡ଼ ଜିଲାର ଏକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଝରାଗୋଗୁଆ ଗ୍ରାମରେ ଏକ-ଆଶା ଟ୍ରଷ୍ଟ ଦ୍ୱାରା ଏହି ଦୁଇଦିନିଆ ଚିତ୍ତାକର୍ଷକ କ୍ରୀଡ଼ା ଉତ୍ସବ ତଥା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସଭାକୁ ସମ୍ବୋଧିତ କରି ସ୍ଥାନୀୟ ସରପଞ୍ଚ ନଳିନୀ କିଷାନ କହିଛନ୍ତି ଏକ ବର୍ଷ ପୂର୍ବେ ଯେଉଁଠାରେ ମୋବାଇଲ ଫୋନ ନେଟୱର୍କ ଉପଲବ୍ଧ ହୋଇଥିଲା, ସେ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ଏପରି ଏକ ଚମତ୍କାର ସୁଯୋଗ ପ୍ରଦାନ କରାଯାଉଥିବା ଦେଖିବା ଅତ୍ୟନ୍ତ ରୋମାଞ୍ଚକର ବୋଲି ଦର୍ଶାଇଥିଲେ। ଯୋଗ, ମାନବ ପିରାମିଡ୍ ଏବଂ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ, ଯାହାକି କେବଳ ଆମେ ଟେଲିଭିଜନରେ ଦେଖୁଛୁ ତାହା ଆମ ପିଲାମାନଙ୍କ ପାଇଁ ଉପଲବ୍ଧ କରାଯିବା ବାସ୍ତବରେ ଅବିଶ୍ୱସନୀୟ ବୋଲି କିଷାନ କହିଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ଆଶା ଟ୍ରଷ୍ଟର ଏହି ଉତ୍ତମ ପଦକ୍ଷେପ ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ଆଶାର ଆଲୋକ ବର୍ତ୍ତିକା ସଦୃଶ ସ୍ଥାପନ ହୋଇଥିବା ସୂଚାଇଥିଲେ। ଦେବଗଡ଼ର ଜନସମୁଦାୟଙ୍କ ପାଇଁ ଉଜ୍ଜଳ ଭବିଷ୍ୟତର ପ୍ରତିଶ୍ରୁତି ବହନ କରିବା ସହିତ ଯୁବ ପୀଢ଼ିମାନଙ୍କ ହୃଦୟରେ ମହା ପ୍ରେରଣାର ଏକ ବତୀଘର ସାଜି ପାରିଥିବା ପ୍ରତୀୟମାନ ହେଉଛି ବୋଲି କହିଥିଲେ।

# ଥଇଥାନ ପାଇଁ ବିସ୍ଥାପିତ ପ୍ରମାଣପତ୍ର ବାଧ୍ୟତାମୂଳକ କରନି

**ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ହୀରାକୁଦ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ଧାରଣା**

ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)



ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ହୀରାକୁଦ ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

କ୍ଷତିପୂରଣ ଓ ଥାଇଥାନ ପାଇଁ ସରକାରଙ୍କ ନୀତିଗତ ନଷ୍ପତ୍ତି ଓ ନିର୍ଦ୍ଦେଶ ସତ୍ତ୍ୱେ ହୀରାକୁଦ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ବିଳମ୍ବିତ ହେଉଛି। କ୍ଷତିପୂରଣ ଓ ଥଇଥାନ ଆଶାରେ ବିସ୍ଥାପିତ ପରିବାର ମଧ୍ୟରୁ ଅନେକେଙ୍କ ମୃତ୍ୟୁ ଘଟିସାରିଲାଣି। ସେମାନଙ୍କ ଦାୟଦ ଦୁର୍ବିସହ ଜୀବନ ଜିଉଁଛନ୍ତି ବୋଲି କହିଛନ୍ତି ହୀରାକୁଦ ବିସ୍ଥାପିତ ପରିବାର। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ସୁନ୍ଦରଗଡ଼ ଆଦି ଜିଲାର ବିଭିନ୍ନ ଅଞ୍ଚଳରୁ ହୀରାକୁଦ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ଶତାଧିକ ସଦସ୍ୟ ପରିବାର ସହିତ ଧାରଣା ଦେଇଥିଲେ। ଆର୍‌ଡିସିଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ତାଙ୍କ ଅନୁପସ୍ଥିତରେ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କ ଦାବି ମଧ୍ୟରେ ଗ୍ରାମ କମିଟି ସୁପାରିଶ ଆଧାରରେ ବିସ୍ଥାପିତଙ୍କୁ ଘରଡିହ, ଜମିପଟ୍ଟା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ, ବିସ୍ଥାପିତ ପ୍ରମାଣପତ୍ର ବାଧ୍ୟତାମୂଳକ କରା ନ ଯିବା, ସର୍ଭେ ଓ ବନ୍ଦୋବସ୍ତ ପ୍ରକ୍ରିୟାରୁ ବାଦ ଦିଆଯାଇଥିବା ଲଖନପୁର ବ୍ଲକ ଅଙ୍କୁଲି, ଝାରୁପଡ଼ା ଓ ରମ୍ଭାଲୁଗା ଅଣରାଜସ୍ୱ ଗ୍ରାମରେ ତୁରନ୍ତ ସର୍ଭେ ଓ ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ କରିବା, ଅଡ଼ାପଡ଼ା ଅଣରାଜସ୍ୱ ଗ୍ରାମର ପରିବାରଙ୍କୁ ସେମାନଙ୍କ ଦଖଲରେ ଥିବା ଜମିର ରୟତି ପଟ୍ଟା ପ୍ରଦାନ, ଲଖନପୁର ତହସିଲ୍‌ରେ ଡିସିପଟା ଜନିତ ଅନୁମତି ପତ୍ରକୁ ରୟତି ପଟ୍ଟା ପାଇଁ ଆବେଦନ କରିଥିବା ୧୦୨ ପରିବାରଙ୍କୁ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରିବା ଆଦି ଦାବି ଉପସ୍ଥାପନ କରିଛି ସଂଗ୍ରାମ ସମିତି।

ସମିତି ପକ୍ଷରୁ କୁହାଯାଇଛି ଯେ, ହୀରାକୁଦ ନଦୀବନ୍ଧ ପାଇଁ ସମଗ୍ର ଅଞ୍ଚଳର ଦେଢ ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ସହିତ ୭୫୦ବର୍ଗ କିଲୋମିଟର ବ୍ୟାପି ଜଳଭଣ୍ଡାର ଅଞ୍ଚଳରେ ଥିବା ୩୬୯ଟି ଗାଁ ପାଣିରେ ବୁଡ଼ିଗଲା। ପ୍ରାୟ ୨୬ ହଜାର ୫୦୧ ପରିବାର ନିଜ ଭିଟା ମାଟି ଛାଡ଼ି ବିସ୍ଥାପିତ ହେଲେ। ୨୦୦୨ ଜାନୁଆରୀ ୧ରେ ଜାରି ଓଡ଼ିଶା ସରକାର ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୫୫୩୧ ଅନୁସାରେ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଆଦି ଜିଲାର ଜିଲାପାଳମାନଙ୍କ ସହ ଆର୍‌ଡିସିଙ୍କୁ ପ୍ରତି ବିସ୍ଥାପିତ ପରିବାରକୁ ଚିହ୍ନଟ କରି କ୍ଷତିପୂରଣ ସ୍ୱରୂପ ୧୦ ଡିସିମିଲ ପରିମିତ ଘରଡିହ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏଥିପ୍ରତି ଆଦୌ ଧ୍ୟାନ ଦିଆଗଲାନାହିଁ। ଉକ୍ତ ନିର୍ଦ୍ଦେଶନାମାର ୨୨ ବର୍ଷ ପରେ ୨୦୨୪ ନଭେମ୍ବରରେ ଜମିପଟ୍ଟା ପାଇଁ ଦରଖାସ୍ତ ଆବେଦନ କରିଥିବା ଅବିଭକ୍ତ ସମ୍ବଲପୁର ଜିଲା ଓ ସୁନ୍ଦରଗଡ଼ ଜିଲାର ୧୬୯୩୪ ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ମାତ୍ର ୧୧୦୦ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ମାତ୍ର ସେମାନଙ୍କ ପାଇଁ ରୟତି ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯାଇନାହିଁ ବୋଲି ସଂଗ୍ରାମ ସମିତ ପ୍ରକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଯଥାଶୀଘ୍ର ବିସ୍ଥପିତଙ୍କୁ ଥଇଥାନ ସହିତ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି।

# ସୁରେନ୍ଦ୍ର ସାଏ ଜୟନ୍ତୀ ପାଇଁ ଖିଣ୍ଡାରେ ଜୋରଦାର ପ୍ରସ୍ତୁତି



ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

ସମ୍ବଲପୁର,୨୨।୧(ଭବାନୀ ଶଙ୍କର ଭୋଇ)

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିନ ଜାନୁଆରୀ ୨୩ ତାରିଖ। ଏଥିପାଇଁ ସଂଗ୍ରାମୀଙ୍କ ଜନ୍ମମାଟି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ନେତା ଏଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏହି ଐତିହାସିକ ପୀଠକୁ ବିକଶିତ କରି ନୂଆଁ ରୂପ ଦେବାପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬କୋଟି ୩୮ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନରେ ଥିବା ୬୩ହଜାର ବର୍ଗମିଟର ପରିମିତ ଜମିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି। ପ୍ରକଳ୍ପଗୁଡିକ ମଧ୍ୟରେ ସ୍ୱାଗତ ତୋରଣ, ସୁରେନ୍ଦ୍ର ସାଏ ସ୍ମୃତି ସଦନ, ସଭା ମଞ୍ଚ, ସମାବେଶସ୍ଥଳ ସହ ପର୍ଯ୍ୟଟକମାନଙ୍କ ପାଇଁ ପାନୀୟ ଜଳ, ପ୍ରସାଧନ କକ୍ଷ ଏବଂ ବସିବା ସୁବିଧା ଭଳି ଅନେକ ବ୍ୟବସ୍ଥା କରାଯାଉଛି । ଏହାସହ ଜନ୍ମମାଟି ପରିସରରେ ପୂର୍ବରୁ ନିର୍ମାଣ କରାଯାଇଥିବା ପାଠାଗାର ଏବଂ ସଂଗ୍ରହାଳୟର ପୁନାରୁଦ୍ଧାର କାର୍ଯ୍ୟ ଜାରି ରହିଛି। ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ- ୨କୁ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ବୀର ସୁରେନ୍ଦ୍ର ଏବଂ ତାଙ୍କ ଭାଇମାନେ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରି ଦେଶପାଇଁ ବଳିଦାନ ଦେଇଥିଲେ। ବୀର ସୁରେନ୍ଦ୍ର ୨ଟି ଦଫାରେ ଦୀର୍ଘ ୩୭ବର୍ଷ କାଳ ବ୍ରିଟିଶ କାରାଗାରରେ ଅତିବାହିତ କରି ପ୍ରାଣତ୍ୟାଗ କରିଥିଲେ। ଭାଇ ଉଦନ୍ତ ସାଏ ୪୭ବର୍ଷ ବନ୍ଦୀ ଜୀବନ ବିଶ୍ୱ ଇତିହାସରେ ଅନନ୍ୟ। ସଂଗ୍ରାମୀଙ୍କ ଜନ୍ମମାଟିକୁ ପାଇଁ ବିକଶିତ କରାଯାଉଥିବାରୁ ଅଞ୍ଚଳ ବାସୀଙ୍କ ଭିତରେ ଉତ୍ସାହ ଦେଖାଦେଇଛି ।

# ରେଢାଖୋଲକୁ ହରାଇ ସମ୍ବଲପୁର ଚାମ୍ପିୟନ

**୩୮ତମ ଆନ୍ତଃରାଜ୍ୟ ହକି ଟୁର୍ନାମେଣ୍ଟ**

ଅମରପାଲି,୨୨।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ. ପତ୍ରାପାଲି ପଞ୍ଚାୟତ ଅନ୍ତର୍ଗତ ଗିନ୍ଦିଲାମାଲରେ ଚାରିଦିନ ଧରି ଚାଲିଥିବା ୩୮ ତମ ଆନ୍ତଃରାଜ୍ୟ ହକି ଟୁର୍ନାମେଣ୍ଟ ବୁଧୁବାର ଅପରାହ୍ନ ୫ଟା୩୦ରେ ଉଦ୍‌ଯାପିତ ହୋଇଯାଇଛି। ଉଲୁଣ୍ଡା ଯୁବ ମହାସଂଘ ଓ ଗିନ୍ଦିଲାମାଲ ଆଦିବାସୀ ବିକାଶ କ୍ଲବ ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ସମ୍ବଲପୁର ଓ ରେଢାଖୋଲ ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ରେଢାଖୋଲକୁ ୨-୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଆୟୋଜକ ସଭାପତି ଅନିଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଏସ. ପତ୍ରାପାଲି ସରପଞ୍ଚ ସନାତନ ମହାଲିକ, ସିଣ୍ଡୋଲ ସରପଞ୍ଚ ପ୍ରଦୀପ ଦେହୁରୀ, ଜଉଁରାଭଉଁରାର ପୂର୍ବତନ ସରପଞ୍ଚ ତ୍ରିନାଥ ଭୋଇ, କ୍ରିଡ଼ାବିତ ଖିରସାଗର ବିଭାର, ସୁଦାମ ମହାକୁର, ଅଂଶୁମାନ ମହାକୁର, ପ୍ରମୋଦ ପ୍ରଧାନ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡିକରେ ସୁନିଲ ପୂର୍ତ୍ତୀ ଓ ଗାବ୍ରେଲ ପୂର୍ତ୍ତୀ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଗୁଲସନ ଜୋଜୋ ସ୍କୋରର ଏବଂ ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାରି ଦିନ ଧରି ହେଉଥିବା ଏହି ଟୁର୍ନାମେଣ୍ଟରେ ସୁବର୍ଣ୍ଣପୁର,ସମ୍ବଲପୁର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼ ସମେତ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟର ୨୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟ ପରିଚାଳନାରେ ବ୍ଲକ ସ୍ପୋର୍ଟସ ଆସୋସିଏଶନ ସଭ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

# ଫାଇନାଲରେ ନବଜୀବନ କ୍ରିକେଟ୍ କ୍ଲବ

**ସର୍ବଭାରତୀୟ ଲାଲମନି କ୍ରିକେଟ୍**

ସୋନପୁର,୨୨।୧(ମୃତ୍ୟୁଞ୍ଜୟ ଶତପଥୀ)




ସୁନ୍ଦରଗଡର ବ୍ରିଜେଶ ଶର୍ମାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ୫ଟା ୪୫ରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡର ନବଜୀବନ କ୍ରିକେଟ୍ କ୍ଲବ ମୁମ୍ବାଇର ରକେଟ୍ ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଟି ୨୦ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୧୧ରନ କରିଥିଲା। ଦଳ ପକ୍ଷରୁ ତଶ୍ରିଫ ଖାନ୍ ୨୯ବଲରୁ ୨୩ରନ, ଗୋପାଲ ୨୦ବଲରୁ ୨୧ରନ, ରଣଜିତ୍ କୁମାର ୧୩ବଲରୁ ୧୩ରନ ଓ ନରେନ୍ଦ୍ର ପ୍ରସାଦ ୧୩ବଲରୁ ୧୦ରନ ସଂଗ୍ରହ କରିଥିଲେ। ସୁନ୍ଦରଗଡ ପକ୍ଷରୁ ବ୍ରିଜେଶ ଶର୍ମା ଓ ରାହୁଲ ରେଡ୍ଡି ୩ଟି କରି , ସୌଭାଗ୍ୟ ରାଉତ ୨ଟି, ସୌମ୍ୟ ଲେଙ୍କା ଓ ୱାଲଟର ଟୋପେ ପ୍ରତ୍ୟେକ ଗୋଟିଏ କରି ଉଇକେଟ୍ ନେଇଥିଲେ। ଜବାବରେ ସୁନ୍ଦରଗଡ ଦଳ ଗୌରବ ଚୌଧୁରୀଙ୍କ ୧୭ବଲରୁ ୩୭ରନ, ବିଭାସ ସାଙ୍କ ଅପରାଜିତ ୨୩ରନ ଓ ବିକାଶ ଚୌଧୁରୀଙ୍କ ୨୦ବଲରୁ ୨୦ରନ ସହାୟତାରେ ୧୧୨ରନର ବିଜୟ ଲକ୍ଷ୍ୟକୁ ୧୨.୪ ଓଭରରେ ୩ଟି ଉଇକେଟ୍ ହରାଇ ହାସଲ କରି ନେଇଥିଲେ। ସେହିପରି ବୋନସ ୬ରନ ପାଇଥିଲେ।

ଟି ୧୦ ମ୍ୟାଚ୍‌ରେ ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂ କରି ସୁଦର୍ଶନ କୁମାର ସିଂହଙ୍କ ୨୨ବଲରୁ ୪୪ରନ ଓ ତଶ୍ରିଫ ଖାନ୍‌ଙ୍କ ୨୦ବଲରୁ ୩୧ରନ ସହାୟତାରେ ୭ଉଇକେଟ୍ ବିନିମୟରେ ୮୬ରନ ସଂଗହ କରିଥିଲା। ସୁନ୍ଦରଗଡ ପକ୍ଷରୁ ସୌମ୍ୟ ଲେଙ୍କା ସର୍ବାଧିକ ୪ଟି, ବ୍ରିଜେଶ ଶର୍ମା ୨ଟି ଓ ସୌଭାଗ୍ୟ ରାଉତ ୧ଟି ଉଇକେଟ୍ ଅକ୍ତିୟାର କରିଥିଲେ। ୯୦ରନର ବିଜୟ ଲକ୍ଷ୍ୟକୁ ସୁନ୍ଦରଗଡ ଦଳ ପ୍ରବୀଣ ଲୁହାଙ୍କ ୨୩ବଲରୁ ୪୨ରନ, ବିଭାସ ସାଙ୍କ ୧୪ବଲରୁ ୨୩ରନ ଓ କ୍ରିଷ୍ଟୋଫର ଆୟୁଷଙ୍କ ୮ବଲରୁ ୧୩ରନ ସହାୟତାରେ ୯ ଓଭରରେ ମାତ୍ର ୩ ଉଇକେଟ୍ ହରାଇ ହାସଲ କରି ନେଇଥିଲା। ମୁମ୍ବାଇ ପକ୍ଷରୁ ଭିକି ରଞ୍ଜନ ୨ଟି ଉଇକେଟ୍ ନେଇଥିଲେ। ଉଭୟ ଟି ୨୦ ଓ ଟି ୧୦ ମ୍ୟାଚ୍‌ରେ ବିଜୟୀ ହୋଇ ସୁନ୍ଦରଗଡ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦଳର ବ୍ରିଜେଶ ଶର୍ମାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ପୋଲିସ ହାବିଲଦାର-କନଷ୍ଟେବଲ ସଂଘର ସୁବର୍ଣ୍ଣପୁର ଜିଲା ସଭାପତି ଦିନେଶ ମିଶ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସତ୍ୟ ପ୍ରସାଦ ରଥ ଓ ପୃଥ୍ୱୀରାଜ ମିଶ୍ର। ସ୍କୋରର ଥିଲେ ବିନୋଦ ପାତ୍ର। ଅନଲାଇନ ସ୍କୋରିଂ କରିଥିଲେ ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ ବି ଏସ ରାଓ, ଅଚ୍ୟୁତ ମିଶ୍ର ଓ ପାର୍ଥସାରଥୀ ଦାଶ।

# ମିଳିଗଲା ଶୁଭଦିନ

ଓଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ବିଜୟ କାନ୍ଦୋଇ ନିକଟରେ ତାଙ୍କ ଦ୍ୱାରା ପ୍ରଯୋଜିତ ତଥା ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ସନାତନୀ : କର୍ମ ହିଁ ଧର୍ମ'ର ରିଲିଜ ତାରିଖ ଘୋଷଣା କରିଛନ୍ତି। ଏହି ଶୁଭ ଦିନଟି ହେଲା ଆସନ୍ତା ମାସ ୭ ତାରିଖ। ଉକ୍ତଦିନରେ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହାକୁ ଦର୍ଶକ ଦେଖିବାକୁ ପାଇବେ। ବିଦିଶା କ୍ରାଫ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ବାସୁଦେବ ବରାଡ଼। ଫିଲ୍ମର ସଂଳାପ ମାନସ ରଞ୍ଜନ ସାମଲ ଏବଂ ଦୀପ୍ତି ପଟ୍ଟନାୟକ ଲେଖିଛନ୍ତି। ଗୀତ ରଚନା ଡା. ନିର୍ମଳ ନାୟକ କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଅଭିଜିତ ମଜୁମଦାର। ''ଏହାର କାହାଣୀ ମୁଖ୍ୟତଃ ଧର୍ମାନ୍ତୀକରଣ ଉପରେ ପର୍ଯ୍ୟବସିତ। କିନ୍ତୁ ତାକୁ ସକାରାତ୍ମକ ଭାବେ ଉପସ୍ଥାପିତ କରାଯିବ, ଯେପରି କାହାକୁ ଆଘାତ ପହଞ୍ଚିବ ନାହିଁ। ଏପରି କି କୌଣସି ଧର୍ମକୁ ବି ଆକ୍ଷେପ କରାଯାଇନାହିଁ ବୋଲି କହନ୍ତି ପ୍ରଯୋଜକ।'' ଏଥିରେ ଓଲିଉଡର ଆଗଧାଡ଼ିର ଅଭିନେତା ସମ୍ୱିତଙ୍କୁ ଏକ ଭିନ୍ନ ଚରିତ୍ର ଓ ଗେଟଅପ୍‌ରେ ଦର୍ଶକ ଦେଖିବାକୁ ପାଇବେ ଏବଂ ତାଙ୍କ ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା।



'ସନାତନୀ' ଫିଲ୍ମରେ ସମ୍ୱିତ

ସମ୍ୱିତ- ଆର୍ଲିନଙ୍କ ବ୍ୟତୀତ ପପି ସନ୍ତୁକା, ଗୁଡୁ, ଜଗନ୍ନାଥ ସେଠ, ଗୋପାଳ ପ୍ରକାଶ ମହାନ୍ତି ଓ ବବଲୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

**ପରଦାରେ...**

## ଭାଇ

ଏକ ଭିନ୍ନ ସ୍ୱାଦର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଭାଇ'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୨୪ ତାରିଖରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଭାଇ-ଭଉଣୀର ଅନାବିଳ ସ୍ନେହକୁ ନେଇ କାହାଣୀ ଗତିଶୀଳ। ଏଥିରେ ଭାଇ ଭୂମିକାରେ ସୁଜିତ ଅଭିନୟ କରୁଥିବା ବେଳେ ଭଉଣୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଦିବ୍ୟା। ଏହାପୂର୍ବରୁ ପୃଥ୍ୱୀରାଜଙ୍କ ନିର୍ଦ୍ଦେଶିତ ତାଣ୍ଡବ, ମାଲ୍ୟଗିରି ଏବଂ 'ଗୁପ୍‌ଚୁପ୍' ଦର୍ଶକାଦୃତ ହୋଇସାରିଛି। ଏହି ଫିଲ୍ମରେ ଅମ୍ଳାନ ଦାସ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି। ପୃଥ୍ୱୀରାଜ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡିକ ସ୍ୱର ଦେଇଛନ୍ତି ନବ୍ସ ସରୋଜ। ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଓଡ଼ିଶା ବାହାରେ ମନାଲି, ଲଦାଖ ଇତ୍ୟାଦି ସ୍ଥାନରେ ମଧ୍ୟ ଏହାର ଶୁଟିଂ ହୋଇଛି। ଆମର ଷ୍ଟୁଡିଓ ଏବଂ ଶ୍ରେୟାନ୍ସ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ 'ଭାଇ'ର ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ ଏବଂ କାଜଲ ରୟ। ଏହି ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି।



'ଭାଇ' ଫିଲ୍ମରେ ସୁଜିତ

# ଚିନ୍ତା କରି ନ ଥିଲେ ବାଣୀ



ବାଣୀ କପୁର

ବେଳେବେଳେ ମଣିଷ ଯାହା ଭାବି ନ ଥାଏ ତାହା ଘଟିଥାଏ। ଦେଖୁନାହାନ୍ତି ସେ କେବେ ଚିନ୍ତା କରି ନ ଥିଲେ ତାଙ୍କୁ ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ବ୍ରେକ୍ ମିଳିବ। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ସେ ଏହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ସେ ହଁ ଭରିଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମଟିର ଶୁଟିଂ ଶେଷ ହୋଇ ରିଲିଜ ହେଲା, ଆଉ ଚିତ୍ରଟି ବକ୍ସ ଅଫିସରେ ଭଲ ବିଜ୍‌ନେସ୍ ମଧ୍ୟ କରିଥିଲା। ହଁ, ଏଠାରେ ଯାହାଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି ସେ ହେଉଛନ୍ତି ବାଣୀ କପୁର। ଯଶରାଜ ଫିଲ୍ମସ ବ୍ୟାନରରେ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। କେବଳ ସେତିକି ନୁହେଁ, ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମହେଶ ଶର୍ମା। ଏଥିରେ ବାଣୀଙ୍କ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ୨୦୧୩ରେ ରିଲିଜ ହୋଇଥିବା ଉକ୍ତ ଚିତ୍ରର ବଜେଟ ଥିଲା ମାତ୍ର ୨୨ କୋଟି, କିନ୍ତୁ ବକ୍ସ ଅଫିସରେ ଚଳଚ୍ଚିତ୍ରଟି ୭୬କୋଟି ବିଜ୍‌ନେସ୍ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସେ ଅଭିନୟ କରିଥିବା ରାଜ କୁମାର ଗୁପ୍ତାଙ୍କ ଫିଲ୍ମ 'ରେଡ୍-୨' ଚଳିତବର୍ଷ ମେ' ୧ରେ ରିଲିଜ ହେବାକୁ ଯାଉଛି।

# ପରିଶ୍ରମର ଫଳ ମିଳିଛି

**ଜନ୍ମ ଓଡ଼ିଶାରେ କିନ୍ତୁ କର୍ମଭୂମି ମୁମ୍ବାଇ। ଦୀର୍ଘ ୨୦ ବର୍ଷ ଧରି ସେ ଏଡିଟିଂ, ଡବିଂ, ମିକ୍ସିଂ ଏପରି ସେନ୍‌ସର କାମଗୁଡ଼ିକୁ ବେଶ୍ ସୁଚାରୁ ରୂପେ ତୁଲାଇ ପାରିଛନ୍ତି। ସେ ହେଲେ ଡବିଂ ଡାଇରେକ୍ଟର ମାନବ ମହାପାତ୍ର। ନିଜ ବିଷୟରେ ସେ ଯାହା କହନ୍ତି..**

**ମୋ କଥା**



ମାନବ ମହାପାତ୍ର

''କୌଣସି କାମରେ ସଫଳ ହେବା ସହଜ କଥା ନୁହେଁ। ପୁଣି ମୁମ୍ବାଇ ପରି ସହରରେ ନିଜକୁ ପରିଚିତ କରାଇବାର ସ୍ୱପ୍ନ ମୁଁ ଦିନେ ଦେଖିଥିଲି। ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ ଆଜି ମୋତେ ତାହା ଆଣି ଦେଇଛି। ହିନ୍ଦୀ ବ୍ୟତୀତ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମାଗୁଡିକର ଡବିଂ, ଏଡିଟିଂ, ମିକ୍ସିଂ ପରି ଗୁରୁତ୍ୱପୂର୍ଣ୍ଣ କାମ କରିବାରେ ନିଜକୁ ବ୍ୟସ୍ତ ରଖିଛି। ନିଜ ଆଶାକୁ ପୂରଣ କରିବାକୁ ଦିନେ ମୁଁ ମନ ଦୃଢ଼ କରି ଆଗେଇଥିଲି। ଆଜି ଯେଉଁଠି ପହଞ୍ଚିପାରିଛି ତାହା ମୋ ପରିଶ୍ରମର ଉପଯୁକ୍ତ ମୂଲ୍ୟ ବୋଲି କହନ୍ତି ମାନବ।'' ସୋନପୁର ଜିଲାରେ ଜନ୍ମିତ ମାନବ ଏବେ ମୁମ୍ବାଇରେ ଏଡିଟିଂ, ମିକ୍ସିଂ କ୍ଷେତ୍ରରେ ଜଣେ ପରିଚିତ ନାମ। ଏପରି ସେ 'ରୁଦ୍ର ସଲିଟ୍ୟୁନୋଜ କମ୍ପାନୀ' ନାମକ ଏକ ସଂସ୍ଥା ଖୋଲିଛନ୍ତି। ସେ ପୁଣି କହନ୍ତି, ''ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ଆଜି ସବୁ ସମ୍ଭବ ହୋଇଛି। ମୋତେ ମିଳିଥିବା ପ୍ରତିଟି କାମକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ନିକଟରେ 'ପୁଷ୍ପା-୨'ର ପୋଷ୍ଟ ପ୍ରଡକ୍ସନ କାମ କରିବା ବେଳେ ତାହା ସତେଯେମିତି ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏହାବ୍ୟତୀତ 'ଲକି ଭାସ୍କର', 'ମାର୍କୋ', 'ଖୁସି', 'ଗଡଫାଦର', 'ହିଟ୍-୨', 'ଗୋଲ୍ଡ', 'ରାମା ରାଓ ଅନ ଡିୟୁଟି', 'ଇନେମି' ଆଦି ପ୍ରୋଜେକ୍ଟର ଏଡିଟିଂ, ମିକ୍ସିଂ କାମ ଶେଷ କରିଛି। ଏହାବ୍ୟତୀତ ସୋନି, ଷ୍ଟାର ଗୋଲ୍ଡ, କଲର୍ସ, ଜୀ, ବିଫରୟୁ ଏବଂ ଏଣ୍ଟରଟେନ୍‌ପରି ନାମୀ ଚ୍ୟାନେଲ ସହ ମୁଁ ମଧ୍ୟ ଜଡିତ।''

# ଅପେକ୍ଷା ଦୁଇ ଘଣ୍ଟାର

ଚିଙ୍କି ତନୟା ଅନନ୍ୟା ପାଣ୍ଡେ। ଏକଦା ତାଙ୍କୁ ଏକ ଶୁଟିଂ ସେଟ୍‌ରେ ପାଖାପାଖି ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ କ'ଣ ପାଇଁ ଜାଣିବେନି? ଶୁଟିଂ ସମୟରେ ତ ଲଞ୍ଚ ଆଉ ଡିନର ବ୍ରେକ୍ ନିଶ୍ଚୟ ଥିବ। ହେଲେ ସେ ପୁଣି ଖାଇବାକୁ ଏତେ ସମୟ କାହିଁକି ଅପେକ୍ଷା କଲେ? କଥା କ'ଣ କି ସେଦିନ ତାଙ୍କର ମନ ହେଲା ବଟର ଚିକେନ ଆଉ ନାନ୍ ଖାଇବାକୁ। ହେଲେ ଡିନରରେ ସେଦିନ ସେପରି ଆୟୋଜନ ନ ଥିଲା। ତେଣୁ ପ୍ରଯୋଜକ ବାଧ୍ୟ ହୋଇ ଅନନ୍ୟାଙ୍କର ଏହି ପସନ୍ଦୀୟ ଖାଦ୍ୟ ନିକଟସ୍ଥ ଏକ ହୋଟେଲରୁ ମଗାଇଥିଲେ। ଯଦିଓ ଖାଦ୍ୟ ଆସି ଶୁଟିଂ ସେଟ୍‌ରେ ପହଞ୍ଚିବାକୁ ପାଖାପାଖି ଦୁଇ ଘଣ୍ଟା ଲାଗିଯାଇଥିଲା ହେଲେ ସେ ପର୍ଯ୍ୟନ୍ତ ଅନନ୍ୟା ଅପେକ୍ଷା କରିଥିଲେ। କେବଳ ସେତିକି ନୁହେଁ ତାଙ୍କ ଖାଇବା ପାଇଁ ଯେମିତି ଶୁଟିଂ ପ୍ରଭାବିତ ନ ହୁଏ ତେଣୁ ତା' ଭିତରେ ଦୁଇଟ୍ ଶଟ୍ ମଧ୍ୟ ସେ ଦେଇସାରିଥିଲେ। ଏ ବିଷୟରେ ଅନନ୍ୟା କହନ୍ତି, ''ଏଭଳି ଘଟଣା ଘଟିଥିଲା 'ଖେଲ୍ ଖେଲ୍ ମେଁ' ଶୁଟିଂ ସମୟରେ। ଯେତେବେଳେ ପ୍ରଯୋଜକ ଭୂଷଣ କୁମାର ମୋ ଖାଇବା ବିଷୟରେ ଜାଣିବାକୁ ପାଇଲେ ସେ ବିଳମ୍ବ ନ କରି ସେଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ଏକ ହୋଟେଲରୁ ମୋ ପାଇଁ ବଟର ଚିକେନ୍ ଆଉ ନାନ୍ ମଗାଇଥିଲେ। ହେଲେ ତା' ଭିତରେ ମୁଁ ଦୁଇଟି ଶଟ୍ ଦେଇ ସାରିଥିଲି।'' ବର୍ତ୍ତମାନ ଅନନ୍ୟା ଅଭିନୟ କରିଥିବା 'ଶଙ୍କରା'ର ଶୁଟିଂ ନିକଟରେ ଶେଷ ହୋଇଛି।



ଅନନ୍ୟା

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ

ଦକ୍ଷିଣ ଭାରତୀୟ ସିନେମା ଜଗତରେ ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟି। ହେଲେ ଅଭିନୟ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି? ଏହାପୂର୍ବରୁ ସେ ଯୋଗ ପ୍ରଶିକ୍ଷଣ ଦେଉଥିଲେ। କେବଳ ସେତିକି ନୁହେଁ, ଏ କ୍ଷେତ୍ରରେ ସେ ମଧ୍ୟ ସାଉଁଟି ଥିଲେ ବେଶ୍ ପ୍ରଶଂସା। ଏକଦା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ପଡ଼ିବ ସେ କଥା ସେ କେବେ ଭାବି ନ ଥିଲେ। ଥରେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ଏକ ଫିଲ୍ମର ଅଡିଶନରେ ସିଲେକ୍ଟ ହେବା ପରେ ଅଭିନୟ ପ୍ରତି ତାଙ୍କର ମନ ଢଳିଥିଲା। ଅନୁଷ୍କାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୁପର' ଏବଂ ଏହା ୨୦୦୫ରେ ରିଲିଜ ହୋଇଥିଲା। ଏହାର ନାୟକ ସାଜିଥିଲେ ନାଗାର୍ଜୁନ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ଅନୁଷ୍କା ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ।



ଅନୁଷ୍କା

# ଆଞ୍ଜେଲ

ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଞ୍ଜେଲ'। ଏହି ଚିତ୍ରଟି ଚଳିତ ମାସ ୩୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସଂଘମିତ୍ରା ବେହେରା। ଶୁଭମ ସିନେ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ଏହାର କାହାଣୀ ଅନୁସାରେ ଜଣେ ସାହସୀ ପୋଲିସ ଅଧିକାରୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୮ ବର୍ଷର ଝିଅକୁ ତାଙ୍କ ବାସଭବନରୁ ଅପହରଣ କରାଯାଇଛି। ଅନ୍ୟପକ୍ଷରେ ନିଜ ବିଭାଗର ଖ୍ୟାତିକୁ ବଞ୍ଚାଇରଖିବା ପାଇଁ ୨୪ଘଣ୍ଟା ମଧ୍ୟରେ ମାଷ୍ଟରମାଇଣ୍ଡକୁ



'ଆଞ୍ଜେଲ' ଫିଲ୍ମରେ ପାର୍ଥ

ଧରିବା ପୋଲିସ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି। ତେବେ କିଏ କରିଛି ଏ ଅପହରଣ ଏବଂ କାହିଁକି କରିଛି? ସୂର୍ଯ୍ୟକାନ୍ତ ମାଷ୍ଟରମାଇଣ୍ଡକୁ ଧରି ପାରିବେ ତ? ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ରହିଛି ସିନେମାରେ। ଚଳଚ୍ଚିତ୍ରର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜିତେନ୍ଦ୍ରୀୟ ପ୍ରଧାନ। ପାର୍ଥସାରଥି ରାୟ, କାଭ୍ୟା କିରଣ, ପ୍ରସନଜିତ ମହାପାତ୍ର, ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଶିଶୁ କଳାକାର ସାଇ ତ୍ରିଷ୍ଟା ଆଞ୍ଜେଲ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ ଚନ୍ଦ୍ର ପରିଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଶେଷ ଦାସ। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡିଆ ପ୍ଲାନରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

# ସନ୍ନିଙ୍କ ଗଡ୍‌ଫାଦର

ବଲିଉଡ୍‌ରେ ସନି ଦେଓଲ ଅଭିନୟରେ କେତେକ ପାରଙ୍ଗମ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ପ୍ରଥମ ଫିଲ୍ମ 'ବେତାବ' ହେଉ ଅବା 'ଘାୟଲ', 'ଦାମିନୀ', 'ଗଦ୍ଦର-ଏକ ପ୍ରେମ କଥା', 'ଜିତ୍' ଏବଂ 'ବର୍ଡର' ପରି ସୁପରହିଟ୍ ଫିଲ୍ମରେ ସେ ନିଜ ଅଭିନୟ ଛାପ ଛାଡିଯାଇଛନ୍ତି। ତେବେ ସେ କାହା ଅଭିନୟ ଦ୍ୱାରା ବେଶି ପ୍ରଭାବିତ ହୋଇଛନ୍ତି? ହିନ୍ଦୀ ସିନେମାରେ ହି-ମ୍ୟାନ୍ ଭାବରେ ପରିଚିତ ଧର୍ମେନ୍ଦ୍ରଙ୍କ ଏହି ଜ୍ୟେଷ୍ଠ ପୁତ୍ର ନିଜ ପିତାଙ୍କୁ ଗଡ୍‌ଫାଦର ଭାବରେ ମାନି ଥାଆନ୍ତି। ସିନେମା ସମ୍ପର୍କିତ ପ୍ରତିଟି କଥା ସେ ତାଙ୍କ ସହ ଶେୟାର କରିବାକୁ ଭୁଲି ନ ଥାନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସନ୍ନି ବର୍ମିଂହାମ୍‌ରେ ଆକ୍ଟିଂ କୋର୍ସ କରିବାକୁ ଯାଉଥିଲେ। ସେତେବେଳେ ସେ ନିଜ ସହ ଧର୍ମେନ୍ଦ୍ର ପିନ୍ଧୁଥିବା ଏକ ଜିନ୍ସକୁ ସାଙ୍ଗରେ ନେଇଥିଲେ। ପରଦା ଉପରେ ଆକ୍ସନ ଭୂମିକାକୁ ଜୀବନ୍ତ ଭାବରେ ତୁଲାଇଥିବା ଏହି ଅଭିନେତା ଯେତେବେଳେ ଧର୍ମେନ୍ଦ୍ରଙ୍କ ସାମନାରେ ବସନ୍ତି ସେତେବେଳେ ସେ କେତେ ଶାନ୍ତ ତାହା ଦେଖିବାକୁ ମିଳିଥାଏ। ଏପର୍ଯ୍ୟନ୍ତ ସେ କଦାପି ତାଙ୍କ ପାପାଙ୍କ ସମ୍ମୁଖରେ ମୁଣ୍ଡ ଟେକି କଥା ହୋଇ ନାହାନ୍ତି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜକୁ ବଲିଉଡ୍ ସହ ଜଡିତ ରଖିଛନ୍ତି। ତାଙ୍କ ଅଭିନୀତ 'ଲାହୋର ୧୯୪୭', 'ଜାଟ୍' ଏବଂ 'ବର୍ଡର ୨' ଚଳିତବର୍ଷ ରିଲିଜ ହେବାର ଯୋଜନା ରହିଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୩/୨୦୨୫ Bhubaneswar, Thursday, January 23/ 2025

# ଭାରତର ସହଜ ବିଜୟ

**କୋଲକାତା, ୨୨।୧**

ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଭାରତ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ସହଜ ବିଜୟ ହାସଲ କରିଛି। ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ଇଂଲଣ୍ଡ ଇନିଂସକୁ ୨୦ ଓଭରରେ ୧୩୨ ରନରେ ସୀମିତ ରଖିଥିଲେ। ଜବାବରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୨.୫ ଓଭରରେ ୩ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ୪୧ ରନ ଯୋଗ ହେବାପରେ ସଞ୍ଜୁ ସାମସନ ବ୍ୟକ୍ତିଗତ ୨୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଖରାପ ଫର୍ମ ଜାରି ରଖି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯଦିଓ ଡକ୍ (୦)ରେ ଆଉଟ ହୋଇଥିଲେ ତେବେ ଅଭିଷେକ ଦ୍ରୁତ ହାରରେ ରନ ସଂଗ୍ରହ କରି ସେହି କ୍ଷତିକୁ ଭରଣା କରିବା ସହ ଭାରତ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ସେ ମାତ୍ର ୩୪ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୮ ଛକା ସହାୟତାରେ ୭୯ ରନ ସଂଗ୍ରହ କରିଥିଲେ। ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

## ଅର୍ଶଦୀପଙ୍କ ମାଇଲଖୁଣ୍ଟ

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ସେ ଯୁଜବେନ୍ଦ୍ର ଚହଲଙ୍କ ନାମରେ ଥିବା ୯୬ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୨୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଅର୍ଶଦୀପ କ୍ୟାରିୟରର ୬୧ତମ ମ୍ୟାଚରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଯାହାକି ଚହଲଙ୍କ ମ୍ୟାଚ ସଂଖ୍ୟାଠାରୁ ୧୯ କମ୍। ଚହଲ ୮୦ ମ୍ୟାଚରୁ ୯୬ ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ। ୨୫ ବର୍ଷୀୟ ଏହି ପ୍ରତିଭା ସମ୍ପନ୍ନ ବୋଲର ଡେବ୍ୟୁ କରିବା ପରଠାରୁ ଭାରତର ଅଧିକାଂଶ ମ୍ୟାଚ ଖେଳି ଆସିଛନ୍ତି। ସେ ୨ ଥର ୪ ଉଇକେଟ ସଫଳତା ହାସଲ ମଧ୍ୟ କରିଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ହେଉଛି ୪/୯। ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ସେ ପ୍ରଥମେ ଫିଲ୍ ସଲ୍ଟଙ୍କୁ ଆଉଟ କରି ଚହଲଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହାପରେ ବେନ୍ ଡକେଟଙ୍କ ଉଇକେଟ ନେଇ ରେକର୍ଡର ଅଧିକାରୀ ହୋଇ ଯାଇଥିଲେ।



ଉଇକେଟ ନେବାପରେ ଅର୍ଶଦୀପ ସିଂ।

ଟସ୍ ଜିତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ପ୍ରଥମ ଓଭରର ୩ୟ ବଲ୍‌ରେ ଫିଲ୍ ସଲ୍ଟ (୦) ଓ ତୃତୀୟ ଓଭରର ୫ମ ବଲ୍‌ରେ ବେନ୍ ଡକେଟ (୪)ଙ୍କୁ ଆଉଟ କରି ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଧିନାୟକ ଜୋସ୍ ବଟଲରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟର ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବଟଲର ଗୋଟିଏ ପଟରେ ଘରୋଇ ବୋଲରଙ୍କୁ ମୁକାବିଲା କରି ୪୪ ବଲ୍‌ରୁ ଦ୍ରୁତ ୬୮ ରନ ସ୍କୋର କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘଟିବାରୁ ଇଂଲଣ୍ଡ ଅଲ୍‌ଆଉଟ ହୋଇ ଯାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ଉଇକେଟ ନେଇଥିବାବେଳେ ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ୨ଟି ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୩୨/ଅଲ୍‌ଆଉଟ (ଜୋସ ବଟଲର-୬୮, ବରୁଣ ଚକ୍ରବର୍ତ୍ତୀ-୩/୨୩, ଅର୍ଶଦୀପ ସିଂ-୨/୧୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୨, ଅକ୍ଷର ପଟେଲ-୨/୨୨)। ଭାରତ ୧୨.୫ ଓଭରରେ ୧୩୩/୩ (ଅଭିଷେକ ଶର୍ମା-୭୯, ସଞ୍ଜୁ ସାମସନ-୨୬, ଜୋଫ୍ରା ଆର୍ଚର-୨/୨୧, ଆଦିଲ ରଶିଦ-୧/୨୭)।

# ବେଙ୍ଗଲ ଟାଇଗର୍ସର ଦ୍ୱିତୀୟ ବିଜୟ



ମ୍ୟାଚ ବିଜୟରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଖେଳାଳି।

**ମହିଳା ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ଶ୍ରାଚୀରର୍ ବେଙ୍ଗଲ ଟାଇଗର୍ସ ୨-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ବିଜୟୀ ଦଳ ପକ୍ଷରୁ ମୁଲାନ କାଥରିନ ୨୧ ଓ ୩୩ତମ ମିନିଟରେ ଗୋଲ ଦୁଇଟି ସ୍କୋର କରିଥିଲେ। ଚଳିତ ଲିଗ୍‌ରେ ୫ ମ୍ୟାଚରୁ ବେଙ୍ଗଲ ଟାଇଗର୍ସର ଏହାଥିଲା ଦ୍ୱିତୀୟ ବିଜୟ। ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୫ ମ୍ୟାଚରୁ ୪ର୍ଥ ପରାଜୟ ସହ ୩ ପଏଣ୍ଟରେ ରହି ପ୍ରଥମ ଦଳଭାବେ ଏଲିମିନେଟ ହୋଇଯାଇଛି।

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍-ସଟ୍ ପ୍ରତିଯୋଗିତା ୨୬ରେ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ସ୍ଲିଙ୍ଗ୍-ସଟ୍ ଓଡ଼ିଶା ଅନୁକୂଲ୍ୟରେ ପ୍ରଥମ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଚଳିତ ମାସ ୨୬ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ସ୍ଲିଙ୍ଗ୍-ସଟ୍ ଓଡ଼ିଶାର ଅଫିସିଆଲମାନେ ଏହି ପ୍ରତିଯୋଗିତାକୁ ପରିଚାଳନା କରିବେ। ସ୍ଲିଙ୍ଗ୍-ସଟ୍ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆୟୋଜକଙ୍କର ଏହା ଏକ ଅଭିନବ ପ୍ରୟାସ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ହେବାକୁଥିବା ଜାତୀୟ ସ୍ଲିଙ୍ଗ ଶଟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ।

# ତୃଣମୂଳ ସ୍ତରରୁ ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଏବଂ ତୃଣମୂଳ ସ୍ତରରୁ କ୍ରୀଡ଼ାବିତମାନଙ୍କୁ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ ନିମନ୍ତେ ଆରମ୍ଭ ହୋଇଛି ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ୧୫ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ପ୍ରଥମ ଚରଣରେ ରାଜ୍ୟର ୧୬ଟି ସ୍ଥାନ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ରାଉରକେଲାରେ ସିଏମ ଟ୍ରଫି ଫୁଟବଲ ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ଆୟୋଜନ ହେବା ସମ୍ପର୍କରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ହେଉଛି ଆମ ଲକ୍ଷ୍ୟ। ସିଏମ ଟ୍ରଫି ଫୁଟବଲର ଆୟୋଜନ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ ନିଶ୍ଚିତରୂପେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ସମସ୍ତଙ୍କ ପାଇଁ ଗୌରବ ଆଣିବେ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।



ସୂର୍ଯ୍ୟବଂଶୀ ସୂରଜ

ସୂଚନାଯୋଗ୍ୟ ଯେ, ସିଏମ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ବିଭିନ୍ନ ଚରଣରେ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ଚରଣରେ ଏହା ଜିଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଉଛି। ଏହାପରେ ଜିଲା ସ୍ତରରୁ ମନୋନୀତ ମୋଟ ୩୧ ଦଳକୁ (୩୦ଟି ଜିଲାରୁ ୩୦ଟି ଦଳ ଏବଂ ଭୁବନେଶ୍ୱରରୁ ଗୋଟିଏ ଦଳ) ୪ ଗୋଟି କ୍ଲଷ୍ଟର (କ୍ଲଷ୍ଟର- ସମ୍ବଲପୁର, ଭୁବନେଶ୍ୱର, ଜୟପୁର ଏବଂ କେନ୍ଦୁଝର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲ ଜୟପୁର ଓ ରାଉରକେଲାରେ ଏବଂ ଫାଇନାଲ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

**ଚାମ୍ପିୟନ୍ସ ଟ୍ରଫିରେ ଡ୍ରେସ୍ କୋଡ୍**

# ଆଇସିସି ଗାଇଡଲାଇନ ମାନିବ ଭାରତ

**ନୂଆଦିଲ୍ଲୀ, ୨୨।୧ (ପି.ଟି.):** ଆସନ୍ତା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ପକ୍ଷରୁ ଧାର୍ଯ୍ୟ ଗାଇଡଲାଇନ୍‌କୁ ମାନିବ। ଅଫିସିଆଲ ଜର୍ସିରେ ପାକିସ୍ତାନ ଲେଖାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧ କରୁଛି ବୋଲି ଯାହା ଆଲୋଚନା ହେଉଛି ତାହା ଭିତ୍ତିହୀନ ବୋଲି ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେବ। ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ଭାରତ ମନା କରିଦେବାପରେ ହାଇବ୍ରିଡ୍ ମୋଡ୍‌ରେ ଏହି ନିଷ୍ପତ୍ତି ହୋଇଛି। ଚାମ୍ପିୟନ୍ସ ଟ୍ରଫି ଅବସରରେ ବିସିସିଆଇ ଆଇସିସିର ସମସ୍ତ ୟୁନିଫର୍ମ ନିୟମ ମାନିବ ବୋଲି ସାଇକିଆ ସ୍ପଷ୍ଟ କରିଛନ୍ତି। ଅନ୍ୟ ଦଳ ଗୁଡ଼ିକ ଯେଉଁ ଲୋଗୋ ଏବଂ ଡ୍ରେସ୍ କୋଡ୍ ପାଳନ କରିବେ ଭାରତ ମଧ୍ୟ ତାହା କରିବ ବୋଲି ସେ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଟିମ୍ ଜର୍ସିରେ 'ପାକିସ୍ତାନ' (ଆୟୋଜକ ଦେଶ) ଲେଖାକୁ ନେଇ ଭାରତ ଆପତ୍ତି ଉଠାଇଛି ବୋଲି ମିଡିଆ ରିପୋର୍ଟମାନ ପ୍ରକାଶ ପାଇଛି। ମାତ୍ର ପ୍ରକୃତରେ ବିସିସିଆଇ କେବେହେଲେ ଲୋଗୋ ଗାଇଡଲାଇନ୍‌କୁ ମାନିବାରେ ଚିନ୍ତା ପ୍ରକଟ କରିନାହିଁ। ପାକିସ୍ତାନ ଯେତେବେଳେ ୫୦ ଓଭର ଆଇସିସି ବିଶ୍ୱକପ ଖେଳିବାକୁ ଭାରତ ଆସିଥିଲା ବାବର ଆଜମ ଏବଂ ତାଙ୍କ ଦଳର ସଦସ୍ୟ ଆୟୋଜକ ଦେଶର ନାମଥିବା ଜର୍ସି ପରିଧାନ କରିଥିଲେ। ଏହା ହେଉଛି ଟୁର୍ନାମେଣ୍ଟ ପ୍ରୋଟୋକଲ। ହାଇବ୍ରିଡ୍ ମଡେଲରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଏପରିକି ପାକିସ୍ତାନ ବିପକ୍ଷ ମ୍ୟାଚ ମଧ୍ୟ ଏଠାରେ ଅନୁଷ୍ଠିତ ହେବ।

# ସିନର, ଶେଲଟନ ସେମିଫାଇନାଲରେ



କ୍ୱାର୍ଟର ଫାଇନାଲ ଜିତିବାପରେ ଜାନିକ ସିନରଙ୍କ ପ୍ରତିକ୍ରିୟା।

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୨୨।୧**

ଟପ୍ ସିଡ୍ ଜାନିକ ସିନର ଓ ୨୧ତମ ସିଡ୍ ବେନ୍ ଶେଲଟନ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଇଟାଲୀର ସିନର ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ୬-୩, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଆସନ୍ତା ୨୪ରେ ପ୍ରଥମ ସେମିଫାଇନାଲରେ ସିନର ଆମେରିକାର ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଶେଲଟନ ୬-୪, ୭-୫, ୪-୬, ୭-୬ (୭/୪) ସେଟ୍‌ରେ ଇଟାଲୀର ଅଣସିଡେଡ ଲୋରେଞ୍ଜୋ ସୋନେଗୋଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କ ମଧ୍ୟରେ ମୁକାବିଲା ହେବ।

## ସ୍ୱିଟେକ-କିଜ୍ ସେମିଫାଇନାଲ

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଇଗା ସ୍ୱିଟେକ ଓ ୧୯ଶ ସିଡ୍ ମାଡିସନ କିଜ୍‌ଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପୋଲାଣ୍ଡର ସ୍ୱିଟେକ ୬-୧, ୬-୨ ସେଟ୍‌ରେ ଆମେରିକାର ଇମା ନାଭାରୋଙ୍କୁ ପରାସ୍ତ କରିଛନ୍ତି। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କିଜ୍ ୩-୬, ୬-୩, ୬-୪ରେ ୨୮ତମ ସିଡ୍ ୟୁକ୍ରେନର ଇଲିନା ସ୍ୱେତଲିନାଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ସେମିଫାଇନାଲରେ ବେଲାରୁଷର ଆରିନା ସାବାଲେଙ୍କା ଓ ସ୍ପେନର ପାଉଲା ବଦୋସାଙ୍କ ମଧ୍ୟରେ ଲଢ଼େଇ ହେବ।

ପୁରୁଷ ଡବଲ୍ସରେ ଟିମ୍ ପୁଜ୍ ଓ କେଭିନ କ୍ରାୱେଜ ଯୋଡ଼ି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ଜୁଲିଆନ କାଶ ଓ ଲିୟଡ ଗ୍ଲାସପୁଲଙ୍କୁ ୭-୬ (୧୧/୯), ୭-୬ (୭/୫) ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସରେ ଟେଲର ଟାଉନସେଣ୍ଡ-କାଟରିନା ସିନିକୋଭା ଯୋଡ଼ି ୬-୧, ୬-୫ରେ କ୍ରିଷ୍ଟିନା ମାଲଡେନୋଭିଚ୍ ଓ ଝାଙ୍ଗ ଶୁଇଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)**

ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ଚାମ୍ପିୟନଶିପ୍‌ର ୧୫ ଏସ୍ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ବ୍ୟତୀତ ୭ ଏସ ବର୍ଗରେ ଦଳ ରନରଅପ୍ ହୋଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୫ଏସ ଫାଇନାଲରେ କିଟ୍ ୧୫-୧୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ପରାସ୍ତ କରିଛି। ପଞ୍ଜାବର ଲଭଲି ପ୍ରଫେଶନାଲ ୟୁନିଭର୍ସିଟିକୁ ୪୧-୦ରେ ହରାଇ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ୭ଏସ୍ ଫାଇନାଲରେ ଶିବାଜୀ ବିଶ୍ୱବିଦ୍ୟାଳୟଠାରୁ କିଟ୍ ୫-୧୫ରେ ହାରି ଯାଇଛି। ଲଭଲି ପ୍ରଫେଶନାଲ ୟୁନିଭର୍ସିଟି ୪୩-୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀର ୧୫ ଏସ୍ ବର୍ଗରେ ଚାମ୍ପିୟନ କିଟ୍ ଦଳ।

**ହକି ଇଣ୍ଡିଆ ଲିଗ୍**

# ସୁର୍‌ମା ବିଜୟୀ

**ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ):** ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ସୁର୍‌ମା ହକି କ୍ଲବ ୨-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ହରଜିତ ସିଂ ୯ମ ଓ ଗୁରଜାନ୍ତ ସିଂ ୧୭ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦିଲ୍ଲୀ ପକ୍ଷରୁ କୋରେ ଓୱେର ୫୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୮ ମ୍ୟାଚରୁ ୩ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହିତ ସୁର୍‌ମା ୧୪ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୯ ମ୍ୟାଚରୁ ୮ମ ପରାଜୟ ବରଣ କରିଛି।

# ଖୋ ଖୋ ବିଶ୍ୱକପ୍ ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନ୍ୟ ଅତିଥିଙ୍କ ଗହଣରେ ଭାରତୀୟ ମହିଳା ଖୋ ଖୋ ଦଳ।

**ନୂଆଦିଲ୍ଲୀ, ୨୨।୧**

ସର୍ବପ୍ରଥମ ଖୋ ଖୋ ବିଶ୍ୱକପରେ ଚାମ୍ପିୟନ ହୋଇ ଭାରତୀୟ ମହିଳା ଓ ପୁରୁଷ ଦଳ ଇତିହାସ ରଚିଛି। ଫଳରେ ଦୁଇ ଦଳକୁ ଏବେ ଅଭିନନ୍ଦନର ସୁଅ ଛୁଟିଛି। ଏହି କ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଦୁଇ ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଦଳ ପୂରା ଭାରତକୁ ଗର୍ବିତ କରିଛନ୍ତି ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ପ୍ରତୀକ ୱାଇକରଙ୍କ ନେତୃତ୍ୱାଧୀନ ପୁରୁଷ ଓ ପ୍ରିୟଙ୍କ ଇଙ୍ଗଲେଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଫାଇନାଲରେ ନେପାଳକୁ ପରାସ୍ତ କରି ବିଶ୍ୱ ଚାମ୍ପିୟନ ହୋଇଥିଲା। ପ୍ରଥମଥର ପାଇଁ ଅନୁଷ୍ଠିତ ଏହି ବିଶ୍ୱକପରେ ୨୩ଟି ଦେଶ ଅଂଶଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ୨୦ ଓ ମହିଳାରେ ୧୯ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ